ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE- 18 ♦ CUTTACK ♦ WEEKLY ♦ 04 TO 10 - MAY 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୧୮ ♦ କଟକ ♦ ସାପ୍ତାହିକ ♦ ୦୪ ରୁ ୧୦-ମଇ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ବିଏନ୍‌କେ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ

## ବିଦ୍ୟୁତ୍ କାଟ୍‌ର ହେବ ମରାମତି

**ଭୁବନେଶ୍ୱର/ଚମ୍ପୁଆ(ଏନ୍.ଏମ୍.) :** କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ବଡ଼ବିଲ ଅଂଚଳର ଉଚ୍ଚବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି । ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ଉଚ୍ଚବାଲି, କେନ୍ଦୁଝର ପାଇଁ ସବ ଷ୍ଟେସନ ସମେତ ୫ ଟି ନୂଆ ଟ୍ରାନ୍ସମିଶନ ଲାଇନ ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା



କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଞ୍ଚଳକୁ ଏକ ସୁଦୃଢ଼ ନେଟୱର୍କରେ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି ଲିଲୋ ଲାଇନ ସହି ଟିଟିପିଏସ୍-ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ। ଏହା ଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ। ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା। ଆମେ ହଟଲାଇନ ରକ୍ଷଣାବେକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ।' ରାଜ୍ୟର ବିଦ୍ୟୁତ୍ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରିବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, 'ଆମେ ଓଡ଼ିଶାକୁ ଡିଜିଟାଲାଇଜେସନ ଦିଗରେ ଆଗେଇ ନେଉଛୁ। ମଞ୍ଚେଶ୍ୱରଠାରେ ନିର୍ମିତ ନୂତନ ରାଜ୍ୟ ଲୋଡ୍ ପ୍ରେରଣ କେନ୍ଦ୍ର ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏହାସହ ଏସ୍‌ଟିଏଏମ୍‌ଏସ୍ ପ୍ରକଳ୍ପ ଜରିଆରେ ୭୦ଟି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

### ରାଜ୍ୟରେ ସୁଧୁରୁନି ବ୍ୟବସ୍ଥା

## ଚର୍ଚ୍ଚାରେ ସେବେ ଦାନ ମାଝୀ, ଏବେ ଜିତୁ ମୁଣ୍ଡା



**ପାଟଣା(ଏନ୍.ଏମ୍.) :** ସ୍ୱାଧୀନତାର ବହୁବର୍ଷ ପରେ ବି ବାବୁମାନଙ୍କ ନାଲିଆଖି କବଳରୁ ମୁକ୍ତ ହେଉନାହାଁନ୍ତି ଗରୀବ ଖଟିଖିଆ ଦିନମଜୁରିଆ। କେହିବି ତାଙ୍କୁ ହସିକରି ପଦେ ପ୍ରଶାସନର ବ୍ୟବସ୍ଥା ବିଷୟରେ କହୁନାହାଁନ୍ତି। ଯାହାର ପରିଣାମ ସ୍ୱରୂପ ଆଜି ରାଜ୍ୟର ଅବସ୍ଥା, ଦେଶର ଅବସ୍ଥା ଦେଖିଲେ ଲାଗୁଛି କେବଳ ରାଜନୀତି, ରାଜନେତାଙ୍କ ଭାଷଣରେ ସବୁକିଛି ରହିଯାଇଛି। ଭଉଣୀର କଙ୍କାଳ ଭାଇ ବୋହିବାକୁ ନେଇ ସାରା ଦେଶରେ ହଇଚଇ । କେନ୍ଦୁଝର ଜିଲ୍ଲା ପାଟଣାର ଏହି ଉଦବେଗଜନକ ଘଟଣା ତୀବ୍ର ସମାଲୋଚିତ ହେବା ପରେ, ଆଜି ଜିତୁ ମୁଣ୍ଡାଙ୍କ ପାଖରେ ପହଞ୍ଚିଛି ପ୍ରଶାସନ। ଜିତୁ ଫେରିପାଇଛନ୍ତି ତାଙ୍କ ଭଉଣୀ ବ୍ୟାଙ୍କରେ ଜମା କରିଥିବା ଟଙ୍କା । ତେବେ ଏସବୁ ଭିତରେ, ୧୦ ବର୍ଷ ପରେ ପୁଣି ପଦାରେ ପଡ଼ିଛି ବ୍ୟବସ୍ଥାର ବିକଳ ଚିତ୍ର । ସେବେ ବି ଓଡ଼ିଶା ଲଜ୍ଜିତ ହୋଇଥିଲା... ଏବେ ପୁଣି ତଳକୁ ହୋଇଗଲା ମୁଣ୍ଡ.. । ୧୦ ବର୍ଷ ତଳେ ସ୍ତ୍ରୀର ଶବ ବୋହିଥିଲା ସ୍ୱାମୀ... କାଲି ଭାଇ ବୋହିଆଣିଲା ଭଉଣୀର କଙ୍କାଳ ।.. ଦାନ ମାଝୀ ହୁଅନ୍ତୁ,ଅବା ଜିତୁ ମୁଣ୍ଡା. କାନ୍ଧରେ ଶବ ଚିତ୍କାର କରି କହୁଥିଲା- ଉଭୟଙ୍କ ଅସହାୟତା... ଏବେ ବି ବ୍ୟକ୍ତି ଓ ବ୍ୟବସ୍ଥା ଭିତରେ ଥିବା ଆକାଶ ପାତାଳ ଦୂରତା ।... ବ୍ୟାଙ୍କ ବାବୁଙ୍କ ଏଭଳି କଥା ଶୁଣି ସମାଧି ଖୋଳି ୩ କିଲୋମିଟର ଦୂରରୁ ଭଉଣୀର କଙ୍କାଳ ବୋହି ଆଣିଥିଲେ ଜିତୁ ମୁଣ୍ଡା । ଖାଲି ରାଜ୍ୟ ନୁହେଁ, ସାରା ଦେଶରେ ଏହି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

### 'ଡାଲମା' ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ : ମୁଖ୍ୟମନ୍ତ୍ରୀ

## ଜାପାନ ରାଷ୍ଟ୍ରଦୂତ ଖାଇଲେ ଓଡ଼ିଶାର 'ଡାଲମା'

**ଭୁବନେଶ୍ୱର(ଏନ୍.ଏମ୍.):** ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସ୍‌ଡବ୍ଲ୍ୟୁ ଓ ଜାପାନର ଜେଇଏଫ୍ ଷ୍ଟିଲ୍ ମଧ୍ୟରେ ଏକ ଜଏଣ୍ଟ ଭେନ୍ଚର୍ ଗତ ୨୪ ତାରିଖରେ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ



ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା।

ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ। ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ' ରେ ଲେଖିଛନ୍ତି ଯେ, "ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ୨୦୩୬ ସୁଦ୍ଧା ଶୋଧିତ ଜଳର ୫୦% ପୁନଃ ବ୍ୟବହାର ହେବ

**ଭୁବନେଶ୍ୱର(ଏନ୍.ଏମ୍.) :** ମଧୁର ଜଳର ସୁରକ୍ଷା ଓ ସହରାଞ୍ଚଳ ବିକାଶ କ୍ଷେତ୍ରରେ ପୁନଃ ବ୍ୟବହାରକ୍ଷମ ଅର୍ଥନୀତି (ସର୍କୁଲାର ଇକୋନୋମି)କୁ ପ୍ରୋତ୍ସାହିତ କରାଯିବ। ଏନେଇ ରାଜ୍ୟ ସରକାର 'ଓଡ଼ିଶା ସହରାଞ୍ଚଳ ଶୋଧିତ ବ୍ୟବହୃତ ଜଳର ପୁନଃବ୍ୟବାହାର ନୀତି, ୨୦୨୬' ଅଧିସୂଚିତ କରିଛନ୍ତି। ବ୍ୟବହୃତ ଅପରିଷ୍କାର ଜଳକୁ କେବଳ ଏକ ବର୍ଜ୍ୟବସ୍ତୁ ଭାବେ ନଦେଖି ଏହାକୁ ଏକ ମୂଲ୍ୟବାନ ଅର୍ଥନୈତିକ ସମ୍ବଳରେ ପରିଣତ କରିବା ପାଇଁ ଏହି ନୀତି ଏକ ବ୍ୟବସ୍ଥା ସୃଷ୍ଟି କରିବ। ଏହା ସହିତ ରାଜ୍ୟର ବିଭିନ୍ନ




ସହରାଞ୍ଚଳରେ ଦେଖାଦେଉଥିବା ଋତୁକାଳୀନ ଏବଂ ସ୍ଥାନୀୟ ଜଳ ସଙ୍କଟର ସମାଧାନ ହୋଇପାରିବ। ଅଧିସୂଚିତ ନୀତି ଅନୁସାରେ, ୨୦୩୦ ସୁଦ୍ଧା ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ବ୍ୟବହୃତ ଜଳର ୧୦୦% ସଂଗ୍ରହ, ପରିବହନ ଏବଂ ଶୋଧନ ନିଶ୍ଚିତ କରିବା। ଏଥିସହ ଶୋଧିତ ଜଳର ଅତିକମରେ ୨୦% ପୁନଃ ବ୍ୟବହାର କରିବା। ୨୦୩୬ ସୁଦ୍ଧା ଶୋଧିତ ଜଳର ପୁନଃ ବ୍ୟବହାର ପରିମାଣକୁ ଅତିକମରେ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିବା। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଓଡ଼ିଶାରେ ଦୈନିକ ପ୍ରାୟ ୧,୧୦୪ ନିୟୁତ ଲିଟର ଦୈନିକ (ଏମ୍‌ଏଲ୍‌ଡି) ବ୍ୟବହୃତ ଜଳ ନିର୍ଗତ ହେଉଛି। ସେଥିମଧ୍ୟରୁ ମାତ୍ର ୧୯୦ ଏମ୍‌ଏଲ୍‌ଡି ଶୋଧିତ ହେଉଛି। ଏହି ବ୍ୟବଧାନକୁ ଦୂର କରିବା ପାଇଁ ନୂତନ ନୀତିରେ ଜଳ ଶୋଧନକୁ ବାଧ୍ୟତାମୂଳକ କରାଯିବା ସହ ଅଣ-ପାନୀୟ କାର୍ଯ୍ୟ ପାଇଁ ନିରାପତ୍ତା ମାନକ ଅନୁଯାୟୀ ଏହାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି।

## ଫିଲ୍ମ ଷ୍ଟାଇଲରେ ବ୍ୟବସାୟୀଙ୍କୁ ଉଠାଇ ନେଉଥିଲେ, ମାଡ଼ି ବସିଲା ପୁଲିସ



**ଭଦ୍ରକ,(ଏନ୍.ଏମ୍.) :** ଫିଲ୍ମ ଷ୍ଟାଇଲରେ କିଡନାପ୍। ହେଲେ ପୁଲିସ ପଞ୍ଝାରୁ ବର୍ତ୍ତି ପରିଲେନି ଅପହରଣକାରୀ। ଗୋଡାଇ ଗୋଡାଇ ଧରିଲା ପୁଲିସ ଟିମ୍। ଗଞ୍ଜାମର ଜମି ବ୍ୟବସାୟୀ ସୁଧୀର ପାତ୍ର ଅପହରଣ, ହତ୍ୟା ଘଟଣା ମନରୁ ନଲିଭୁଣୁ ଭଦ୍ରକରେ କାଜୁ ବ୍ୟବସାୟୀଙ୍କୁ କିଡନାପ୍ ଉଦ୍ୟମ। ବିଚ୍ ରାସ୍ତାରୁ ଯୁବକଙ୍କୁ ଉଠାଇନେଇଗଲେ ଅପହରଣକାରୀ। ହେଲେ ବ୍ୟବସାୟୀଙ୍କୁ ଗୋଡାଇ ଗୋଡାଇ ଧରିବା ସଫଳ ହୋଇଛି ଭଦ୍ରକ ପୁଲିସ। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ପୋଷ୍ଟ ଅଫିସ ଛକ ପେଟ୍ରୋଲ ଟାଙ୍କି ନିକଟରୁ ଯୁବକଙ୍କୁ ଅପହରଣ କରିଥିଲେ ଦୁର୍ବୃତ୍ତ। ରାସ୍ତାରେ ଯାଉଥିବା ଜଣେ ଯୁବକଙ୍କୁ ଟେକି ନେଇ ବୋଲେରରେ ଫେରାର୍ ହୋଇଯାଇଥିଲେ । କୀଡନାପ ହୋଇଥିବା ସ୍ଥାନରେ ବ୍ୟବସାୟୀଙ୍କ ଜୋତା ଓ ପନିପାରିବା ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଛି। ସେପଟେ ଖବର ପାଇ ଭଦ୍ରକ ଟାଉନ ଥାନା ପୁଲିସ ପ୍ରଥମେ ସହରରେ ନାକାବନ୍ଦୀ ଲଗାଇ ଦେଇଥିଲା। ଏହା ସହିତ ଗୋଟିଏ ଟିମ୍ ଅପହରଣକାରୀଙ୍କୁ ଗାଡ଼ିକୁ ପିଛା କରିଥିଲେ ଏବଂ ସେମାନଙ୍କୁ ଧରିବାରେ ସଫଳ ମଧ୍ୟ ହୋଇଥିଲା । ପୁଲିସ ଗାଡ଼ିକୁ ଅଟକ ଯୁବକଙ୍କୁ ଉଦ୍ଧାର କରିଛି। ଏଥିସହିତ ୩ଜଣ ଅପହରଣକାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି । ତେବେ ଟଙ୍କା କାରବାରକୁ ନେଇ ଗଞ୍ଜାମରୁ ଆସି ଭଦ୍ରକରୁ କିଡନାପ କରିଥିବା ଜଣାପଡିଛି । କାଜୁ ବେପାରରେ ୭୦ ଲକ୍ଷ ଟଙ୍କା ଠକେଇ ପାଇଁ ଅପହରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଝଡ଼ାଫୁଙ୍କା ନାଁରେ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କଲେ ବାବା

**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** ଝଡ଼ାଫୁଙ୍କା ନାଁରେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଛି। ଜଣେ ଆତ୍ମଘୋଷିତ ବାବା ନାଁରେ ଅଭିଯୋଗ ଆସିଛି । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅଧୀନ ଛେଡ଼ାକଣି ଗ୍ରାମରୁ ଏଭଳି ସଙ୍ଗିନ ଅଭିଯୋଗ ଆସିଛି । ଜନୈକା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଝଡ଼ାଫୁଙ୍କା କରିବା ସମୟରେ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ପୀଡ଼ିତା ନିଜେ ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବାବାକୁ ମହାକାଳପଡ଼ା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ର ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ବାରିମୂଳ ସବଜେଲ୍‌କୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ବାବାକୁ ଗିରଫ କରିବାକୁ ଯାଇଥିବା ବେଳେ ପୁଲିସ ହଟହଟା ହୋଇଥିଲା। ପୁଲିସ ଗାଡ଼ି ଆଗରେ ବାବାର ସମର୍ଥକ ଓ ଗ୍ରାମବାସୀ ବସି ରହିଥିଲେ। ବାବାକୁ ଗିରଫ ନକରିବା ଜିଦରେ ଅଡ଼ି ବସିଥିଲେ। ଫଳରେ ବେଶ୍ କିଛି ସମୟ ଧରି ପୁଲିସ ଓ ଜନତାଙ୍କ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଥିଲା।

ପୀଡ଼ିତା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ ସେ ତାଙ୍କ ମାମୁଘର ଛେଡ଼ାକଣିକୁ ମାମୁ ଝିଅର ଜନ୍ମଦିନ ପାଳନ କରିବା ପାଇଁ ଯାଇଥିଲେ। ରାତିରେ ଖାଇ ସାରିବା ପରେ ସେ ଅଚାନକ ଅସୁସ୍ଥ ଅନୁଭବ କରିଥିଲେ। ସକାଳୁ ଭାଗବତ ଗାଦି ପୂଜା କରୁଥିବା ଓ ଏବଂ ନିଜକୁ ଧର୍ମବାଣୀ ପ୍ରଚାରକ ଭାବେ କହି ଆସୁଥିବା ଗୁଆଳକଣି ଗ୍ରାମର ସୁରେନ୍ଦ୍ର ରାଉତ ପାଖ ପାଖକୁ ଯାଇ ସମସ୍ୟା ବାବଦରେ କହିଥିଲେ। ସୁରେନ୍ଦ୍ର ତାଙ୍କୁ କହିଥିଲେ କି ତୁମେ ଘରକୁ ଯାଅ। ମୁଁ ଯାଇ ତମ ଘରେ ଝାଡ଼ିଦେବି। ତୁମ ଦେହ ଭଲ ହୋଇଯିବ। କହିବା ମୁତାବକ ବାବା ଘରେ ପହଞ୍ଚି ପୀଡ଼ିତାଙ୍କୁ ଝଡ଼ାଫୁଙ୍କା କରିଥିଲା। ତେବେ ଝଡ଼ାଫୁଙ୍କା ବାହାନାରେ ଦୁଷ୍କର୍ମ ଉଦ୍ୟମ କରିଥିଲା। ସଂପୃକ୍ତ ନାବାଳିକା ଚିତ୍କାର କରିବାରୁ ତାଙ୍କ ପାଟିକୁ ବାବା ଜଣ ଚାପି ଧରିଥିଲା। ପୀଡ଼ିତାଙ୍କ ପାଟି ଶୁଣି ତାଙ୍କ ମା' ଦୌଡ଼ି ଆସିବାରୁ ବାବା ଖସି ପଳାଇବାକୁ ଉଦ୍ୟମ କରିଥିଲା। ପରେ ମାମୁଘର ଲୋକେ ତାକୁ କାବୁ କରି ନେଇଥିଲେ। ଖବର ପାଇ ବାବାଙ୍କ ସମ୍ପର୍କୀୟ ତଥା ବନ୍ଧୁବାନ୍ଧବ ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆତ୍ମଘୋଷିତ ବାବା ସୁରେନ୍ଦ୍ରକୁ ଥାନାକୁ ଆଣିବା ସମୟରେ ତାଙ୍କ ସମର୍ଥକ ଓ ସାଧାରଣ ଲୋକେ ପୁଲିସ ଗାଡ଼ି ଆଗରେ ବସିଥିଲେ। ପୁଲିସ ଓ ଜନତାଙ୍କ ମଧ୍ୟରେ ବେଶ କିଛି ସମୟ ପାଇଁ ଉଚ୍ଚବାଚ ଚାଲିଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ପୁଲିସ ନାକେଦମ ହୋଇଥିଲା। ବାବାର ଏଭଳି କାରନାମା ଖବର ଆଖପାଖ ଗାଁକୁ ବ୍ୟାପି ଯାଇଥିଲା। ଖବର ପାଇ ବହୁ ଲୋକ ଛେଡ଼ାକଣି ଗ୍ରାମରେ ପହଞ୍ଚି ଭିଡ଼ ଜମାଇଥିଲେ। ସୂଚନାଯୋଗ୍ୟ ଯେ ଗୁଆଳକିଣି ଗ୍ରାମନିବାସୀ ବାବା ସୁରେନ୍ଦ୍ର ଛେଡ଼ାକଣି ଗାଁ କୋଠଘରେ ଭାଗବତ ଗାଦି କରିଛି। ସେ ସକାଳ ଓ ସନ୍ଧ୍ୟାବେଳେ ଭାଗବତ ପୂଜା କରିଥାଏ। ମାଇକରେ ଗାଁ ଲୋକେ ଭାଗବତ ବାଣୀ ଶୁଣନ୍ତି। ଜଣେ ଭଗବତ ପ୍ରେମୀ ଓ ଭାଗବତ ବାଣୀ ଶୁଣାଇ ସମାଜରେ ସଂସ୍କାର ଆଣିବାକୁ ଉଦ୍ୟମ କରୁଥିବା ବ୍ୟକ୍ତିର ଏକ ଘୃଣ୍ୟ କାମକୁ ବହୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ଅପରପକ୍ଷେ ସୁରେନ୍ଦ୍ରର ସ୍ତ୍ରୀ ଅହଲ୍ୟା ରାଉତ ଥାନାରେ ପାଲଟା ଏତଲା ଦେଇଛନ୍ତି। ଅହଲ୍ୟା ଦର୍ଶାଇଛନ୍ତି ଯେ ତାଙ୍କ ସ୍ୱାମୀଙ୍କୁ ପୀଡ଼ିତାଙ୍କ ମାମୁଘର ଲୋକ ଅଟକାଇ ମାରଧର କରିଛନ୍ତି। ତାଙ୍କୁ ଗୋଟିଏ ଘରେ ବନ୍ଦ ରଖି ବାନ୍ଧି ମାଡ଼ ମାରିଛନ୍ତି। ସୁଧ ଟଙ୍କା ମାଗିବାରୁ ଟଙ୍କାକୁ ଫାଙ୍କିବା ପାଇଁ ଏହା ପ୍ରାୟୋଜିତ ଅଭିଯୋଗ ବୋଲି ସେ କହିଛନ୍ତି।

### ଆରମ୍ଭ ହେବ ମେଗା ଅପରେସନ

## ଉଗ୍ରବାଦୀଙ୍କ ନିପାତ ପାଇଁ ମୁତୟନ ହେବେ ଘାତକ 'କୋବ୍ରା'

**ନୂଆଦିଲ୍ଲୀ(ଏଜେନ୍ସି) :** ଦେଶରୁ ବାମପନ୍ଥୀ ଉଗ୍ରବାଦ ବା ନକ୍ସଲବାଦର ମୂଳୋତ୍ପାଟନ ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ସରକାର। ଏହି ମିଶନର ସଫଳତା ପରେ ଏବେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ପୂର୍ବୋତ୍ତର ଭାରତ। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ବର୍ଷ ବର୍ଷ ଧରି ଲାଗି ରହିଥିବା ଉଗ୍ରବାଦ ସମସ୍ୟାକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବା ପାଇଁ କେନ୍ଦ୍ର ସରକାର ୨୦୨୯ ମସିହାକୁ ଡେଡ୍‌ଲାଇନ ଭାବେ ଧାର୍ଯ୍ୟ କରିଛନ୍ତି। ବିଶେଷ କରି ମଣିପୁରକୁ ଏହି ଅଭିଯାନର କେନ୍ଦ୍ରବିନ୍ଦୁ କରାଯାଇଛି। ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେଉଁ ସୁରକ୍ଷାବଳ ବର୍ତ୍ତମାନ ନକ୍ସଲ ଏବଂ ମାଓବାଦ ପ୍ରଭାବିତ ଅଞ୍ଚଳରେ ମୁତୟନ ଅଛନ୍ତି, ସେମାନଙ୍କୁ ଏବେ ମଣିପୁର, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ନାଗାଲାଣ୍ଡ ପରି ଉଗ୍ରବାଦ ପ୍ରଭାବିତ ରାଜ୍ୟକୁ ପଠାଯିବ। କହିରଖୁଛୁ ଯେ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ (୨୦୨୬) ଏବଂ ଅମରନାଥ ଯାତ୍ରା ପରେ ଏହି ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବ। ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ପାଇଁ ସେଠାରେ



କିଛି ସମୟ ଯାଏଁ ସେନା ମୁତୟନ ରହିବେ । ୨୦୨୬ ମଧ୍ୟଭାଗରୁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ଚୟନିତ ୟୁନିଟଗୁଡ଼ିକୁ ପୂର୍ବୋତ୍ତରକୁ ପଠାଯିବ। ଏହି ଅଭିଯାନର ନେତୃତ୍ୱ ନେବେ ସିଆରପିଏଫ୍‌ର କୋବ୍ରା ଫୋର୍ସ । ଗରିଲା ଯୁଦ୍ଧରେ ମାହିର ଏହି କମାଣ୍ଡୋମାନେ ବର୍ତ୍ତମାନ ନକ୍ସଲ ଅଞ୍ଚଳରେ କାମ କରୁଛନ୍ତି। ପୂର୍ବୋତ୍ତରର ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ଉଗ୍ରବାଦୀଙ୍କୁ ଖୋଜି ଖୋଜି ନିପାତ କରିବା ପାଇଁ ଏହି ଫୋର୍ସକୁ ଦାୟିତ୍ୱ ଦିଆଯିବ। ଏହି ସ୍ଥାନାନ୍ତର ଧୀରେ ଧୀରେ କରାଯିବ ଯେପରି ନକ୍ସଲ ପ୍ରଭାବିତ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ନ ହୁଏ । ରିପୋର୍ଟ ଅନୁସାରେ, ପୂର୍ବୋତ୍ତର ଭାରତରେ ମୋଟ ୧୬ଟି ପ୍ରମୁଖ ଉଗ୍ରବାଦୀ ସଙ୍ଗଠନ ସକ୍ରିୟ ରହି ନିଜର ନାପାକ ମନସୁବା ଜାରି ରଖିଛନ୍ତି । ମଣିପୁରରେ ସର୍ବାଧିକ ୮ଟି ସଙ୍ଗଠନ ସକ୍ରିୟ । ଗତ ତିନି ବର୍ଷର ଜାତିଗତ ହିଂସା ପଛରେ ଏମାନଙ୍କର ବଡ଼ ହାତ ଥିବା କୁହାଯାଉଛି। ଆସାମରେ ୩ଟି ସଙ୍ଗଠନ। ମେଘାଳୟ ଓ ତ୍ରିପୁରାରେ ୨-୨ଟି ସଙ୍ଗଠନ । ନାଗାଲାଣ୍ଡରେ ଗୋଟିଏ ସଙ୍ଗଠନ ସକ୍ରିୟ। ପୂର୍ବୋତ୍ତରର ଅନେକ ଉଗ୍ରବାଦୀ ସଙ୍ଗଠନର ସମ୍ପର୍କ ବିଦେଶୀ ଶକ୍ତିଙ୍କ ସହ ରହିଛି, ଯେଉଁଠାରୁ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ପାଣ୍ଠି ଯୋଗାଇ ଦିଆଯାଉଛି । ଏହି ବିପଦକୁ ଦୃଷ୍ଟିରେ ରଖି ସରକାର ଅତ୍ୟାଧୁନିକ ଆଣ୍ଟି-ମାଇନ୍ସ ଭେହିକିଲ୍ ର ପ୍ରଥମ ଖେପ ମଣିପୁର ପଠାଇ ସାରିଛନ୍ତି। ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବାହିନୀକୁ ଆଇଇଡି ବିସ୍ଫୋରଣରୁ ରକ୍ଷା କରିବା ପାଇଁ ଏହି ଗାଡ଼ିଗୁଡ଼ିକ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ 'ଜିରୋ ଟଲରାନ୍ସ' ନୀତି ଆପଣାଇ ଭାରତ ସରକାର ୨୦୨୯ ସୁଦ୍ଧା ପୂର୍ବୋତ୍ତର ଭାରତକୁ ଏକ ଶାନ୍ତିପୂର୍ଣ୍ଣ ଏବଂ ଉଗ୍ରବାଦମୁକ୍ତ ଅଞ୍ଚଳରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

## ୨୬ତମ ସ୍ଥାନକୁ ଖସିଲେ ଦୀକ୍ଷା



**କେପ୍ ଟାଉନ୍ (ଏଜେନ୍ସି) :** ଦକ୍ଷିଣ ଆଫ୍ରିକାରେ ଚାଲିଥିବା 'ଇନଭେଷ୍ଟେକ୍ ଏସଏ ଓମେନ୍ସ ଓପନ୍' ଗଲ୍ଫ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଭାରତୀୟ ଖେଳାଳି ଦୀକ୍ଷା ଡାଗରଙ୍କ ପାଇଁ ନୈରାଶ୍ୟଜନକ ରହିଛି। ପ୍ରବଳ ପବନ ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିବା ବେଳେ ଦୀକ୍ଷା ମାତ୍ର ଗୋଟିଏ ବାର୍ଡି ହାସଲ କରିବା ସହ ଚାରୋଟି ବୋଗି କରିଥିଲେ। ଫଳରେ ସେ ଲିଡରବୋର୍ଡରେ ୨୪ତମ ସ୍ଥାନକୁ ଖସି ଆସିଛନ୍ତି। ଲେଡିଜ୍ ୟୁରୋପିଆନ୍ ଟୁର୍‌ରେ ଭାରତର ଅଗ୍ରଣୀ ଖେଳାଳି ଭାବେ ପରିଚିତ ଦୀକ୍ଷା ଚତୁର୍ଥ ହୋଲ୍‌ରେ ବାର୍ଡି କରିଥିଲେ ସୁଦ୍ଧା ଅଷ୍ଟମ, ନବମ, ୧୫ଶ ଏବଂ ୧୮ଶ ହୋଲ୍‌ରେ ସଟ୍ ହରାଇଥିଲେ। ଅନ୍ୟପଟେ ଭାରତୀୟ ଖେଳାଳି ପ୍ରଣଭୀ ଅର୍ସ (୭୪) ଏବଂ ଅବନୀ ପ୍ରଶାନ୍ତ (୭୫)ଙ୍କ ପ୍ରଦର୍ଶନରେ ସାମାନ୍ୟ ସୁଧାର ଆସିଛି। ପ୍ରଣଭୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

# 'ଖଳନାୟକ ରିଟର୍ଣ୍ଣ' ନିର୍ଦ୍ଦେଶନା ଦେବେନି ସୁଭାଷ ଘାଇ, ଫିଲ୍ମରେ କେମିଓରେ ନଜର ଆସିବେ



**ମୁମ୍ବାଇ(ଏଜେନ୍ସି):** ସଞ୍ଜୟ ଦତ୍ତଙ୍କ ଫିଲ୍ମ ଖଳନାୟକ ରିଟର୍ଣ୍ଣକୁ ନେଇ ବହୁ ଚର୍ଚ୍ଚା ଲାଗି ରହିଛି। ଯେବେଠାରୁ ଖଳନାୟକ ସିକ୍ୱେଲର ଘୋଷଣା ହୋଇଛି ଫ୍ୟାନ୍ସଙ୍କ ଉତ୍ସାହ ଧିରେ ଧିରେ ବଢିବାରେ ଲାଗିଛି। ନିକଟରେ ସଞ୍ଜୟ ଦତ୍ତ ୨୪ଏପ୍ରିଲରେ ନିଜ ଫାଷ୍ଟ ଲୁକ୍ ସେୟାର କରିବା ପରେ ଫିଲ୍ମକୁ ନେଇ ଚର୍ଚ୍ଚା ଦ୍ରୁତଗତିରେ ଚାଲିଛି। ମାତ୍ର ଏହା ମଧ୍ୟରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଫିଲ୍ମର ନିର୍ଦ୍ଦେଶକ ସୁଭାଷ ଘାଇ କନଫର୍ମ କରିଛନ୍ତି କି ସେ ଏଥରର ସିକ୍ୱେଲକୁ ନିର୍ଦ୍ଦେଶନା ଦେବେ ନାହିଁ। ସୁଭାଷ ଭାଇ ଏକ ସାକ୍ଷାତକାରରେ ସ୍ପଷ୍ଟ କରିଛନ୍ତି କି ସେ ଫିଲ୍ମ ସହ ଯୋଡ଼ି ରହିବେ। କିନ୍ତୁ ନିର୍ଦ୍ଦେଶନା ଦେବେ ନାହିଁ। ସେ କହିଛନ୍ତି କି ସଞ୍ଜୟ ଦତ୍ତ ଏହି ସିକ୍ୱେଲକୁ ନେଇ କେତେକ ବର୍ଷରୁ ଉତ୍ସାହିତ ଥିଲେ। ଏଭଳି କି ଜେଲରେ ରହିବା ସମୟରେ ବି ସେ ତାଙ୍କୁ ଚିଠି ଲେଖି କହିଥିଲେ କି, 'ଅଙ୍କଲ ମୁଁ ଏହି ଫିଲ୍ମ କରିବାକୁ ଚାହୁଁଛି'। ଏହାପରେ ସୁଭାଷ ଘାଇ ତାଙ୍କୁ ଫିଲ୍ମର କନସେପ୍ଟ ଏବଂ କାହାଣୀ ପଠାଇଥିଲେ। ଘାଇ ଆଗକୁ କହିଛନ୍ତି କି, ଯଦି ଆପଣ ମୋତେ ପଚାରିବେ, ତେବେ ମୁଁ କହିବି ଏହି ଫିଲ୍ମକୁ ମୋ ଭଳି କେହି ନିର୍ମାଣ କରିପାରିବେ ନାହିଁ। କିନ୍ତୁ ମୁଁ ନିଜ ଫିଲ୍ମକୁ ପୁଣି ଥରେ ନିର୍ମାଣ କରିବାକୁ ଚାହୁଁନାହିଁ, ଏବଂ ଏବେ ମୋ ବୟସ ୮୦ବର୍ଷ ହୋଇସାରିଛି। ମୁଁ ସଞ୍ଜୁଙ୍କୁ କହିଥିଲି କି ଯଦି ତୁମେ ଏତେ ଇଚ୍ଛୁକ ଅଛ ତେବେ ନିଜେ ଏହାକୁ ପ୍ରଡ୍ୟୁସ କରନ୍ତୁ। ମୁଁ କ୍ରିଏଟିଭ୍ ପ୍ରଡ୍ୟୁସର ଭାବେ ଯୋଡ଼ିପାରେ। ସେ ଭରସା ଦେଇଥିଲେ କି ସଞ୍ଜୟ ଦତ୍ତ ଖୁବଶୀଘ୍ର ଏହି ପ୍ରୋଜେକ୍ଟ ଲାଗି ସଠିକ୍ ନିର୍ଦ୍ଦେଶକ ବାଛିବେ ଏବଂ ଏହାର ଅଫିସିଆଲ୍ ଘୋଷଣା ବି କରିବେ। ପ୍ରକାଶ ଯେ, ସୁଭାଷ ଘାଇ ଏଥର ନିର୍ଦ୍ଦେଶନା ଭାର ସମ୍ଭାଳିବେ ନାହିଁ, ବରଂ ଫିଲ୍ମରେ କେମିଓରେ ନଜର ଆସିବେ। ସଞ୍ଜୟ ଦତ୍ତଙ୍କ ସହ ନିଜ ସମ୍ପର୍କକୁ ନେଇ ସେ କହିଥିଲେ କି, ସଞ୍ଜୁ ମୋର ପୁଅ ଭଳି। ଏଥିଲାଗି ମୁଁ ତା ଲାଗି ନିଶ୍ଚିତ କରିବି। ତାଙ୍କୁ ଏହା ବି କହିଥିଲି କି ସେ ପ୍ରଥମେ ଶାହାରୁଖ ଖାନଙ୍କ ଫିଲ୍ମ ଓମ୍ ଶାନ୍ତି ଓମରେ କେମିଓ କରି ସାରିଛନ୍ତି ଏବଂ ଇଣ୍ଡଷ୍ଟ୍ରିରେ ତିଆରି ହୋଇଥିବା ନିଜ ସମ୍ପର୍କକୁ ବହୁ ଗୁରୁତ୍ୱ ଦେଇଥାନ୍ତି।

# ଦ୍ୱିତୀୟ ବିବାହ ପ୍ରସଙ୍ଗରେ କହି ଟ୍ରୋଲ ହେଉଛନ୍ତି ପାକିସ୍ତାନୀ ଅଭିନେତ୍ରୀ



**ନୂଆଦିଲ୍ଲୀ(ଏଜେନ୍ସି):** ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି ପାକିସ୍ତାନୀ ଅଭିନେତ୍ରୀ ସଲିମ ଖାନଙ୍କ ଏକ ପ୍ରତିକ୍ରିୟା। ଯେଉଁଥିରେ ସେ ଦ୍ୱିତୀୟ ବିବାହ ସମ୍ପର୍କରେ ଏକ ପୋଡକାଷ୍ଟରେ ନିଜର ମତ ରଖିଥିଲେ। ଭିଡିଓଟି ପାକିସ୍ତାନରେ ବେଶ ଭାଇରାଲ ହେଉଥିବାବେଳେ ନିଜ ଦେଶର ଫ୍ୟାନ୍ସମାନେ ତାଙ୍କୁ ଟ୍ରୋଲ କରୁଥିବା ଦେଖିବାକୁ ମିଳିଛି। ଏହାସହ ବହୁ ଖରାପ କମେଣ୍ଟମାନ ମଧ୍ୟ ଦେଉଛନ୍ତି। କହି ରଖୁଛୁ କି, ଏକ ପୋଡକାଷ୍ଟରେ ଯୋଗ ଦେଇଥିବାବେଳେ ସଲିମଙ୍କ ବିବାହ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ସେ ନିଜର ଉତ୍ତର ଦ୍ୱିତୟ ବିବାହ ଏବଂ ପ୍ରଥମ ପତ୍ନୀଙ୍କୁ ଛାଡ଼ିବା ଉପରେ ନିଜର ପ୍ରତିକ୍ରିୟା ରଖିଥିଲେ। ସେ କହିଛନ୍ତି କି, କେବେ ମଧ୍ୟ ପ୍ରଥମ ସ୍ତ୍ରୀ ଛାଡ଼ନ୍ତୁ ନାହିଁ। କାରଣ ସେ ଆପଣଙ୍କ ବଂଶକୁ ଆଗକୁ ନେଇଥାନ୍ତି। ତେଣୁ ତାଙ୍କୁ କେବେ ମଧ ଛାଡ଼ନ୍ତୁ ନାହିଁ। ଏହାପରେ ପ୍ରଶ୍ନ କରାଯାଇଥିଲା କି, ପ୍ରଥମ ସ୍ତ୍ରୀ ଥିବାବେଳେ ଦ୍ୱିତୀୟ ବିବାହ କରିବା ଭୁଲ୍ କି ? ଉତ୍ତରରେ ସଲିମ କହିଥିଲେ କି, ଯଦି କୌଣସି ମହିଳାଙ୍କ ବୟସ ୪୦ଉପରେ ହୋଇଯାଇଛି। ଆଉ ତାଙ୍କ ସ୍ୱାମୀ ତାଙ୍କ ପାଖରେ ଖୁସି ନାହାନ୍ତି କିମ୍ବା ଭବିଷ୍ୟତ ଦେଖନ୍ତି ନାହିଁ ତାହେଲେ ସେ ଦ୍ୱିତୀୟ ବିବାହ କରିବା ଉଚିତ୍। ଯେଉଁଥିରେ କୌଣସି ଭୁଲ୍ ନାହିଁ। ତେବେ ସ୍ୱାମୀ ତାଙ୍କ ପତ୍ନୀଙ୍କ ଅନୁମତି ନେବା ଜରୁରୀ ବୋଲି କହିଛନ୍ତି। କିନ୍ତୁ ୪୦ ବର୍ଷ ପରେ ଦ୍ୱିତୀୟ ବିବାହ କହିଥିବା ମନ୍ତବ୍ୟକୁ ବିବାଦୀୟ ବୋଲି ନିଜ ଦେଶର ୟୁଜର୍ସମାନେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରି ଦେଇଛନ୍ତି। ତାଙ୍କର ଭିଡିଓକୁ ବେଶ ସେୟାର କରି ଟ୍ରୋଲ କରି କ୍ୟାପସନ ଦେଉଛନ୍ତି ୟୁଜର୍ସ। ଜଣେ ୟୁଜର୍ସ ଲେଖିଛନ୍ତି କି, ବାହାଘର କଣ ଏକ ଉପଭୋଗ ଜିନିଷ କି ? ଏହା ଏକ ଦାୟିତ୍ୱ। ଏହାସହ ଅନ୍ୟଜଣେ ୟୁଜର୍ସ ଲେଖିଛନ୍ତି କି, ଯଦି ଜଣେ ପୁରୁଷ ମହିଳାଙ୍କୁ ପସନ୍ଦ କରୁନି ତାହେଲେ ମହିଳା ଜଣକ କ'ଣ କରିବା ଉଚିତ୍ ବୋଲି ସେ କମେଣ୍ଟରେ ନିଜର ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଜଣେ ୟୁଜର୍ସ ବେଶ ରାଗିଯାଇଥିବା ଭଳି ମନେ ହେଉଛି। ସେ ନିଜର କମେଣ୍ଟରେ ଲେଖିଛନ୍ତି କି, ଏହି ଅଭିନେତ୍ରୀଙ୍କ ଏଭଳି ମନ୍ତବ୍ୟ ପାଇଁ ଜେଲ୍ ଦଣ୍ଡ ହେବା ଉଚିତ୍।

# ଓଡ଼ିଆ ଚଳଚ୍ଚିତ୍ର ଦିବସ : ଆନ୍ତରିକତା ନାହିଁ, ଇତିହାସ ହେବାକୁ ବସିଲାଣି ସିନେମା ହଲ୍



**ଭୁବନେଶ୍ୱର(ଏନ୍.ଏମ୍.):** ଯାତ୍ରା ପଥରେ ୯୦ ବର୍ଷ ଅତିକ୍ରାନ୍ତ କରିଛି ଓଡ଼ିଆ ସିନେମା। ୧୯୩୬ ଏପ୍ରିଲ୍ ୨୮ରେ ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ମୁକ୍ତିଲାଭ ଦିନ ହିସାବରେ ସମଗ୍ର ଓଲିଉଡ୍ ଓଡ଼ିଆ ଚଳଚ୍ଚିତ୍ର ଦିବସ ପାଳୁଛି। କିନ୍ତୁ ଦୁଃଖ ୯୦ ବର୍ଷରେ ଆମ ପାଖରେ ୯୦ଟି ସିନେମା ହଲ୍ ନାହିଁ। ପୂର୍ବରୁ କୁଆଡ଼େ ୩୦୦ ହଲ୍ ଥିଲା, ୧୯୯୯ ପରେ ସଂଖ୍ୟା କମିଗଲା। ପରେ କରୋନା ବେଳେ ତାଲା ପକାଇ ବିବାହ ମଣ୍ଡପ ଆଉ ସପିଙ୍ଗ ମଲ୍ ଗଢ଼ା ହେଲା। ଏସବୁ ଏବେ ଇତିହାସ। ବିଗତ ବର୍ଷ ଭିତରେ ତାକୁ ବାସ୍ତବତାର ପରିଣତ କରିବାକୁ ବି ସାହସ ହୋଇନି ଯାହା ଓଡ଼ିଆ ସିନେମାକୁ ଆଗକୁ ନେବାରେ ସବୁଠୁ ବଡ଼ ପ୍ରତିବନ୍ଧକ ସାଜିଛି। ଜଣେ ବିତରକଙ୍କ ମତରେ, ରାଜ୍ୟରେ ମୋଟ୍ ୫୪ଟି ହଲ୍ ରହିଛି। ସେହି ଅଭାବ ପାଇଁ ଆଜି ଗୋଟିଏ ଅନ୍ୟ ଭାଷାଭାଷୀ ସିନେମା ଆସିଲେ ଓଡ଼ିଆ ସିନେମା ହଲରୁ ଉଠିଯାଉଛି, ନଚେତ୍ ମୁକ୍ତିଲାଭ ପାଇଁ ତାରିଖ ଖୋଜୁଛି। ଏସବୁ ଭିତରେ ସବୁଠୁ ବଡ଼ ବିଡ଼ମ୍ବନା, ଯେଉଁଠି ଓଡ଼ିଆ ସିନେମାର ଅନ୍ତୁଡ଼ି ଜଳିଥିଲା, ଅର୍ଥାତ୍ ପୁରୀ ସହର ସେଠି ସିନେମା ହଲ୍ଟିଏ ନାହିଁ। ପୁରୀ ସହର ଛାଡ଼ନ୍ତୁ ସମଗ୍ର ଜିଲ୍ଲାରେ ବି ହଲ୍ଟିଏ ନାହିଁ। ବାକି ରାଜ୍ୟରେ ଯେତେ ସିଙ୍ଗଲ୍ ସ୍କ୍ରିନ୍ ଅଛି ଅଧାରୁ ଅଧିକ ଭାଙ୍ଗିରୁଜି ଗଲାଣି। ଅନେକ ସ୍ଥାନରେ ବିଭିନ୍ନ ଦୋକାନ, ବଜାର, ମଣ୍ଡପ, ମଲ୍ ଓ ଆପାର୍ଟମେଣ୍ଟ ଛିଡ଼ା ହେଲାଣି। ଆଉ କିଛି ସ୍ଥାନରେ ବଡ଼ ବଡ଼ କମ୍ପାନି ଆସି ଲିଜ୍ ସୂତ୍ରରେ ହଲ୍ ଖୋଲୁଛନ୍ତି। ଏଇ ଯେମିତି ଜଟଣୀ, ନୟାଗଡ଼, ସାଲେପୁର। ଯାହା ଆବଶ୍ୟକ ତୁଳନାରେ ଯଥେଷ୍ଟ ନୁହେଁ। ଏବେ କମ୍ପାନି ପରିଚାଳନା ଯୋଗୁ ଟିକଟ୍ ଦର ବି ଉଚ୍ଚା। ସାଧାରଣ ପରିବାରଟିଏ ଯଦି ମାସରେ ୨-୪ ଓଡ଼ିଆ ଓ ଅନ୍ୟ ଭାଷାଭାଷୀ ସିନେମା ଦେଖେ ତେବେ ମାସଟି ଯାକ ଚଳିବା କଷ୍ଟକର। ସେଭିତରେ ଦର୍ଶକଙ୍କ ଅଭିଯୋଗ ଭଲ ଓଡ଼ିଆ ସିନେମା ନାହିଁ। ପ୍ରଯୋଜକଙ୍କ ଦାବି, ଆଉ ଖରାପ ସିନେମା ନାହିଁ ହେଲେ ହଲ୍ ମିଳୁନି। ଏମିତି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାର ନିରବ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍ଡିସି) ସଂସ୍ଥା ଅଛି, ହେଲେ କେହି ଜାଣନ୍ତି ନାହିଁ। ବାକି କଳାକାର, ସଂଘ, ପ୍ରଯୋଜକ ସମସ୍ତେ ଚୁପ୍। ବେଶି ଆଲୋଚନା ହେଲେ ଓଡ଼ିଆ ସିନେମାର ଏକମାତ୍ର ସମ୍ପତ୍ତି କଳିଙ୍ଗ ଷ୍ଟୁଡିଓର ନବୀକରଣ କାର୍ଯ୍ୟର ସମୀକ୍ଷା ଯାହା ୨୦୨୧ରୁ ଭେଣ୍ଟିଲେଟରରେ ଅଛି। ଆଗାମୀ ୧୦ ବର୍ଷ ପରେ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ୧୦୦ ବର୍ଷ ପୂରିବ। ସେଥିପାଇଁ ଓଡ଼ିଶା ସରକାର ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରି ଯୋଜନା ମୁତାବକ କାମ କରୁଛନ୍ତି। ସେହିକ୍ରମରେ ଓଡ଼ିଆ ସିନେମାକୁ ବି ୧୦୦ ବର୍ଷ ପୂରିବ, ହେଲେ ସମୃଦ୍ଧ ଓଡ଼ିଆ ସିନେମା ପାଇଁ କାହାରି ଚିନ୍ତା ନାହିଁ। ରାଜ୍ୟରେ ପ୍ରତିଟି କାର୍ଯ୍ୟ ପାଇଁ ନୀତି ନିୟମ ଅଛି। ମାତ୍ର ଏତେ ବର୍ଷର ଓଡ଼ିଆ ସିନେମା ପାଇଁ ସ୍ୱତନ୍ତ୍ର ନୀତିଟିଏ ନାହିଁ। ସରକାର ୨୦୧୯ ମାର୍ଚ୍ଚ ୨ରେ 'ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି-୨୦୧୯' ଆଣିଥିଲେ। ନୀତିଟି କାର୍ଯ୍ୟକାରୀ ହେବା ଆଗରୁ ୨୦୨୨ ମାର୍ଚ୍ଚ ୩୧ରେ ତା'ର ଅବଧି ସରିଗଲା। ସେ ବିଷୟରେ ବି କାହାରି ଚିନ୍ତା ନାହିଁ। ଏସବୁ ବୁଝିବାକୁ ସରକାର ଓଏଫ୍ଡିସି ପ୍ରତିଷ୍ଠା କରିଥିଲେ। ଏବେ ଅନୁଷ୍ଠାନଟି ସମ୍ପୂର୍ଣ୍ଣ ଅଚଳ। ଯୋଜନା କଲେ ବି କାର୍ଯ୍ୟକାରୀ କରିବାକୁ ଲୋକ ନାହାନ୍ତି। ଦୀର୍ଘଦିନ ହେଲା ମୁରବି ବିହୀନ ହୋଇପଡ଼ିଛି। ତେଣୁ ନୀତି ନାହିଁ କି ନେତା ନାହାନ୍ତି ଯିଏ ଓଡ଼ିଆ ସିନେମା ପାଇଁ ଲଢ଼ିବେ।

ଓଡ଼ିଶା ରାଜନୀତିରେ ଅନେକ କଳାକାର ଥିଲେ, ଏବେ ବି ଅଛନ୍ତି। ହେଲେ ଓଡ଼ିଆ ସିନେମା ପାଇଁ କାହାର ଅନ୍ତର କାନ୍ଦେନି। କଥା ପଡ଼ିଲେ ଭାଷଣ... ମାଇକ୍ ଛାଡ଼ିବେନି। ଆଖି ତରାଟିଲା ଭଳି ଯୋଜନା, ଅସରନ୍ତି ପ୍ରତିଶ୍ରୁତି କିନ୍ତୁ କାମ ଶୂନ, ସଂଳାପ ପ୍ରବଳ। କହିବାକୁ ଗଲେ, ଓଡ଼ିଆ ସିନେମା ପାଇଁ ଆନ୍ତରିକତା ହିଁ ନାହିଁ। କାରଣ ଏଠି ଓଡ଼ିଆ ସିନେମା ଶିଳ୍ପ ବିଭାଗ ଅଧୀନରେ। ପୁରସ୍କାର ଆୟୋଜନ କରେ ସଂସ୍କୃତି ବିଭାଗ। ଏବେ ୨-୩ ବର୍ଷ ହେଲା ଓଏଫ୍ଡିସି ବୁଝୁଛି। ଆଶ୍ଚର୍ଯ୍ୟ, ସିନେମାକୁ ସଂସ୍କୃତି ବିଭାଗକୁ ଫେରାଇ ଆଣିବାକୁ ସଂସ୍କୃତି ଭବନରେ ଆଲୋଚନା ହେଉଛି ଅଥଚ ରାଜ୍ୟ ଚଳଚ୍ଚିତ୍ର ଅଭିଲେଖାଗାର ପାଇଁ ଚୁକ୍ତିନାମା କରୁଛି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ।




ବରିଷ୍ଠ ସିନେ ନିର୍ମାତା ପ୍ରଣବ ଦାସ କହିଛନ୍ତି, ନା ପୂର୍ବରୁ କିଛି ହେଉଥିଲା, ନା ଏବେ। ୯୦ ବର୍ଷରେ ୯୦ଟି ହଲ୍ ନାହିଁ କିନ୍ତୁ ରାଜ୍ୟରେ ୯୦ ଆସୋସିଏସନ୍ ଗଢ଼ା ହେଲାଣି। ଏଠି ସିନେମା ଅପେକ୍ଷା ନିଜେ ବଞ୍ଚିବା ଜରୁରି ହୋଇପଡ଼ିଛି। ଅନ୍ୟତମ ନିର୍ମାତା ସ୍ମିତ ପଟ୍ଟନାୟକ କହିଛନ୍ତି, ଶହେ ଆସୋସିଏସନ୍ ଥିଲେ କ'ଣ ହେବ।

ସରକାର କହୁଛନ୍ତି ଜଣେ ମୁରବି ସାଜି ଆସନ୍ତୁ। ଆମର ମୁରବି ନାହାନ୍ତି। ଓଏଫ୍ଡିସିରେ ଅଧକ୍ଷ ଭାବେ ବି ସରକାର କାହାକୁ ନିଯୁକ୍ତି ଦେଉନାହାନ୍ତି। ତେଣୁ ସରକାରଙ୍କୁ ସୁବିଧା ହେଉଛି। ନ ହେଲେ ରାଜ୍ୟରେ ସବୁ ଚର୍ଚ୍ଚା, ଆଲୋଚନା ହେଉଛି। ସିନେମା ଏତେ ବଡ଼ ଶିଳ୍ପ ଏଠି କୌଣସି କଥା ଘଟୁନି। ଏକରେ ସରକାର ଚାହୁଁନାହାନ୍ତି ନତୁବା ଇଚ୍ଛା ନାହିଁ। ବରିଷ୍ଠ ସିନେ ସାମ୍ବାଦିକ ଦିଲ୍ଲୀପ ହାଲି କହିଛନ୍ତି, ଓଡ଼ିଆ ସିନେମା ଶିଳ୍ପ ଚୁଲିକି ଗଲାଣି। ୨ ବର୍ଷ ପାଇଁ କଳିଙ୍ଗ ଷ୍ଟୁଡିଓକୁ ଘରୋଇ ସଂସ୍ଥାକୁ ଟେକି ଦେଲେଣି। ବର୍ଷକୁ ୫୦ ସିନେମା ରିଲିଜ୍ ହେଲେ ଗୋଟିଏରୁ ଦୁଇଟି ହିଟ୍। ପ୍ରଯୋଜକ କହୁଛନ୍ତି ଟଙ୍କା ନାହିଁ, ହଲ୍ ଓ ସବ୍ସିଡି ମିଳୁନି। ତା'ଭିତରେ ପୁଣି ଦୁନିଆ କଳି। ସଂଘ ଯେତିକି ଫାଟ ସେତିକି। ସତରେ କେହି ଏକାଠି ନାହାନ୍ତି କିନ୍ତୁ ମିଛରେ ସିନେମା ସିନେମା ହେଇ କାନ୍ଦୁଛନ୍ତି। ଏମିତି ଅଭିନୟ ପରଦାଠୁ ବି ବଳିଯିବ। ଏଠି କ'ଣ ହେଉ କି ନହେଉ, କେବଳ ସୋସିଆଲ୍ ମିଡିଆରେ ଭାଷଣ ଝାଡ଼ି ମୁହଁ ଦେଖାଇବା କଥା।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ହାଡ଼କୁ ଦୁର୍ବଳ କରୁଛି ଏସି

ଖରା ଏବଂ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ସାଧାରଣ ଲୋକଙ୍କ ପାଇଁ ଶେଷ ଭରସା ପାଲଟିଛି ଏସି। ଘର ହେଉ କି ଅଫିସ୍ କିମ୍ବା କାର ଆଜିକାଲି ଲୋକେ ୨୪ ଘଣ୍ଟା ଏସି ଭିତରେ ରହିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଏସିରେ ଅଧିକ ସମୟ ରହିଲେ ଏହା ଶରୀର ଉପରେ ପ୍ରଭାବ ପକାଏ। ବିଶେଷଜ୍ଞଙ୍କ ମତରେ, ଏସିରେ ରହିଲେ ଶରୀରରେ ଯନ୍ତ୍ରଣା ଆରମ୍ଭ ହୁଏ। ଏସିରେ ଶୋଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏହା ପଛର ପ୍ରକୃତ ସତ ଜାଣନ୍ତୁ... ଅନେକ ସମୟରେ ଆମେ ଶୁଣିବାକୁ ପାଉ ଯେ ଏସିର ଥଣ୍ଡା ପବନ ହାଡ଼କୁ ଦୁର୍ବଳ କରିଦିଏ। କିନ୍ତୁ ଡାକ୍ତରଙ୍କ ମତରେ ଏହା ସମ୍ପୂର୍ଣ୍ଣ ସତ ନୁହେଁ। ପ୍ରକୃତ କଥା ହେଉଛି, ଯେତେବେଳେ ଆମେ ଦୀର୍ଘ ସମୟ ଧରି ଅତ୍ୟଧିକ ଥଣ୍ଡା ପରିବେଶରେ ରହୁ, ସେତେବେଳେ ଆମ ଶରୀରର ମାଂସପେଶୀ ଗୁଡ଼ିକ ଶକ୍ତ ବା ଟାଇଟ୍ ହୋଇଯାଏ। ଏହି କାରଣରୁ ଗଣ୍ଠିରେ ଯନ୍ତ୍ରଣା ଏବଂ ଶରୀରରେ ଷ୍ଟିଫନେସ୍ ଅନୁଭବ ହୁଏ। ଯଦି ଆପଣଙ୍କୁ ପୂର୍ବରୁ ଗଣ୍ଠି ବାତ ବା ଆର୍ଥ୍ରାଇଟିସ ସମସ୍ୟା ଅଛି, ତେବେ ଏସିର ପବନ ଏହି ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଥାଏ। ଏସିର ବ୍ୟବହାର କେବଳ ହାଡ଼ ନୁହେଁ, ବରଂ ଆପଣଙ୍କ ଫୁସଫୁସ୍ ଉପରେ ମଧ୍ୟ ପ୍ରଭାବ ପକାଏ। ଯଦି ଆପଣ ଏସିର ଫିଲ୍ଟରକୁ ନିୟମିତ ସଫା କରୁନାହାଁନ୍ତି, ତେବେ ସେଥିରେ ଧୂଳି, ବ୍ୟାକ୍ଟେରିଆ ଏବଂ ଫଙ୍ଗସ୍ ଜମା ହୋଇଯାଏ। ଏହି ଅପରିଷ୍କାର ପବନ ଶରୀର ଭିତରକୁ ଗଲେ ଆଲର୍ଜି ଏବଂ ଶ୍ୱାସକ୍ରିୟା ଜନିତ ଗମ୍ଭୀର ସମସ୍ୟା ଦେଖା ଦେଇଥାଏ। କେବଳ ସେତିକି ନୁହେଁ, ଯେଉଁମାନେ ଦୀର୍ଘ ସମୟ ଏସିରେ ବସି ମୋବାଇଲ କିମ୍ବା ଲାପଟପ୍ ବ୍ୟବହାର କରନ୍ତି, ସେମାନଙ୍କ ଆଖିରେ ପୋଡ଼ାଜଳା ଏବଂ 'ଡ୍ରାଏ ଆଇ' ଭଳି ସମସ୍ୟା ଦେଖାଯାଏ। ଏସି ଭିତରେ ବସିଲେ ଆମକୁ ଶୋଷ କମ୍ ଲାଗେ, କିନ୍ତୁ ଆମ ଶରୀର ଭିତରୁ ଜଳୀୟ ଅଂଶ କ୍ରମାଗତ ଭାବେ କମିବାରେ ଲାଗେ। ଏହି କାରଣରୁ ଡିହାଇଡ୍ରେସନ ହୁଏ, ଯାହାର ସଂକେତ ସ୍ୱରୂପ ମୁଣ୍ଡବିନ୍ଧା, ଦୁର୍ବଳତା ଏବଂ ସବୁବେଳେ ଥକ୍କାପଣ ଅନୁଭବ ହୋଇଥାଏ। ଏସି ଆରାମଦାୟକ ନିଶ୍ଚୟ, କିନ୍ତୁ ଏହାର ସଠିକ୍ ବ୍ୟବହାର ଜାଣିବା ଜରୁରୀ। ତେଣୁ ଏସିର ତାପମାତ୍ରାକୁ ସବୁବେଳେ ୨୪ରୁ ୨୬ ଡିଗ୍ରୀ ମଧ୍ୟରେ ରଖନ୍ତୁ। ନିୟମିତ ଭାବେ ଏସିର ସର୍ଭିସିଂ କରନ୍ତୁ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। ଏସି ବନ୍ଦ କରିବା ପାଇଁ ରାତିରେ ସବୁବେଳେ ଟାଇମର୍ ବ୍ୟବହାର କରନ୍ତୁ। ମନେରଖନ୍ତୁ, ସାବଧାନତା ହିଁ ସୁସ୍ଥରହିବାର ସୂତ୍ର।

### ମା'ରାଣ ଦେହକୁ ନେବେନି...

କଳା ପଲିଥିନି ତଳେ ଶ୍ରମିକର
ପରିବାର କରେ ବାସ...
ଶ୍ରମିକ ଦିବସ ପାଳୁଛେ ମିଛୁକୁ
ମେଂଟୁନି ଶ୍ରମିକ ଶୋଷ...
ନଦେଲେ ମିଳୁନି କ୍ୟାସ...
ବାସ ପାଇବାକୁ ଧନୀଙ୍କ ଭିତରେ
କି ପ୍ରକାରେ ଚାଲିଛି ରାସ...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ସ୍ୱାଦିଷ୍ଟ ଆଳୁ ଆଚାର



ଆବଶ୍ୟକୀୟ ସାମଗ୍ରୀ: ସିଝା ଆଳୁ, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଟମାଟୋ, କଟା ଧନିଆ ଏବଂ ପୁଦିନା ପତ୍ର, ତେନ୍ତୁଳି ରସ, ଲୁଣ (ସ୍ୱାଦ ଅନୁସାରେ), ଲଙ୍କା ପାଉଡର, ଭଜା ଜିରା ପାଉଡର, ଟିକେ ଗୁଡ଼, ସୋରିଷ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଆଳୁକୁ ଧୋଇ ସିଝାନ୍ତୁ। ଏବେ, ସିଝା ଆଳୁକୁ ଚକଟି ଏକ ବଡ଼ ପାତ୍ରରେ ରଖନ୍ତୁ। ଏହା ପରେ ଲଙ୍କା, ପିଆଜ, ପୋଦିନା ଏବଂ ଧନିଆ ପତ୍ର ପକାନ୍ତୁ।

ଏହା ପରେ ଟମାଟୋ ପକାନ୍ତୁ ଏବଂ ଏହାକୁ ଶୀଘ୍ର ମିଶ୍ରଣ କରନ୍ତୁ। ଏବେ, ତେନ୍ତୁଳି ରସ, ଲୁଣ, ଲାଲ ଲଙ୍କା ପାଉଡର, ଜିରା ପାଉଡର ଏବଂ ଗୁଡ଼ ମିଶାନ୍ତୁ।

ଶେଷରେ, କିଛି ସାମାନ୍ୟ ଗରମ ହୋଇଥିବା ସୋରିଷ ତେଲ ପକାନ୍ତୁ। ସବୁକିଛି ଭଲ ଭାବରେ ମିଶାନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ଆଚାର।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




## ସିକିମର ୫୦ତମ ପ୍ରତିଷ୍ଠା ଦିବସ

# ୪,୦୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କଲେ ପିଏମ ମୋଦୀ




**ଗାଙ୍ଗଟକ(ଏଜେନ୍ସି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କହିଛନ୍ତି ଯେ ସିକିମରେ ପ୍ରତିଭାର କୌଣସି ଅଭାବ ନାହିଁ ଏବଂ ଏଠାକାର ଲୋକଙ୍କୁ ଭେଟିବା ସବୁବେଳେ ହୃଦୟସ୍ପର୍ଶୀ ଅଟେ । ସିକିମର ଗାଙ୍ଗଟକସ୍ଥିତ ପାଲଜୋର ଷ୍ଟାଡିୟମରେ ଆୟୋଜିତ ରାଜ୍ୟର ୫୦ତମ ପ୍ରତିଷ୍ଠା ଦିବସ ସମାରୋହର ଉଦଯାପନୀ ଉତ୍ସବରେ ସେ ଜନସାଧାରଣଙ୍କୁ ସମ୍ବୋଧିତ କରୁଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୪,୦୦୦ କୋଟି ଟଙ୍କା ମୂଲ୍ୟର ଏକାଧିକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବା ସହ ଉତ୍ତର-ପୂର୍ବ ଅଞ୍ଚଳ ପାଇଁ ୬ଟି କ୍ରିକେଟ୍ ଏକାଡେମୀ ଘୋଷଣା କରିଥିଲେ । ପିଏମ ମୋଦୀ ସିକିମକୁ 'ପୂର୍ବର ସ୍ୱର୍ଗ' ଭାବେ ବର୍ଣ୍ଣନା କରିବା ସହ ଏଠାକାର ପ୍ରସିଦ୍ଧ ଅର୍କିଡ୍ ଦେଖିବା ପାଇଁ ପର୍ଯ୍ୟଟକମାନଙ୍କୁ ଆହ୍ୱାନ ଦେଇଥିଲେ । ଏହାସହ ରାଜ୍ୟର ପରିମଳ ବ୍ୟବସ୍ଥାକୁ ମଧ୍ୟ ସେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସିକିମର ରାଜ୍ୟପାଳ ଓମ ପ୍ରକାଶ ମାଥୁର ଏବଂ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କ ସମେତ ମନ୍ତ୍ରୀ ଓ ସାଂସଦମାନେ ଉପସ୍ଥିତ ଥିଲେ । 'ଏକତା ର ୧୦୦୦ ପାଦ' ଶୀର୍ଷକ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ୧,୫୦୦ ରୁ ଅଧିକ କଳାକାର ଦେଶର ସମୃଦ୍ଧ କଳା ଓ ସଂସ୍କୃତି ପ୍ରଦର୍ଶନ କରିଥିଲେ । ପ୍ରଧାନମନ୍ତ୍ରୀ ଏହି ପ୍ରଦର୍ଶନକୁ 'ଏକ ଭାରତ, ଶ୍ରେଷ୍ଠ ଭାରତ' ର ପ୍ରକୃତ ପ୍ରତିଫଳନ ବୋଲି କହି ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ବିକାଶମୂଳକ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୃତଜ୍ଞତା ଜଣାଇବା ସହ ଏକ ବିକଶିତ ଭାରତର ସଂକଳ୍ପରେ ସିକିମର ଅବଦାନ ନେଇ ପ୍ରତିଶ୍ରୁତି ବଦ୍ଧତା ଦୋହରାଇଥିଲେ ।

## ଦକ୍ଷିଣ ସୁଡାନରେ ବିମାନ ଦୁର୍ଘଟଣା

# ଜଳିଗଲେ ସମସ୍ତ ୧୪ ଜଣ ଯାତ୍ରୀ



**ନୂଆଦିଲ୍ଲୀ (ଏଜେନ୍ସି) :** ଦକ୍ଷିଣ ସୁଡାନରୁ ବର୍ତମାନ ସମୟରେ ଏକ ବଡ଼ ଖବର ଆସୁଛି । ସୋମବାର ଦକ୍ଷିଣ ସୁଡାନର ରାଜଧାନୀ ଉପକଣ୍ଠରେ ଏକ ସେସ୍ନା ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦେଶର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଏନେଇ ସୂଚନା ଦେଇଛି । ରିପୋର୍ଟ ମୁତାବକ ଦୁର୍ଘଟଣାରେ ସମସ୍ତ ୧୩ ଜଣ ଯାତ୍ରୀ ଏବଂ ପାଇଲଟଙ୍କ ମୃତ୍ୟୁ ହୋଇଛି । କର୍ତ୍ତୃପକ୍ଷ କହିଛନ୍ତି ଯେ, ପ୍ରାଥମିକ ରିପୋର୍ଟରୁ ସୂଚିତ ହୋଇଛି ଯେ, ଦୁର୍ବଳ ଦୃଶ୍ୟମାନତା ଯୋଗୁଁ ଖରାପ ପାଗ ଦୁର୍ଘଟଣାର କାରଣ ହୋଇପାରେ । ଅଧିକାରୀ ମାନେ କହିଛନ୍ତି ଯେ, ବିମାନରେ ଦୁଇ ଜଣ କେନିଆର ନାଗରିକଙ୍କ ବ୍ୟତୀତ ବାକି ସମସ୍ତେ ଦକ୍ଷିଣ ସୁଡାନର ଥିଲେ । ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି ଯେ, ସୂଚନା ସଂଗ୍ରହ ଏବଂ ଜରୁରୀକାଳୀନ ସେବାକୁ ସହାୟତା କରିବା ପାଇଁ ଜୁବା ଠାରୁ ପ୍ରାୟ ୨୦ କିଲୋମିଟର (୧୨ ମାଇଲ) ଦୂରରେ ଅବସ୍ଥିତ ଦୁର୍ଘଟଣାସ୍ଥଳକୁ ଏକ ଦଳ ପଠାଯାଇଛି । ସୋସିଆଲ ମିଡିଆରେ ସେୟାର କରାଯାଇଥିବା ଦୁର୍ଘଟଣାସ୍ଥଳର ଭିଡିଓ ଗୁଡ଼ିକ ବିମାନର ଭଗ୍ନାବଶେଷ ନିଆଁରେ ବୁଡ଼ି ରହିଥିବା ଦେଖାଯାଉଛି । ସ୍ଥାନଟି ପର୍ବତମୟ ଏବଂ କୁହୁଡ଼ି ପରି ମନେ ହେଉଛି । ଘଟଣାସ୍ଥଳକୁ ଜରୁରୀକାଳୀନ ସେବା ପଠାଯାଇଛି ଏବଂ ଭଗ୍ନାବଶେଷ ଅପସାରଣ ଚାଲିଛି । ସାମ୍ପ୍ରତିକ ଅନ୍ୟ ଏକ ଘଟଣାରେ, ଦିଲ୍ଲୀ ବିମାନବନ୍ଦରରୁ ଜୁରିଚ୍ ଯାଉଥିବା ଏକ ସ୍ୱିସ୍ ଇଣ୍ଟରନ୍ୟାସନାଲ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ାଣ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗ୍ରାଉଣ୍ଡେଡ୍ କରାଯାଇଥିଲା । ବିମାନଟିରେ ୨୩୨ ଜଣ ଯାତ୍ରୀ ଥିଲେ । ଜଣେ ଏୟାରଲାଇନ୍ସ ମୁଖପାତ୍ର କହିଛନ୍ତି ଯେ ଛଅ ଜଣ ଯାତ୍ରୀଙ୍କୁ ଚିକିତ୍ସା କରାଯାଉଛି । ସୂତ୍ର ଅନୁସାରେ, ଜୁରିଚ୍ ଅଭିମୁଖେ ଯାଉଥିବା ଇଣ୍ଣ୩୦ ବିମାନ ଖଡ୧୪୭ ର ଲ୍ୟାଣ୍ଡିଂ ଗିୟରର ବାମ ପାର୍ଶ୍ୱରୁ ଧୂଆଁ ବାହାରୁଥିବା ପରିଲକ୍ଷିତ ହୋଇଥିଲା, ଯାହା ଫଳରେ କ୍ରୁ ସଦସ୍ୟ ମାନେ ଉଡ଼ାଣ ବାତିଲ କରି ସମ୍ପୂର୍ଣ୍ଣ ଜରୁରୀକାଳୀନ ପ୍ରତିକ୍ରିୟା ଆରମ୍ଭ କରିଥିଲେ ।

## ସମୁଦ୍ରରୁ ମିଳିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବୁଡ଼ିଥିବା ଆମେରିକୀୟ ଜାହାଜ

# ସଲୀଳ ସମାଧି ନେଇଥିଲେ ୧୩୧ ଜଣ

**ନୂଆଦିଲ୍ଲୀ(ଏଜେନ୍ସି):** ୧୦୭ ବର୍ଷ ପରେ ମିଳିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବୁଡ଼ିଥିବା ଆମେରିକୀୟ ଜାହାଜ । ସମୁଦ୍ରରୁ 'ୟୁଏସ୍ କୋଷ୍ଟ ଗାର୍ଡ କଟର ଟେମ୍ପୋ'ର ଅବଶେଷ ମିଳିଛି । ୧୯୧୮ରେ ଏକ ଜର୍ମାନ ବୁଡାଜାହାଜର ଆକ୍ରମଣରେ ଏହି ଜାହାଜ ବୁଡ଼ି ଯାଇଥିଲା । ଏଥିରେ ଥିବା ୧୩୧ ଜଣଙ୍କର ମୃତ୍ୟୁ ହୋଇଥିଲା । ୧୯୧୮, ସେପଟ୍ଟେମ୍ବରରେ ଜର୍ମାନ ବୁଡ଼ାଜାହାଜ ୟୁବି-୪୧ ଇଂଲଣ୍ଡ ତଟ ନିକଟରେ ଜାହାଜ ଉପରକୁ ଟରପିଡୋ ମାଡ଼ କରିଥିଲା । ଆକ୍ରମଣରେ ଜାହାଜ ୩ ମିନିଟ୍ ଭିତରେ ଟେମ୍ପୋ ଆଟଲାଣ୍ଟିକ୍ ମହାସାଗରରେ ବୁଡ଼ି ଯାଇଥିଲା । ଏହି ଘଟଣାରେ ୧୧୧ କୋଷ୍ଟ ଗାର୍ଡ କର୍ମୀ, ଆମେରିକୀୟ ନୌସେନାର ୪ ଯବାନ ଓ ୧୬ ବ୍ରିଟିଶ ନାଗରିକଙ୍କ ସମେତ ମୋଟ ୧୩୧ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହାକୁ ଆମେରିକା ପାଇଁ ପ୍ରଥମ ବିଶ୍ୱଯୁଦ୍ଧର ସବୁଠାରୁ ବଡ଼ ନୌସେନା କ୍ଷତି ରୂପରେ ବିବେଚନା କରାଯାଏ । ବ୍ରିଟେନର ଗ୍ୟାସ୍ପେରାଡୋସ ଡାଇଭ୍ ଟିମ୍ ୨୦୨୩ରୁ ଏହି ଜାହାଜକୁ ଖୋଜୁଥିଲେ । ଅନେକ ଅଭିଯାନ ପରେ ଟିମ୍ ଶେଷରେ କର୍ନୱାଲ ତଟଠୁ ପ୍ରାୟ ୫୦ ମାଇଲ ଦୂର, ୩୦୦ ଫୁଟ ଗଭୀରରେ ଏହାର ଅବଶେଷ ଆବିଷ୍କାର କଲେ । ଆମେରିକୀୟ କୋଷ୍ଟ ଗାର୍ଡ ଐତିହାସିକ ରେକର୍ଡ, ଜାହାଜ ଅଂଶର ଫଟୋ ଏବଂ ଅନ୍ୟ ତଥ୍ୟ ଜରିଆରେ ଅବଶେଷକୁ ଚିହ୍ନଟ କଲା । ଆକ୍ରମଣ ପରେ ବୋଧହୁଏ କୋଇଲାର ଧୂଳି କିମ୍ବା ଜାହାଜରେ ଥିବା ଡେପ୍ଥ ଚାର୍ଜ ଯୋଗୁ ୨ୟ ବିସ୍ଫୋରଣ ହୋଇଥିଲା । ପରଦିନ ଏହାକୁ ଖୋଜୁଥିବା ବିମାନକୁ ଅବଶେଷର ଖଣ୍ଡ ମିଳିଥିଲା । କିନ୍ତୁ ଏବେ ଜାହାଜର ପୂରା ଢାଞ୍ଚା ମିଳିଛି । କୋଷ୍ଟ ଗାର୍ଡର କମାଣ୍ଡାଣ୍ଟ ଆଡମିରାଲ କେଭିନ ଲୁଣ୍ଡେ କହିଛନ୍ତି, ଏହି ଆବିଷ୍କାର ଦ୍ୱାରା ସହିଦଙ୍କ ବଳିଦାନ ଆହୁରି ମଜଭୁତ ହେବ । କାରଣ ସେମାନଙ୍କ ଅନ୍ତିମ ବିଶ୍ରାମ ସ୍ଥଳ ବିଷୟରେ ଜଣାପଡ଼ିଛି । କୋଷ୍ଟ ଗାର୍ଡ ଏବେ ରୋବୋଟିକ୍ସ ଓ ଅଟୋନୋମସ୍ ସିଷ୍ଟମ୍ ଜରିଆରେ ଅବଶେଷର ଗଭୀର ଅଧ୍ୟୟନ ଲାଗି ଯୋଜନା କରୁଛି ।

# ସଲିମ ଡୋଲାକୁ ଭାରତକୁ ପ୍ରତ୍ୟାର୍ପଣ କଲା ତୁର୍କୀ



**ନୂଆଦିଲ୍ଲୀ (ଏଜେନ୍ସି) :** ତୁର୍କୀ ସୁରକ୍ଷା ବଳ, ଦାଉଦ ଇବ୍ରାହିମର ଅପରାଧିକ ସିଣ୍ଡିକେଟ୍‌ର ଜଣେ ଉଚ୍ଚପଦସ୍ଥ ସଦସ୍ୟ ସଲିମ ଡୋଲାକୁ ଇସ୍ତାନବୁଲ୍‌ରେ ଏକ ସ୍ୱତନ୍ତ୍ର ଅପରେସନ୍ ପରେ ସଫଳତାର ସହ ଭାରତକୁ ପ୍ରତ୍ୟର୍ପଣ କରିଛନ୍ତି । ଅଭିଯୁକ୍ତ ଜଣକ ମଙ୍ଗଳବାର ସକାଳେ ଦିଲ୍ଲୀ ଟେକ୍ନିକାଲ ଏୟାରପୋର୍ଟରେ ପହଞ୍ଚିଛି । ଜାତୀୟ ଗୋଇନ୍ଦା ସଂସ୍ଥା ଏବଂ ତୁର୍କୀ ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକର ମିଳିତ ସମନ୍ୱୟରେ ଏହି ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଛି, ଯାହାକି 'ଡି-କମ୍ପାନୀ' ସହ ଜଡ଼ିତ ଆନ୍ତର୍ଜାତୀୟ ମାଦକ ଦ୍ରବ୍ୟ କାରବାର ବିରୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ । ଡୋଲାର ଅପରାଧିକ ଯାତ୍ରା ମୁମ୍ବାଇର ବାୟକୁଲା ଅଞ୍ଚଳରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ସେ ପ୍ରଥମେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରୁଥିଲା ଏବଂ ପରେ ଏକ ବିଶାଳ ସିନ୍ଥେଟିକ୍ ଡ୍ରଗ୍ ସାମ୍ରାଜ୍ୟର ପରିଚାଳନା କରିଥିଲା । ଫେରାର ଥିବା ଯୋଗାଣକାରୀଙ୍କ ସହ ମିଶି ଏକ ଶକ୍ତିଶାଳୀ ପାର୍ଟି ଡ୍ରଗ୍ 'ମେଫେଡ୍ରୋନ୍' ପ୍ରସ୍ତୁତ କରିବା ପରେ ଅପରାଧିକ ଦୁନିଆରେ ତା'ର ପ୍ରତିପତ୍ତି ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା । ଏହି ସାମ୍ପ୍ରତିକ ଗିରଫଦାରୀ ମୁମ୍ବାଇ ପୋଲିସର କୁର୍ଲା ଅଞ୍ଚଳରେ ହୋଇଥିବା ଏକ ଅପରେସନ୍‌ରୁ ସୂତ୍ର ପାଇ କରାଯାଇଛି, ଯେଉଁଠାରେ ଧରାପଡ଼ିଥିବା ସହଯୋଗୀମାନେ ସ୍ୱୀକାର କରିଥିଲେ ଯେ ସେମାନେ ବିଦେଶରେ ଲୁଚି ରହିଥିବା ଡୋଲାଠାରୁ ସିଧାସଳଖ କାର୍ଯ୍ୟକାରୀ ନିର୍ଦ୍ଦେଶ ପାଉଥିଲେ । ସପ୍ତାହ ସପ୍ତାହ ଧରି ଶାରୀରିକ ଏବଂ ବୈଷୟିକ ନଜର ରଖିବା ପରେ ତୁର୍କୀ ପୋଲିସ ଏହି ପଳାତକ ଅପରାଧୀକୁ ବେଲିକ୍ ?ଡୁଜୁ ଜିଲ୍ଲାର ଏକ ଆବାସିକ ପରିସରରୁ ଠାବ କରିଥିଲା । ଘଡଚୟ ଅଧିନିୟମର ଏକାଧିକ ଉଲ୍ଲଂଘନ ପାଇଁ ତା' ବିରୁଦ୍ଧରେ ଇଣ୍ଟରପୋଲ୍ ପକ୍ଷରୁ 'ରେଡ୍ କର୍ଣ୍ଣର ନୋଟିସ' ଜାରି କରାଯାଇଥିଲା । ତା'ର ନେଟୱାର୍କ ସହ ଜଡ଼ିତ ପୂର୍ବ ଚଢ଼ାଉ ଗୁଡ଼ିକରେ ଭାରତୀୟ କର୍ତ୍ତୃପକ୍ଷ ୧୨୬ କିଲୋଗ୍ରାମରୁ ଅଧିକ ମେଫେଡ୍ରୋନ୍ ଏବଂ ବିପୁଳ ପରିମାଣର ନଗଦ ଟଙ୍କା ଜବତ କରିଥିଲେ, ଯାହା ସଂଗଠିତ ଅପରାଧ ପାଇଁ ପାଣ୍ଠି ଯୋଗାଣରେ ତା'ର ସମ୍ପୃକ୍ତିକୁ ପ୍ରମାଣିତ କରିଥିଲା । ଛୋଟା ଶକିଲ୍ ଏବଂ ବୃହତ 'ଡି-କମ୍ପାନୀ' ଭିତ୍ତିଭୂମି ସହ ତା'ର ସମ୍ପର୍କ ବିଷୟରେ ବିସ୍ତୃତ ପଚରାଉଚରା ପାଇଁ ମୁମ୍ବାଇ ପୋଲିସ ଖୁବଶୀଘ୍ର ଏହି ୫୯ ବର୍ଷୀୟ ଅପରାଧୀକୁ ନିଜ ହେପାଜତକୁ ନେବ । ଭାରତର କଠୋର ମାଦକ ଦ୍ରବ୍ୟ ଆଇନ ଅନୁଯାୟୀ, ବ୍ୟବସାୟିକ ପରିମାଣର ଚୋରା ଚାଲାଣରେ ସମ୍ପୃକ୍ତ ବ୍ୟକ୍ତି ଅତିକମରେ ଦଶ ବର୍ଷର ଜେଲ ଦଣ୍ଡାଦେଶର ସମ୍ମୁଖୀନ ହୁଅନ୍ତି । ଏହି ପ୍ରତ୍ୟର୍ପଣ ପ୍ରକ୍ରିୟା, ଅର୍ଥନୈତିକ ଏବଂ ଅପରାଧିକ ପଳାତକମାନଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ନଷ୍ଟ କରିବା ଦିଗରେ ମଧ୍ୟପ୍ରାଚ୍ୟ ଏବଂ ୟୁରେସିଆ ଦେଶଗୁଡ଼ିକ ନୂଆଦିଲ୍ଲୀ ସହ ବୃଦ୍ଧି କରୁଥିବା ସହଯୋଗର ଏକ ଉଦାହରଣ ।

# ଆଇନ ଅଦାଲତ

## ଲିଭ୍ ଇନ୍‌ରେ ରହୁଥିବା ଦମ୍ପତିଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ(ଏଜେନ୍ସି):** ସୁପ୍ରିମକୋର୍ଟ ବିବାହ ବିନା ଏକାଠି ଲିଭ୍ ଇନରେ ରହୁଥିବା ଦମ୍ପତିଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଯଦି ସମ୍ପର୍କ ସହମତିରେ ହୋଇଥାଏ ଏବଂ ଦମ୍ପତି ପରେ ଅଲଗା ହୋଇଯାଆନ୍ତି, ତେବେ ଏହାକୁ ଦୁଷ୍କର୍ମ ବୋଲି ବିବେଚନା କରାଯାଇପାରିବ ନାହିଁ । ଏହି ମାମଲାରେ, ଜଣେ ମହିଳା ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କ ବିରୋଧରେ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ କରିଥିଲେ । ଦୁହେଁ ଦୀର୍ଘ ସମୟ ଧରି ଏକାଠି ରହୁଥିଲେ ଏବଂ ସେମାନଙ୍କର ଏକ ସନ୍ତାନ ମଧ୍ୟ ଅଛି । ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ, ବିବାହ ପୂର୍ବରୁ ମହିଳା ଅଭିଯୁକ୍ତଙ୍କ ସହିତ କାହିଁକି ରହିବା ଆରମ୍ଭ କରିଥିଲେ । ମାମଲାଟି ସୁପ୍ରିମକୋର୍ଟର ମହିଳା ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠକୁ ଆସିଥିଲା । ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, ମହିଳା ଜଣକ ୧୮ ବର୍ଷ ବୟସରେ ବିଧବା ହୋଇଯାଇଥିଲେ । ତା'ପରେ ସେ ଅଭିଯୁକ୍ତଙ୍କ ସମ୍ପର୍କରେ ଆସିଥିଲେ । ସେ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସେମାନେ ଏକାଠି ରହିବା ଆରମ୍ଭ କରିଥିଲେ । ପରେ, ଜଣାପଡିଲା ଯେ, ଅଭିଯୁକ୍ତ ପୂର୍ବରୁ ବିବାହିତ, ଯାହା ବିଷୟରେ ମହିଳାଙ୍କୁ ପୂର୍ବରୁ ଜଣାଯାଇ ନଥିଲା । ଶୁଣାଣି ସମୟରେ, ବିଚାରପତି ନାଗରତ୍ନା ପ୍ରଶ୍ନ କରିଥିଲେ ଯେ ବିବାହ ପୂର୍ବରୁ ମହିଳା ଅଭିଯୁକ୍ତଙ୍କ ସହିତ କାହିଁକି ରହିବା ଆରମ୍ଭ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଏପରି ପ୍ରଶ୍ନ ପ୍ରାୟତଃ ଭିକ୍ଟିମ୍ ସେମିଂର ଅଭିଯୋଗ ଆଣିଥାଏ । ତଥାପି, ଲିଭ୍-ଇନ୍ ସମ୍ପର୍କରେ ପରିସ୍ଥିତିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଚାରପତି ପ୍ରଶ୍ନ କରିଥିଲେ ଉଭୟେ ବିବାହ କରିପାରିଥାନ୍ତେ । ଆଇନଜୀବୀ କହିଥିଲେ, ଅଭିଯୁକ୍ତ ପୂର୍ବରୁ ବିବାହିତ ଏବଂ ଏହା ମହିଳାଙ୍କଠାରୁ ଲୁଚାଇ ରଖାଯାଇଛି । କୋର୍ଟ ପଚାରିଥିଲେ, ସେ ତାଙ୍କ ସହିତ ରହିବା ଏବଂ ସନ୍ତାନ ଜନ୍ମ କରିବାକୁ କାହିଁକି ନିଷ୍ପତ୍ତି ନେଇଥିଲେ ? ଜଷ୍ଟିସ୍ ବି.ଭି. ନାଗରତ୍ନା କହିଛନ୍ତି ଯେ, ଯଦି ସମ୍ପର୍କ ସହମତିରେ ଥିଲା ଏବଂ ଦମ୍ପତି ଦୀର୍ଘ ସମୟ ଧରି ଏକାଠି ରହୁଥିଲେ, ତେବେ ପରେ ଯଦି ସେମାନେ ଅଲଗା ହୋଇଯାଆନ୍ତି ତେବେ ଏହାକୁ ଏକ ଅପରାଧିକ ଅପରାଧ ବୋଲି ବିବେଚନା କରାଯାଇପାରିବ ନାହିଁ । ଜଷ୍ଟିସ୍ ନାଗରତ୍ନା ଉଲ୍ଲେଖ କରିଛନ୍ତି ଯେ ଏପରି ଲିଭ୍-ଇନ୍ ସମ୍ପର୍କରେ, ପ୍ରାୟତଃ ଏପରି ପରିସ୍ଥିତି ଉପୁଜେ ଯେଉଁଠାରେ ସମ୍ପର୍କ ଭାଙ୍ଗିବା ପରେ ମହିଳା ଦୁଷ୍କର୍ମ ଅଭିଯୋଗ କରନ୍ତି, ଯଦିଓ ସମ୍ପର୍କ ପ୍ରଥମେ ସହମତିରେ ଥିଲା । ମହିଳାଙ୍କ ଆଇନଜୀବୀ କହିଥିଲେ ପୀଡ଼ିତା ଜାଣି ନଥିଲେ, ସେ ପୂର୍ବରୁ ବିବାହିତ ଥିଲେ । ତାଙ୍କର ଚାରି ଜଣ ସ୍ତ୍ରୀ ଥିଲେ ଏବଂ ସେ ମହିଳାମାନଙ୍କୁ ଶୋଷଣ କରୁଥିଲେ । ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ଆମେ ଅନ୍ୟ ମହିଳାଙ୍କୁ ନେଇ ଚିନ୍ତିତ ନୁହଁ । ଆମେ ଆବେଦନକାରୀଙ୍କୁ ନେଇ ଚିନ୍ତିତ । ଯେତେବେଳେ ସମ୍ପର୍କ ସହମତିରେ ହୁଏ, ସେଠି ଅପରାଧର ପ୍ରଶ୍ନ ଉଠିନଥାଏ ? ସେମାନେ ଏକାଠି ରହୁଛନ୍ତି ଏବଂ ମହିଳା ଏକ ସନ୍ତାନକୁ ଜନ୍ମ ଦେଇଛନ୍ତି, ସେମାନେ ବିବାହିତ ନୁହଁନ୍ତି, ଏବଂ ତା'ପରେ ସେ ଦୁଷ୍କର୍ମ ଅଭିଯୋଗ କରୁଛନ୍ତି ? ଲିଭ୍-ଇନ୍ ସମ୍ପର୍କରେ ଏହା ଘଟିଥାଏ । ସେମାନେ ବର୍ଷ ବର୍ଷ ଧରି ଏକାଠି ରହୁଥାନ୍ତି, ଏବଂ ଯଦି ସେମାନେ ଅଲଗା ହୋଇଯାଆନ୍ତି, ତେବେ ମହିଳା ପୁରୁଷଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ କରନ୍ତି । କୋର୍ଟ ମହିଳାଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ପରାମର୍ଶ ଦେଇଛନ୍ତି ଯେ, ସେ ତାଙ୍କ ପିଲା ପାଇଁ ଭରଣପୋଷଣ ମାଗି ପାରିବେ । କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି, ଯଦିଓ ସମ୍ପର୍କ ଏକ ଆଇନଗତ ବିବାହ ନୁହେଁ, ତେବେ ପିଲାଟିକୁ ବେଆଇନ ବୋଲି ବିବେଚନା କରାଯାଇପାରିବ ନାହିଁ । ଶେଷରେ, କୋର୍ଟ ପରାମର୍ଶ ଦେଇଛନ୍ତି, ଉଭୟ ପକ୍ଷ ମାମଲାର ସମାଧାନ ପାଇଁ ଆପୋଷ ବୁଝାମଣା କରିବା ଆବଶ୍ୟକ ।

## ୬ ବର୍ଷ ଶିଶୁକନ୍ୟାଙ୍କୁ ଦୁଷ୍କର୍ମ, ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍



**ସୁନ୍ଦରଗଡ଼(ଏନ୍.ଏମ୍.):** ହେମଗିର ଥାନା ଅଞ୍ଚଳରେ ୨୦୨୨ ମାର୍ଚ୍ଚ ୧୭ରେ ଘଟିଥିବା ଶିଶୁକନ୍ୟା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ସୋମବାର ପ୍ରକାଶ ପାଇଛି । ସୁନ୍ଦରଗଡ଼ ସ୍ୱତନ୍ତ୍ର ପକ୍ସୋ କୋର୍ଟ ଅଭିଯୁକ୍ତ ଲବ ଖଡ଼ିଆ (୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି । ଜୋରିମାନା ଅନାଦାୟେ ଅଧିକ ବର୍ଷେ କାରାବାସ ବୃଦ୍ଧି ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲା ଅନୁସାରେ, ଘଟଣାଦିନ ଅପରାହ୍ନ ସାଢ଼େ ୧ଟାରେ ୬ ବର୍ଷର ଶିଶୁ କନ୍ୟା ଜଣକ ଆଇସକ୍ରିମ୍ କିଣିବାକୁ ଘର ପାଖ ଦୋକାନକୁ ଯାଇଥିଲେ । ଏହି ସମୟରେ ନିଜ ଘର ସମ୍ମୁଖ ନଳକୂଅ ପାଖରେ ଠିଆ ହୋଇଥିବା ଲବ ଖଡ଼ିଆ ଶିଶୁଙ୍କୁ ଟେକି ନେଇ ନିଜ ଘରେ ଦୁଷ୍କର୍ମ କରିଥିଲେ । ଶିଶୁ କାନ୍ଦି କାନ୍ଦି ଘରକୁ ଆସିଥିଲେ ମଧ୍ୟ କାହାକୁ କିଛି କହି ନଥିଲେ । ଦିନକ ପରେ ଯନ୍ତ୍ରଣା ଅସହ୍ୟ ହେବାରୁ ସବୁକଥା କହି ଦେଇଥିଲେ । ଏହା ପରେ ହେମଗିର ଥାନାରେ ଏତଲା ଦେଇଥିଲା । ପୁଲିସ ୩୭୬ ଏବି ଓ ପକ୍ସୋ ଆଇନରେ ଏକ ମାମଲା ରୁଜୁ କରି ଲବକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମାମଲାର ବିଚାର ଚାଲିଥିବାବେଳେ ପୁଲିସ ରିପୋର୍ଟ ଓ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ପକ୍ସୋ କୋର୍ଟ ଦଣ୍ଡାଦେଶ କରିଛନ୍ତି । ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଭାତ କୁମାର ନନ୍ଦ ମାମଲାର ପରିଚାଳନା କରିଥିଲେ ।

## ଭୟ ଦେଖାଇ ଶାରୀରିକ ସଂପର୍କକୁ 'ସହମତି' କୁହାଯିବନାହିଁ : ହାଇକୋର୍ଟ



**କଟକ(ଏନ୍.ଏମ୍.):** ନଗ୍ନ ଫଟୋ ଭାଇରାଲ୍ କରିଦେବାର ଭୟ ଦେଖାଇ ଶାରୀରିକ ସଂପର୍କ ରଖିବା ଅର୍ଥ ନୁହେଁ 'ସହମତି'ରେ ସମ୍ପର୍କ ରଖିବା । ଏହା ଦୁଷ୍କର୍ମ । ଏହି ପରିପ୍ରେକ୍ଷୀରେ ନିମ୍ନ ଅଦାଲତଙ୍କ ଦ୍ୱାରା ୧୦ବର୍ଷ ଜେଲ୍ ଦଣ୍ଡ ପାଇଥିବା ଦୁଷ୍କର୍ମ ଆସାମୀ ଶଙ୍କର ବେହେରାର ଦଣ୍ଡାଦେଶକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ କାଏମ୍ ରଖିବା ସହ ଆବେଦନକାରୀର ଅପିଲ୍କୁ ଖାରଜ କରି ଦେଇଛନ୍ତି । ୨୦୧୫ ମସିହା ଜୁନ୍ ୭ରେ ଗଞ୍ଜାମ ଥାନାରେ ଏତଲା ଦାଏର ହୋଇଥିଲା କି ଅଢ଼େଇ ବର୍ଷ ତଳେ ଆସାମୀ ପୀଡ଼ିତାଙ୍କୁ କାଜୁ ବଗିଚାରେ ଦୁଷ୍କର୍ମ କରିବା ସହ ନଗ୍ନ ଫଟୋ ଉଠାଇଥିଲା । ପରେ ଗ୍ରାମ୍ୟ କମିଟି ପୀଡ଼ିତାଙ୍କୁ ବିବାହ କରିବାକୁ ତାଙ୍କୁ କହିଥିଲେ । ହେଲେ ସେ ରାଜି ହୋଇନଥିଲେ । ପୁଲିସ୍ ଆସାମୀକୁ ଗିରଫ କରିଥିଲା । ବ୍ରହ୍ମପୁର ପୋକ୍ସୋ ଅଦାଲତ ଆସାମୀକୁ ୧୦ ବର୍ଷ ଜେଲ୍ ଦଣ୍ଡ ଦେଇଥିଲେ । ଏହାକୁ ଚାଲେଞ୍ଜ କରି ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଆବେଦନକାରୀ ପକ୍ଷରୁ ଦର୍ଶାଯାଇଥିଲା ଯେ, ପୀଡ଼ିତାଙ୍କ ସହ ସହମତିରେ ସମ୍ପର୍କ ରହିଥିଲା । ତେଣୁ ଏହାକୁ ଦୁଷ୍କର୍ମ କୁହାଯାଇ ପାରିବନାହିଁ । ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି ।

## ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭନଷ୍ଟ ସମୟସୀମା ବଢାଯାଉ- ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ(ଏଜେନ୍ସି) :** ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭନଷ୍ଟ ସମୟସୀମା ବଢାଯାଉ । କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ । ମେଡିକାଲ ଟର୍ମିନେସନ ଅଫ୍ ପ୍ରେଗନେନ୍ସି ଆଇନରେ ସଂଶୋଧନ କରିବା ଲାଗି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜଣେ ୧୫ ବର୍ଷୀୟା ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କ ୩୦ ସପ୍ତାହର ଗର୍ଭପାତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକ ପିଟିସନ ଉପରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଛନ୍ତି । ଏପରି ମାମଲାରେ ଗର୍ଭପାତର ସମୟ ସୀମା ସହ ଜଡ଼ିତ ଆଇନରେ ପରିବର୍ତ୍ତନ କରିବା ଜରୁରି । ଦୁଷ୍କର୍ମ ପୀଡ଼ିତାଙ୍କୁ ୨୦ ସପ୍ତାହରୁ ଅଧିକ ସମୟ ପରେ ବି ଗର୍ଭପାତ କରାଯିବାକୁ ଅନୁମତି ଦେବା ଉପରେ ବିଚାର କରାଯାଉ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚିଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କହିଛନ୍ତି ।

## ଲିଭ୍-ଇନ୍ ରିଲେସନ୍ ଭାଙ୍ଗିଲେ ତାହା ଦୁଷ୍କର୍ମ ନୁହେଁ : ଆହ୍ଲାବାଦ ହାଇକୋର୍ଟ




**ପ୍ରୟାଗରାଜ(ଏଜେନ୍ସି) :** ଦୁଇଜଣ ସାବାଳକ ମଧ୍ୟରେ ସମ୍ମତିକ୍ରମେ ଦୀର୍ଘ ଦିନ ଧରି ଚାଲିଥିବା ଶାରୀରିକ ସମ୍ପର୍କକୁ 'ଦୁଷ୍କର୍ମ' ଶ୍ରେଣୀଭୁକ୍ତ କରାଯାଇପାରିବ ନାହିଁ । ଏକ କଥିତ ଦୁଷ୍କର୍ମ ମାମଲାର ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟ ଏହି ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି । ଏହା ସହିତ କୋର୍ଟ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଅଗ୍ରୀମ ଜାମିନ ପ୍ରଦାନ କରିଛନ୍ତି । ଜଷ୍ଟିସ ରାଜୀବ ଲୋଚନ ଶୁକ୍ଲାଙ୍କ ସିଙ୍ଗଲ ବେଞ୍ଚ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଯଦି ଦୁଇଜଣ ଯୁବକଯୁବତୀ ପରସ୍ପରର ସମ୍ମତିରେ ଦୀର୍ଘ ସମୟ ଧରି ସମ୍ପର୍କ ରଖୁଛନ୍ତି, ତେବେ ଏହାକୁ ଅପରାଧ ବୋଲି ବିବେଚନା କରାଯାଇପାରିବ ନାହିଁ । କୋର୍ଟ ଅଭିଯୁକ୍ତଙ୍କୁ ଜାମିନ ଦେବା ସହ ପୁଲିସ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ଲିଭ୍-ଇନ୍-ରିଲେସନସିପ୍‌କୁ ନେଇ ଅନୁରୂପ ମନ୍ତବ୍ୟ ଦେଇଥିଲେ । ସେହି ମାମଲାରେ ଜଣେ ମହିଳା ନିଜ ସାଥୀଙ୍କ ବିରୋଧରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ଆଣିଥିଲେ । କିନ୍ତୁ ସେମାନେ ଦୀର୍ଘ ଦିନ ଧରି ଏକାଠି ରହୁଥିଲେ ଏବଂ ସେମାନଙ୍କର ଏକ ସନ୍ତାନ ମଧ୍ୟ ଥିଲା । ସୁପ୍ରିମକୋର୍ଟଙ୍କ କଡ଼ା ପ୍ରଶ୍ନ ଯେ, ଯଦି ମହିଳା ଜଣକ ସମ୍ମତିରେ ରହୁଥିଲେ, ତେବେ ସମ୍ପର୍କ ଭାଙ୍ଗିବା ପରେ ଏହା ଦୁଷ୍କର୍ମ କେମିତି ହେଲା ? ଜଷ୍ଟିସ ବି.ଭି. ନାଗରତ୍ନ କହିଥିଲେ ଯେ, ଲିଭ୍-ଇନ୍ ସମ୍ପର୍କରେ ତିକ୍ତତା ଆସିବା ପରେ ପ୍ରାୟତଃ ମହିଳାମାନେ ଦୁଷ୍କର୍ମ ଅଭିଯୋଗ ଆଣିଥାନ୍ତି, ଯାହାକି ଆଇନଗତ ଦୃଷ୍ଟିକୋଣରୁ ସବୁବେଳେ ସଠିକ୍ ନୁହେଁ । ଆହ୍ଲାବାଦ ହାଇକୋର୍ଟରେ ହୋଇଥିବା ଶୁଣାଣି ବେଳେ ମହିଳାଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଅଭିଯୁକ୍ତ ବ୍ୟକ୍ତି ଜଣକ ପୂର୍ବରୁ ବିବାହିତ ଏବଂ ତାଙ୍କର ଚାରିଜଣ ସ୍ତ୍ରୀ ଅଛନ୍ତି । ସେ ମହିଳାମାନଙ୍କୁ ଶୋଷଣ କରୁଛନ୍ତି । ତେବେ କୋର୍ଟ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ଅଭିଯୁକ୍ତଙ୍କ ଅନ୍ୟ ସମ୍ପର୍କ ସହିତ ଏହି ମାମଲାର କୌଣସି ସମ୍ବନ୍ଧ ନାହିଁ । ମୁଖ୍ୟ ବିଷୟ ହେଉଛି ଯେ, ଯେତେବେଳେ ସମ୍ପର୍କ ସମ୍ମତି ଭିତ୍ତିକ ଥିଲା, ସେତେବେଳେ ଅପରାଧର ପ୍ରଶ୍ନ ଉଠୁନାହିଁ । ଆହ୍ଲାବାଦ ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ପୁଣି ଥରେ ସ୍ପଷ୍ଟ କରିଛି ଯେ, ବାଳିଗମାନଙ୍କ ମଧ୍ୟରେ ସ୍ୱଇଚ୍ଛାରେ ଗଢ଼ିଉଠିଥିବା ଶାରୀରିକ ସମ୍ପର୍କକୁ ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଶତ୍ରୁତା କିମ୍ବା ମନୋମାଳିନ୍ୟ ଯୋଗୁଁ 'ଦୁଷ୍କର୍ମ'ର ରୂପ ଦିଆଯାଇ ପାରିବ ନାହିଁ । ଏହା ଆଗାମୀ ଦିନରେ ଏଭଳି ଅନେକ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ନଜିର ହୋଇ ରହିବ ।

## ସମ୍ପାଦକୀୟ

# ବିଫଳ ପିତୃତ୍ୱ

ବିଫଳ ପିତୃତ୍ୱ ଏହି ଶିର୍ଷକର ଅର୍ଥ ପାଠକଙ୍କୁ ବ୍ୟସ୍ତ ଓ ବିବ୍ରତ କରିପାରେ । ଅନେକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବାର ଦେଖିବାକୁ ମିଳିଛି । କେହି କେହି ଜଣେ ପିତାର ଦକ୍ଷତାକୁ ନେଇ କୁହାଯାଇଛି ବୋଲି କହୁଥିବାବେଳେ ଆଉ କେହି କେହି ପିତାଙ୍କ ଅସହାୟତା ପ୍ରତି ଆଲୋଚନା କରୁଛନ୍ତି । କିନ୍ତୁ ଜଣେ ବାପା ତା' ପୁଅକୁ ଭଲ ମଣିଷ କରି ଗଢ଼ିତୋଳି ପୁଅର ସଂସାର ବସାଇବା ପରେ ଯଦି ପୁଅ ତାକୁ ମାନସିକ ଏବଂ ଶାରିରୀକ ନିର୍ଯାତନା ଦିଏ ହୁଏତ ଅନୁମାନ କରାଯାଇ ପାରେ ଯେ ସେ ଜଣେ ସଫଳ ପିତା ହୋଇ ପାରିନାହିଁ । ଆଜିର ସମାଜରେ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳିଛି । ଗଳିକନ୍ଦିରେ ଏଭଳି ଘଟଣାର ପୁନରାବୃତ୍ତି ଘଟୁଛି । ଯେଉଁଥି ପାଇଁ ଆଜିକାଲି ବିଭିନ୍ନ ସ୍ଥାନରେ ଖୋଲିଗଲାଣି ଅସଂଖ୍ୟ ବୃଦ୍ଧାଶ୍ରମ । ଅବଶ୍ୟ ବୃଦ୍ଧାଶ୍ରମ ଗୁଡ଼ିକୁ ଦେଖି ବହୁ ସହୃଦୟ ବ୍ୟକ୍ତି ଅସହାୟ ବୃଦ୍ଧ ବୃଦ୍ଧାଙ୍କ ପାଇଁ ମୁକ୍ତହସ୍ତରେ ଦାନ କରୁଥିବା ମଧ ଦେଖିବାକୁ ମିଳୁଛି । କିନ୍ତୁ ବୃଦ୍ଧାଶ୍ରମରେ କାଳାତିପାତ କରୁଥିବା ଅନ୍ତେବାସୀମାନଙ୍କୁ ପଚାରିଲେ ସେମାନଙ୍କ ଅତୀତର କାହାଣୀ ଯେଉଁ ଶୈଳୀରେ ବଖାଣିଥାନ୍ତି ତାହା ଶୁଣିବାମାତ୍ରେ ଆଖିରୁ ଲୁହ ଜକେଇ ହୋଇ ଆସେ । ଏଠାରେ ସେମାନେ ବଞ୍ଚିବାର ସମସ୍ତ ସୁବିଧା ପାଇଥାନ୍ତି ସତ; ହେଲେ ସେମାନଙ୍କ ସନ୍ତାନ ସନ୍ତତିଙ୍କ କଥା ମନେ ପକାଇ ବହୁତ କାନ୍ଦନ୍ତି । ଥରଥର ଓଠରେ କହନ୍ତି ଜନ୍ମ କରିଥିବା ପୁଅମାନଙ୍କ ପିଲାଦିନର କଥା । ମା' ସିନା କାଖରେ ଧରି ପିଲାଟିକୁ ଦୁନିଆ ଦେଖାନ୍ତି ହେଲେ ମା' ଦେଖିପାରୁଥିବା ଦିଗ୍‌ବଳୟ ପର୍ଯ୍ୟନ୍ତ ପିଲାକୁ ଦେଖାଇ ଦିଅନ୍ତି । ହେଲେ ବାପା ପୁଅକୁ କାନ୍ଧରେ ବସାଇ ସେ ଯେଉଁ ଦିଗ୍‌ବଳୟ ପର୍ଯ୍ୟନ୍ତ ଦେଖିପାରୁଛି ପୁଅକୁ ତାହା ଠାରୁ ଅଧିକ ଦେଖାଇବାକୁ ଚେଷ୍ଟା କରିଥାନ୍ତି । ବାପ କାନ୍ଧରେ ପୁଅ ଦେଖିଥିବା ବହୁ ଦୂରର ଦୃଶ୍ୟ ଭିତରେ ଏମିତିକା ଘଟଣା ରହିଛି ବୋଲି ବାପକୁ ବି ଜଣାନଥାଏ । ଯେଉଁ ପୁଅକୁ ବଡ଼ାଇବା ପାଇଁ ପେଟରୁ କାଟି ଖାଇବାକୁ ଆଉ ଦେହରୁ କାଟି ପିନ୍ଧିବାକୁ ଦେଇ ସମାଜରେ ତାକୁ ଅନେକରେ ଏକ କରାଇବା ପାଇଁ ସଂଗ୍ରାମ କରୁଥିଲା । ଆଜି ତାର ଅସହାୟ ସମୟରେ ସେହି ପୁଅ ତାକୁ ଶେଷ ସମୟରେ ବୃଦ୍ଧାଶ୍ରମକୁ ପଠାଇ ଦେଇଛି । ଆଉ ବୋହୁ ବି ଗଞ୍ଜଣା ଦେବାଭଳି କହୁଛି ବୁଢ଼ା ଖାଡ଼ା ହେଉଛି, ଦେହ ଗନ୍ଧାଉଛି; କିନ୍ତୁ କେହି ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି ଯେ ସେମାନେ ଯେତେବେଳେ ଶୈଶବରେ ଥିଲେ କେତେ ବାପା ମା'ଙ୍କ ଉପରେ ଖାଡ଼ାବସି ଦେଇଛନ୍ତି । ଦେହ କିଭଳି ନଗନ୍ଧେଇବ ତେଲ, ସାବୁନ ମାଖି ଗାଧୋଇଦେବା ପରେ ଦେହରେ ସୁବାସିତ ପାଉଡର ଠାରୁ ଅତର ପର୍ଯ୍ୟନ୍ତ ମାଖି ଦେଇଛନ୍ତି । ସେତେବେଳେତ ତାଙ୍କୁ ଗନ୍ଧାଉ ନଥିଲା । ହେଲେ ଆଜିର ଦୁନିଆରେ ପୁଅଝିଅମାନେ ବୁଢ଼ା ବାପା ମା'ଙ୍କୁ ଏଭଳି କରୁଛନ୍ତି କାହିଁକି ? ଏହାକୁ ନେଇ ଅସୁମାରୀ ଅମିମାଂସିତ ପ୍ରଶ୍ନ ଏବେ ଉଙ୍କି ମାରୁଛି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଆମ ରାଜ୍ୟର ଏକ ବୃଦ୍ଧାଶ୍ରମରେ । ଯେଉଁ ଜଣେ ରାଜସ୍ୱ ନୀରିକ୍ଷକ(ଆରଆଇ)ଙ୍କ ବାପା ଅନ୍ତେବାସୀଭାବେ ଅଛନ୍ତି । ଆଉ ସେହି ଆରଆଇଙ୍କର ଗୋଟିଏ ଶିଶୁପୁତ୍ର ମଧ ରହିଛି । ସେହି ପିଲାଟିକୁ ଦେଖିବା ପାଇଁ, କୋଳରେ ଧରି ଗେଲ କରିବା ପାଇଁ ଆଉ ଚାନ୍ଦ ଦେଖାଇ ନାନା କାହାଣୀ କହିବା ପାଇଁ ଏହି ବୁଢ଼ା ଜେଜେଟାର ମନ ଉଚ୍ଛନ ହୋଇ ପଡୁଛି । ହେଲେ କାଳେ ବୁଢ଼ା ସଂସ୍ପର୍ଶରେ ଆସିଲେ ଶିଶୁଟିକୁ ଇଫେକ୍‌ସନ ହୋଇଯିବ ସେଥିପାଇଁ ବାପା ମା' ଛାଡୁନାହାନ୍ତି ବୁଢ଼ା ଜେଜେଟା ପାଖକୁ । ସେଥିରେ ପୁଣି ନାନା ନିର୍ଯ୍ୟାତନା ଆଉ ଶେଷକୁ ବାଛି ଦେଇଛନ୍ତି ଆଉ ଏକ ନୂଆ ଠିକଣା । ଶୁଳ୍କ ଯୁକ୍ତ ବୃଦ୍ଧାଶ୍ରମ ପାଲଟି ଯାଇଛି ଏହି ବୁଢ଼ା ବାପର ଆଶ୍ରୟ ସ୍ଥାନ । ତେବେ ସେହି ବୁଢ଼ା ବାପାଟି ତା ଜୀବନରେ କି ଭୁଲ କରିଥିଲା ? ଯେଉଁ ପୁଅ ପାଇଁ ସେ ସର୍ବସ୍ୱ ହରାଇ ତାକୁ ମଣିଷ କରି ଗଢ଼ିତୋଳିଥିଲା ଆଜି ସେହି ପୁଅ କାହିଁକି ଏଭଳି ପଦକ୍ଷେପ ନେଲା ? ଆଉ ସେହି ପୁଅ କୋଳରେ ଆଉ ଗୋଟିଏ କଳିକା ଭଳି ପୁଅ ଥିବାବେଳେ ଏହି ପରମ୍ପରାକୁ ସେ ବଜାୟ ରଖିବ ନାହିଁତ ? ଏତେ ସବୁ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଏହି ବିଫଳ ପିତୃତ୍ୱ ତାର ଉତ୍ତର ନୁହେଁ ତ ?

✵ ✵ ✵

## କବିତା ଗୁଚ୍ଛ

### ବାବୁରେ ମନେ ରଖିଥା

କହୁଛି ବାବୁରେ ମନେ ରଖିଥିବୁ
ମୋହର ବାଣୀକୁ ସଦା
ସତ୍ୟ ଧର୍ମ ନ୍ୟାୟ ପଥରେ ଚାଲିବୁ
ନଲାଗିବ କେବେ ବାଧା ।

ଗୁରୁ ଗୁରୁଜନେ କରିବୁ ସମ୍ମାନ
ଲଘୁଜନେ ଦେବୁ ସ୍ନେହ
ଏହି କଥା ମୋର ମନେ ରଖିଥିବୁ
ନବୁଡ଼ିବୁ କେବେ ମୋହ ।

ସଂଜେ ସକାଳେ ତୁ ପ୍ରାର୍ଥନା କରିବୁ
ବିଭୁ ପଦକୁ ଧ୍ୟାୟିବୁ
ଅନ୍ୟାୟ ଅନୀତି ଠାରୁ ଦୂରେ ରହି
ବିଶ୍ୱ କଲ୍ୟାଣ ବାଞ୍ଛିବୁ ।

ଅନ୍ୟ ଧନ ଜନେ ମୋହ ଗ୍ରସ୍ତ ନୋହି
ଲଭିବୁ ଆତ୍ମ ସନ୍ତୋଷ
ଜନକ ଜନନୀ ପୟରେ ନମିବୁ
ପ୍ରାତେ ହୋଇଲେ ଉତଥିତ ।

କ୍ରୋଧ ଲୋଭ ମୋହ ଷଡ଼ ରିପୁ ଠାରୁ
ଦୂରରେ ରହିବୁ ସଦା
ଅହିଂସା ଧର୍ମକୁ ଆପଣାଇ ନେଲେ
ଉନ୍ନତି ହେବ ସର୍ବଦା ।

ଆମେ ଚାଲିଯିବୁ ଅଫେରା ରାଇଜେ
ଆମ ଭେଟ ନପାଇବୁ
ନିଜର ସୁଗୁଣ ପଥରେ ଚାଲିବୁ
ବିପଥ ଗାମୀ ନହେବୁ ।

ବାପାମାଆ କଥା ମନେ ରଖିଥିବୁ
ଯେତେକାଳ ଥିବୁ ଭବେ
ସେପରା ତୋହର ଚଳନ୍ତି ଦେବତା
ସେବୁଥିବୁ ତାଙ୍କ ପଦେ ।

ଅନ୍ୟାୟ ବିରୁଧେ ସଂଗ୍ରାମ କରିବୁ
ଡରି ଯିବୁ ନାହିଁ କେବେ
ଭଲ କାମେ ସଦା ମନ ରଖି ଥିଲେ
ଅଜୟ ହୋଇବୁ ଭବେ ।

- ବିଷ୍ଣୁପ୍ରିୟା ପଣ୍ଡା
ପାହଙ୍ଗା, ନିଆଳି, କଟକ

# ଏକ ବହୁସାଂସ୍କୃତିକ ଦେଶରେ ଆନ୍ତଃଧର୍ମ ଆଲୋଚନାର ଗୁରୁତ୍ୱ

ବିଶାଳ ଏବଂ ବିବିଧତା ଦୃଷ୍ଟିରୁ ଭାରତ ଭଳି ଦେଶରେ, ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି ଏବଂ ପରମ୍ପରାର ଲୋକମାନେ ବାସ କରନ୍ତି । ବାରାଣାସୀର ମନ୍ଦିରଠାରୁ ଦିଲ୍ଲୀର ମସଜିଦ ପର୍ଯ୍ୟନ୍ତ, ଗୋଆର ଚର୍ଚ୍ଚଠାରୁ ଅମୃତସରର ଗୁରୁଦ୍ୱାର ପର୍ଯ୍ୟନ୍ତ, ଏହି ବିବିଧତା କେବଳ ଦୃଶ୍ୟମାନ ନୁହେଁ; ଏହା ଦୈନନ୍ଦିନ ଜୀବନରେ ଗଭୀର ଭାବରେ ଜଡ଼ିତ । ତଥାପି, ଏପରି ବିବିଧତା ମଧ ସମସ୍ୟାର ସମ୍ମୁଖୀନ ହୋଇଥାଏ । ଯେତେବେଳେ ସମ୍ପ୍ରଦାୟଗୁଡ଼ିକ ପରସ୍ପରକୁ ବୁଝିବାରେ ବିଫଳ ହୁଅନ୍ତି ସେତେବେଳେ ଭୁଲ ବୁଝାମଣା, ରୀତିବାଦୀ ଧାରଣା ଏବଂ କେତେକ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ । ଏହି ଠାରେ ଆନ୍ତଃଧର୍ମ ଆଲୋଚନା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଅତ୍ୟାବଶ୍ୟକ । ଆନ୍ତଃଧର୍ମ ଆଲୋଚନାର ଅର୍ଥ ହେଉଛି ବିଭିନ୍ନ ଧାର୍ମିକ ପୃଷ୍ଠଭୂମିର ଲୋକମାନେ ପରସ୍ପରର ବିଶ୍ୱାସ ଏବଂ ଅଭ୍ୟାସଗୁଡ଼ିକ ବିଷୟରେ ଆଲୋଚନା କରିବା, ଶୁଣିବା ଏବଂ ବୁଝିବା ପାଇଁ ଏକାଠି ହେବା । ଏହା କାହାର ଧର୍ମ ପରିବର୍ତ୍ତନ କରିବା କିମ୍ବା ଗୋଟିଏ ଧର୍ମକୁ ଅନ୍ୟ ଧର୍ମଠାରୁ ଶ୍ରେଷ୍ଠ ପ୍ରମାଣ କରିବା ବିଷୟରେ ନୁହେଁ । ବରଂ, ଏହା ପାରସ୍ପରିକ ସମ୍ମାନ, ବିଶ୍ୱାସ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଗଠନ କରିବା ପାଇଁ ଉଦ୍ଦିଷ୍ଟ । ଭାରତର ଇତିହାସ ଆମକୁ ଏପରି ଆଲୋଚନାର ଗୁରୁତ୍ୱ ବିଷୟରେ ଦର୍ଶାଇଥାଏ । 'ବିବିଧତା ମଧ୍ୟରେ ଏକତା'ର ଧାରଣା ଦେଶର ପରିଚୟର କେନ୍ଦ୍ରବିନ୍ଦୁ ରହିଆସିଛି । ମହାତ୍ମା ଗାନ୍ଧୀଙ୍କ ପରି ନେତାମାନେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ସମସ୍ତ ଧର୍ମ ସତ୍ୟ ବହନ କରେ ଏବଂ ସବୁ ଧର୍ମକୁ ସମାନ ଭାବରେ ସମ୍ମାନ କରାଯିବା ଉଚିତ । ଗାନ୍ଧିଜୀ ବିଭିନ୍ନ ଧର୍ମର ଲୋକଙ୍କ ସହିତ ଯୋଗାଯୋଗ କରୁଥିଲେ ଏବଂ ସଦ୍ଭାବକୁ ଉତ୍ସାହିତ କରୁଥିଲେ । ସେହିପରି, ମୌଲାନା ଅବୁଲ କଲାମ ଆଜାଦ ଗୁରୁତ୍ୱାରୋପ କରିଥିଲେ ଯେ ଭାରତର ଶକ୍ତି ଏହାର ସାଧାରଣ ସଂସ୍କୃତିରେ ନିହିତ ଯେଉଁଠାରେ ବହୁ ଧର୍ମ ଶାନ୍ତିପୂର୍ଣ୍ଣ ଭାବରେ ସହାବସ୍ଥାନ କରନ୍ତି । ସର୍ବଧର୍ମ ଆଲୋଚନାର ସବୁଠାରୁ ବଡ଼ ଲାଭ ହେଉଛି ଏହା ଭୟ ଏବଂ ଭୁଲ ବୁଝାମଣାକୁ ହ୍ରାସ କରିଥାଏ । ପ୍ରାୟତଃ, ଲୋକମାନେ ଯାହା ଜାଣନ୍ତି ନାହିଁ ତାହା ଭୟ କରନ୍ତି । ଯେତେବେଳେ ବିଭିନ୍ନ ଧର୍ମର ବ୍ୟକ୍ତିମାନେ ପରସ୍ପର ସହିତ ପାରସ୍ପରିକ ଆଲୋଚନା କରନ୍ତି, ସେମାନେ ପରସ୍ପରକୁ ଲେବଲ୍ ଭାବରେ ଦେଖିବା ପରିବର୍ତ୍ତେ ମଣିଷ ଭାବରେ ଦେଖିବା ଆରମ୍ଭ କରନ୍ତି । ଜଣେ ହିନ୍ଦୁ ଜଣେ ମୁସଲମାନଙ୍କ ସହ କଥାବାର୍ତ୍ତା କରୁଥିବା, ଜଣେ ଖ୍ରୀଷ୍ଟିଆନ ଜଣେ ଶିଖଙ୍କ କଥା ଶୁଣୁଥିବା, କିମ୍ବା ଜଣେ ଜୈନ ଜଣେ ବୌଦ୍ଧଙ୍କ ସହ ଜଡ଼ିତ ହେଉଥିବା, ଏହି ସରଳ ଆଲୋଚନା ଦୀର୍ଘ ଦିନ ଧରି ପ୍ରଚଳିତ ରୀତି ଧାରଣାକୁ ଭାଙ୍ଗିପାରେ । ଯେତେବେଳେ ଲୋକମାନେ ସିଧାସଳଖ ପରସ୍ପର ଠାରୁ ଶୁଣନ୍ତି, ସେମାନେ ଅନୁଭବ କରନ୍ତି ଯେ ଦୟା, ସଚ୍ଚୋଟତା, କରୁଣା ଏବଂ ମାନବତା ପ୍ରତି ସମ୍ମାନ ଭଳି ଅନେକ ମୂଲ୍ୟ ପରସ୍ପର ସହିତ ବାଣ୍ଟି ହୋଇଥାଏ । ଆଜିର ଡିଜିଟାଲ୍ ଯୁଗରେ, ଭୁଲ ସୂଚନା ଦ୍ରୁତ ଗତିରେ ବ୍ୟାପିଥାଏ । ସାମାଜିକ ଗଣମାଧ୍ୟମ କେତେକ ସମୟରେ ବିଭାଜନକାରୀ କାହାଣୀକୁ ବୃଦ୍ଧି କରିଥାଏ ଯାହା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିପାରେ । ମିଥ୍ୟା କାହାଣୀ କିମ୍ବା ଧାର୍ମିକ ଶିକ୍ଷାର ବିକୃତ ବ୍ୟାଖ୍ୟା ଅବିଶ୍ୱାସ ସୃଷ୍ଟି କରିପାରେ । ଆନ୍ତଃଧର୍ମ ଆଲୋଚନା ଏପରି କାହାଣୀର ଏକ ଶକ୍ତିଶାଳୀ ପ୍ରତିରୋଧ ଭାବରେ କାର୍ଯ୍ୟ କରେ । ଯେତେବେଳେ ସମ୍ପ୍ରଦାୟ ମଧ୍ୟରେ ଦୃଢ଼ ସମ୍ପର୍କ ଥାଏ, ଲୋକମାନେ ଗୁଜବକୁ ବିଶ୍ୱାସ କରିବାର ସମ୍ଭାବନା କମ୍ ଏବଂ ତଥ୍ୟ ଯାଞ୍ଚ କରିବାର ସମ୍ଭାବନା ଅଧିକ ଥାଏ । ଆଲୋଚନା ଦାୟିତ୍ୱ ଏବଂ ସଂଯୋଗର ଭାବନା ସୃଷ୍ଟି କରେ ଯାହା ସମାଜକୁ ସହଜରେ ବିଭାଜିତ ହେବାରୁ ରକ୍ଷା କରେ । ଆନ୍ତଃଧର୍ମ ଆଲୋଚନାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ମୌଳବାଦ ଏବଂ ଉଗ୍ରବାଦକୁ ରୋକିବା । ଯେତେବେଳେ ବ୍ୟକ୍ତିମାନେ ଏକାକୀ କିମ୍ବା ଭୁଲ ବୁଝାମଣା ଅନୁଭବ କରନ୍ତି, ସେମାନେ ଉଗ୍ରବାଦୀ ଚିନ୍ତାଧାରା ପ୍ରତି ଦୁର୍ବଳ ହୋଇପାରନ୍ତି ଯାହା ସେମାନଙ୍କ ପରିଚୟକୁ ଦୁରୁପଯୋଗ କରେ । ଆଲୋଚନା ଏପରି ଏକ ପ୍ଲାଟଫର୍ମ ପ୍ରଦାନ କରେ ଯେଉଁଠାରେ ଅଭିଯୋଗଗୁଡ଼ିକୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରକାଶ କରାଯାଇପାରିବ ଏବଂ ଗଠନମୂଳକ ଭାବରେ ସମାଧାନ କରାଯାଇପାରିବ ।

ଏହା ଏପରି ଏକ ପରିବେଶ ସୃଷ୍ଟି କରେ ଯେଉଁଠାରେ ଲୋକମାନେ ଶୁଣାଯାଉଥିବା ଏବଂ ମୂଲ୍ୟବାନ ଅନୁଭବ କରନ୍ତି, ଯାହା କ୍ଷତିକାରକ ପଥ ଆଡକୁ ମୁହାଁଇବାର ସମ୍ଭାବନାକୁ ହ୍ରାସ କରିଥାଏ । ଆନ୍ତଃଧର୍ମ ଆଲୋଚନା ମଧ ଭାରତର ସମ୍ବିଧାନର ମୂଲ୍ୟବୋଧ ସହିତ ଗଭୀର ଭାବରେ ଜଡିତ । ସମ୍ବିଧାନ ଧର୍ମର ସ୍ୱାଧୀନତାକୁ ସୁନିଶ୍ଚିତ କରେ ଏବଂ ସମସ୍ତ ନାଗରିକଙ୍କ ମଧ୍ୟରେ ସମାନତାକୁ ପ୍ରୋତ୍ସାହିତ କରେ । ତଥାପି, କେବଳ ଆଇନ ସଦୟତା ସୃଷ୍ଟି କରିପାରିବ ନାହିଁ; ଏଥିପାଇଁ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ । ଆଲୋଚନା ସାମ୍ବିଧାନିକ ମୂଲ୍ୟବୋଧକୁ ବାସ୍ତବ ଜୀବନ ଅଭ୍ୟାସରେ ପରିଣତ କରିବାରେ ସାହାଯ୍ୟ କରେ । ଏହା ନାଗରିକମାନଙ୍କୁ କେବଳ ସହ୍ୟ କରିବାକୁ ନୁହେଁ ବରଂ ପରସ୍ପରର ବିଶ୍ୱାସକୁ ପ୍ରକୃତରେ ସମ୍ମାନ କରିବାକୁ ମଧ ଉତ୍ସାହିତ କରିଥାଏ । ଧର୍ମଗୁରୁମାନେ ମଧ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରନ୍ତି । ସେମାନେ ପ୍ରାୟତଃ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ସବୁଠାରୁ ପ୍ରଭାବଶାଳୀ ସ୍ୱର । ଯେତେବେଳେ ସେମାନେ ଶାନ୍ତି, ସମ୍ମାନ ଏବଂ ସହାବସ୍ଥାନର ବାର୍ତ୍ତାକୁ ପ୍ରୋତ୍ସାହିତ କରନ୍ତି, ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଥାଏ । ବିଭିନ୍ନ ଧର୍ମର ନେତାମାନଙ୍କ ଦ୍ୱାରା ମିଳିତ ବିବୃତ୍ତି, ଏକ ମଞ୍ଚରେ ସ୍ଥାନ ଗ୍ରହଣ ଏବଂ ସହଯୋଗୀ ସାମାଜିକ କାର୍ଯ୍ୟ ଏକ ଦୃଢ଼ ବାର୍ତ୍ତା ଦେଇପାରେ ଯେ ପାର୍ଥକ୍ୟ ସତ୍ତ୍ୱେ ଏକତା ସମ୍ଭବ । ତଥାପି, ସର୍ବଧର୍ମ ଆଲୋଚନା ସବୁବେଳେ ସହଜ ନୁହେଁ । ଏଥ ? ପାଇଁ ଧୈର୍ଯ୍ୟ, ଖୋଲାମନ ଏବଂ ମତଭେଦ ଥିଲେ ମଧ ଶୁଣିବାକୁ ଇଚ୍ଛା ରହିବା ଆବଶ୍ୟକ । କେତେକ ସମୟରେ (ବିଶେଷକରି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବା ସମୟରେ) ଆଲୋଚନା ଅସହଜ ହୋଇପାରେ । ତଥାପି, ଆଲୋଚନାକୁ ଏଡ଼ାଇ ଦେବା ଦ୍ୱାରା ବିଭାଜନ ଆହୁରି ଗଭୀର ହୋଇଥାଏ । ସଚ୍ଚୋଟ ଏବଂ ସମ୍ମାନଜନକ ଆଲୋଚନା କଷ୍ଟକର ହେଲେ ମଧ ଦୀର୍ଘକାଳୀନ ସମନ୍ୱୟ ପାଇଁ ଏକାନ୍ତ ଆବଶ୍ୟକ । ଏହା ମଧ ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ଯେ ଆନ୍ତଃଧର୍ମ ଆଲୋଚନା କେବଳ ଉଚ୍ଚବର୍ଗ କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନୁହେଁ । ଏହା ତୃଣମୂଳ ସ୍ତରରେ ଯଥା ଗ୍ରାମ, ଛୋଟ ସହର ଏବଂ ସହରାଞ୍ଚଳରେ ପହଞ୍ଚିବା ଉଚିତ । ସାଧାରଣ ଲୋକମାନେ ପରସ୍ପର ସହିତ ଅର୍ଥପୂର୍ଣ୍ଣ ଭାବରେ ଜଡିତ ହେଲେ ପ୍ରକୃତ ପରିବର୍ତ୍ତନ ଘଟିଥାଏ । ମହିଳା, ଯୁବପିଢ଼ି ଏବଂ ଅବହେଳିତ ସମ୍ପ୍ରଦାୟର ଅଂଶଗ୍ରହଣକୁ ସୁନିଶ୍ଚିତ କରି, ଅନ୍ତର୍ଭୁକ୍ତି ଏପରି ପ୍ରୟାସର ମୂଳରେ ରହିବା ଉଚିତ ।

ଶେଷରେ, ଆନ୍ତଃଧର୍ମ ଆଲୋଚନା କେବଳ ବିବିଧତା ପରିଚାଳନା ପାଇଁ ଏକ ଉପକରଣ ନୁହେଁ; ଏହା ଏକ ଦୃଢ଼ ଏବଂ ସଂହତିପୂର୍ଣ୍ଣ ସମାଜ ଗଠନର ମୂଳଦୁଆ । ଭାରତ ଭଳି ଦେଶରେ (ଯେଉଁଠାରେ ଅନେକ ପରିଚୟ ସହାବସ୍ଥାନରେ ରହିଥାଏ), ଆଲୋଚନା ହେଉଛି ଏକ ସେତୁ ଯାହା ପାର୍ଥକ୍ୟକୁ ସଂଯୋଗ କରେ ଏବଂ ସେଗୁଡ଼ିକୁ ଶକ୍ତିରେ ପରିଣତ କରେ । ଏହା ଆମକୁ ମନେ ପକାଇ ଦିଏ ଯେ ଆମର ଧର୍ମ ଭିନ୍ନ ହୋଇପାରେ କିନ୍ତୁ ଆମର ମାନବତା ଅଂଶୀଦାର । ପରସ୍ପରକୁ ଶୁଣି, ପରସ୍ପରକୁ ସମ୍ମାନ କରି ଏବଂ ଏକାଠି କାମ କରି, ଆମେ ଏପରି ଏକ ସମାଜ ସୃଷ୍ଟି କରିପାରିବା ଯେଉଁଠାରେ ବିବିଧତାକୁ ଭୟ ନୁହେଁ, ବରଂ ଉତ୍ସାହ ସହକାରେ ପାଳନ କରାଯାଏ ।

✵

- ଇନସା ୱାରସୀ
ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

# 'ଟିକିଏ ଭୁଲ'

ବଇଦକୁ ଡାକ ପକାଇଲା ଛବି । ହାତରେ ପହଁରା ଧରି ବଇଦ ଆସି ଛବି ସାମ୍ନାରେ ଛିଡ଼ା ହେଲା । "କ'ଣ କରୁଥିଲୁ ଏତେବେଳ ଯାଏ ? ଦୁଇଟା ରୁମ୍ ପହଁରିବାକୁ ଏତେ ସମୟ ଲାଗୁଚି । ଛବି ବିରକ୍ତ ହୋଇ କହିଲା ।" ମୁନୁବାବୁଙ୍କ ରୁମ୍ ପୁରା ଖେଳା ମେଳା ହୋଇଥିଲା । ଟେବୁଲ୍ ଉପରେ ଯାକ ବହି ଖାତା ବିଛାଡ଼ି ହୋଇପଡ଼ିଥିଲା । ବହିଥାକ, ଟେବୁଲ ସବୁ ସଜାଡ଼ି, ସାର୍ଟ, ପ୍ୟାଣ୍ଟ ଆଲମାରୀରେ ରଖିଲା ପରେ ଘର ପହଁରିଲି ।" ଛବି ଚିଡ଼ି ଉଠିଲା; ତତେ କିଏ କହୁଥିଲା ମୁନୁର ଆଲମାରୀ ଖୋଲିବାକୁ ?" ଆଶ୍ଚର୍ଯ୍ୟ ହୋଇଗଲା ବଇଦ । "ମୁଁ ତ ସବୁଦିନେ ମୁନୁବାବୁଙ୍କ ଆଲମାରୀରେ ତାଙ୍କ ପୋଷାକ ସବୁ ସଜାଡ଼ି କରି ରଖେ । "ଛବି ଗମ୍ଭୀର ହୋଇ କହିଲା– "ଏଣିକି ମୁନୁ ନଥିବା ସମୟରେ ତୁ ତା' ଆଲମାରୀ ଖୋଲିବୁ ନାହିଁ ।"

ହଠାତ୍ ଦିନେ ଦିନେ ମା' ଏମିତି କାହିଁକି ଚିଡ଼ି ଉଠନ୍ତି ବଇଦ ତାହା ଜାଣିପାରେ ନାହିଁ । ଆଉ କିଛିଦିନ ପରେ ବାବୁଙ୍କ ଘରେ ରହିବା ତା'ର ଦୁଇ ବର୍ଷ ପୂରିଯିବ । ବାବୁ ବହୁତ ଭଲ ଲୋକ, ମା' ମଧ ଭାରି ସ୍ନେହୀ । ତା'ର ଖାଇବା ପିଇବା ଖବର ଭଲ ଭାବେ ବୁଝନ୍ତି । ଦେହ ଖରାପ ହେଲେ ଡାକ୍ତରଙ୍କୁ ଫୋନ୍ କରି ଔଷଧ ମଗାଇ ଖାଇବାକୁ ଦିଅନ୍ତି । ସେ ଗାଁକୁ ଗଲାବେଳେ ମା' ତା' ବୋଉ ପାଇଁ ଶାଢ଼ୀ, ବାପା ପାଇଁ ଧୋତି, ସାନ ଭଉଣୀ ଫ୍ରକ୍ କିଣି ଦିଅନ୍ତି । ତା' ଛଡ଼ା ପ୍ରତି ମାସରେ ମନିଅର୍ଡ଼ର କରି ତା'ର ଦରମାଟଙ୍କା ତା ବାପା ପାଖକୁ ପଠାଇ ଦିଅନ୍ତି । ବଇଦ ମଧ ନିଜ କର୍ତ୍ତବ୍ୟରେ କେବେ ଅବହେଳା କରେ ନାହିଁ । ସକାଳ ଛ'ଟାରେ ବିଛଣା ଛାଡ଼ିବା ବେଳଠାରୁ ରାତିରେ ଶୋଇବା ସମୟ ପର୍ଯ୍ୟନ୍ତ ସେ କିଛି ନା କିଛି କାମ କରି ଚାଲିଥାଏ । କେତେବେଳେ ଘର ପହଁରୁଥାଏ'ତ କେତେବେଳେ ଘର ପୋଛୁଥାଏ । କେତେବେଳେ ବାସନ ମାଜୁଥାଏ, ପୁଣି କେତେବେଳେ ଲୁଗା ସଫା କରୁଥାଏ । ଲୁଗା ଇସ୍ତ୍ରୀ, ବଗିଚା କାମ, ଗାଡ଼ି ପୋଛା, ପ୍ରତ୍ୟେକ କାର୍ଯ୍ୟ ବଇଦ ସୁଚାରୁରୂପେ ତୁଲାଇଥାଏ । ନିରଳସ ଭାବରେ ଆସୂର୍ଯ୍ୟାସ୍ତ ଖଟିବାରେ ଯେପରି ବଇଦକୁ ଆନନ୍ଦ ମିଳେ । ମୁନୁବାବୁଙ୍କ ପ୍ରତ୍ୟେକ କାର୍ଯ୍ୟ ବଇଦ କରିଥାଏ । କିନ୍ତୁ ମା' ସମୟ ସମୟରେ କାହିଁକି ଏପରି ବ୍ୟବହାର କରିଥାଆନ୍ତି । ତା'ର କାରଣ ଖୋଜି ପାଏ ନାହିଁ ବଇଦ ।

ଛବି ମଧ ନିଜ ବ୍ୟବହାର ପାଇଁ ନିଜେ ଅନୁତପ୍ତ ହୁଏ । କିନ୍ତୁ ଯେତେବେଳେ ସୁଦାମ କଥା ମନେ ପଡ଼ିଯାଏ ସେତେବେଳେ ସେ ଭାବେ ସେ ଯାହା କରୁଛି ଠିକ୍ କରୁଛି । ବଇଦ ପୂର୍ବରୁ ସୁଦାମ ବୋଲି ପିଲାଟିଏ ଘରକାମ କରିବାକୁ ରହିଥିଲା । ପିଲାଟି ଭଲ, କୌଣସି କାର୍ଯ୍ୟରେ ତାକୁ କେହି ବାଛିବାର ନଥିଲା । ଅଳ୍ପଦିନରେ ସାରା ପରିବାରଟିକୁ ଆପଣାର କରିନେଇଥିଲା । ମୁନୁକୁ ସେ ଏତେ ଭଲ ପାଉଥିଲା ଯେ ଯିଏ କହିବ ଏକ ମା' ପେଟର ଦୁଇଭାଇ, ମୁନୁର ସାମାନ୍ୟ ଅସୁବିଧା ତା' ପକ୍ଷର ଅସହ୍ୟ ହେଉଥିଲା । ପ୍ରତ୍ୟେକ କାର୍ଯ୍ୟରେ ତା'ର ଆନ୍ତରିକତା ଏବଂ ନିଷ୍ଠା ଯୋଗୁଁ ସମସ୍ତେ ତାକୁ ଖୁବ୍ ଭଲ ପାଉଥିଲେ । ସଭିଏଁ ତା' ଉପରେ ବିଶ୍ୱାସ ସ୍ଥାପନ କରିଥିଲେ । ଘର, ବାହାର ସବୁ ତା' ପାଇଁ ଉନ୍ମୁକ୍ତ ଥିଲା । କିନ୍ତୁ ସୁଦାମ ବିଶ୍ୱାସରେ ଯେ ଦିନେ ବିଷ ଦେବ ଏକଥା ଛବି କଳ୍ପନାରେ ମଧ ଭାବିପାରି ନଥିଲା ।

ଦିନେ ସକାଳେ ଅଜିତ୍‌ବାବୁ ଛବିକୁ କହିଲେ – "ମୋ ମନିବ୍ୟାଗ୍‌ରେ ଦୁଇଟି ଶହେ ଟଙ୍କିଆ ନୋଟ୍ କିଛି ରେଜା ଥିଲା । ଏବେ ଗୋଟିଏ ଶହେଟଙ୍କିଆ ନୋଟ୍ ଅଛି – ତମେ ଆର ଶହେଟଙ୍କିଆ ନେଇଛ କି ?" ଛବି ହସିଦେଇ କହିଲା – "ତମେ କ'ଣ ଖର୍ଚ୍ଚ କରିଥିବ ତମର ମନେ ନଥିବ । ମୁଁ କାହିଁକି ନେବି ? ତା'ର କିଛିଦିନ ପରେ ଗାଁର ଗୁମାସ୍ତା ଧାନ ଓ ନଡ଼ିଆ ବିକା ଟଙ୍କା ଚାରିହଜାର ସାତଶହ ଆଣି ଛବିକୁ ଦେଇଗଲେ । ଛବି ଟଙ୍କାତକ ଗଣି ଆଲମାରୀରେ ରଖିବାକୁ ଯାଉଛି ଏହି ସମୟରେ ଛବିର ଜଣେ ସାଙ୍ଗ ଫୋନ୍ କଲେ । ଛବି ଫୋନ୍‌ରେ କଥାବାର୍ତ୍ତା ହେଲା ପରେ ଆଲମାରୀରେ ଟଙ୍କା ରଖି ଅନ୍ୟ କାମରେ ଚାଲିଗଲା । ଗାଁରୁ ଯାହା ଆୟ ହୁଏ, ଛବି ସେସବୁକୁ ବ୍ୟାଙ୍କ୍‌ରେ ଜମା କରିଦିଏ । ନିହାତି ଦରକାର ନ ପଡ଼ିଲେ ସେଥିରୁ ଆଣି ଖର୍ଚ୍ଚ କରେ ନାହିଁ । ପରଦିନ ଛବି ଯେତେବେଳେ ପାସ୍‌ବୁକ୍ ଓ ଟଙ୍କା ଆଣି ଅଜିତ୍‌ବାବୁଙ୍କୁ ଦେଇ ବ୍ୟାଙ୍କ୍‌ରେ ଜମା କରିବାକୁ କହିଲା ଅଜିତ୍‌ବାବୁ ଟଙ୍କାତକ ଗଣି ଛବିକୁ କହିଲେ– "ଏ ତ ଚାରିହଜାର ତିନିଶହ ଟଙ୍କା – ତମେ ଚାରିହଜାର ସାତଶହ ଟଙ୍କା କହୁଥିଲ ଯେ ।" ଛବି ଆଶ୍ଚର୍ଯ୍ୟ ହେଲା । ସେ' ତ ଗୁମାସ୍ତାଙ୍କ ଆଗରେ ଚାରିହଜାର ସାତଶହ ଟଙ୍କା ଗଣିକରି ରଖିଥିଲା । ଏକଥା କିପରି ହେଲା ? କୁଆଡ଼େ ଗଲା ସେ ଟଙ୍କା ? ମୁନୁର ଯାହା ଦରକାର ସେ ମାଗିକରି ନିଏ । ନ କହି ସେ ଟଙ୍କାଟିଏ ମଧ ଉଠାଏ ନାହିଁ । ଅନ୍ୟ କେହି ବାହାରର ଲୋକ ଘରକୁ ଆସି ନଥିଲେ । ଆଉ କ'ଣ ବାସନ ମାଜିବାକୁ ଆସୁଥିବା କୁନିମା ନେଇଗଲା ? କିନ୍ତୁ କୁନି ମା' ତ କେବେ ଶୋଇବା ଘର ଭିତରକୁ ପଶେ ନାହିଁ । ଟଙ୍କା ଆଲମାରୀରେ ରଖିବା ପୂର୍ବରୁ ସେ ଶୋଇବା ଘର ଖଟ ଉପରେ ଟଙ୍କା ରଖି ଡ୍ରଇଙ୍ଗ ରୁମ୍‌ରେ ଫୋନ୍ ଧରିଥିଲା । ସୁଦାମର ସବୁ ଘରେ ଅବାଧ ପ୍ରବେଶ । ସୁଯୋଗ ଦେଖି ସୁଦାମ ଟଙ୍କାତକ ନେଇଯାଇ ନାହିଁ ତ ? ଛବି ଏକଥା ଯେତେ ଭାବିଲା ସୁଦାମ ପ୍ରତି ତା'ର ସନ୍ଦେହ ଅଧିକ ଘନୀଭୂତ ହେଲା । ତା'ର ମନେପଡ଼ିଲା ଏଇ କେତେକ ମାସ ହେବ ସୁଦାମର ଭାଇ ବାରମ୍ବାର ତାଙ୍କ ଘରକୁ ଆସୁଛି । ପ୍ରଥମେ ଦୁଇ ତିନି ମାସରେ ଥରେ ଆସୁଥିଲା । ଛବି ତାକୁ ଚା' ଜଳଖିଆ ଖାଇବାକୁ ଦେଇ ତା'ର ଭଲ ମନ୍ଦ ଖବର ପଚାରିଲା ପରେ ସୁଦାମର ଦରମା ଟଙ୍କା ତା' ହାତରେ ଧରାଇ ଦେଉଥିଲା । ଏବେ କିନ୍ତୁ ପ୍ରତି ମାସରେ ଥରେ ଦୁଇଥର ଆସୁଛି । ସେ ଆସିଲା କ୍ଷଣି ସୁଦାମ ଚଞ୍ଚଳ ହୋଇ ଉଠୁଛି । ଘର ଭିତରେ ଭାଇ ସହିତ କଥାବାର୍ତ୍ତା ନ ହୋଇ କିଛି ସମୟ ପାଇଁ ତା' ସହିତ ବାହାରକୁ ଚାଲିଯାଉଛି । ଭାଇକୁ ବିଦା କଲା ପରେ ସୁଦାମ ଆସି ଘର କାମ କରୁଛି । ତେବେ ସୁଦାମ କ'ଣ ଲୁଚାଇ କରି ଟଙ୍କା ବା ଅନ୍ୟ କୌଣସି ଜିନିଷ ତା' ଭାଇକୁ ଦେଇ ଦେଉଛି ? ଜିନିଷ କଥା ଭାବିଲାରୁ ଛବିର ମନେପଡ଼ିଲା ଅନେକ ଦିନ ହେଲାଣି ଚାଉଳ, ଅଟା, ଚିନି ଇତ୍ୟାଦି ଜିନିଷ ହଠାତ୍ ଡବାମାନଙ୍କରୁ କମିଯାଉଛି । ଏଇ ଗଲା ମାସରେ କଣ୍ଟ୍ରୋଲ ଦୋକାନରୁ ଆସିଥିବା ଚିନିରୁ ଦୁଇ କେ.ଜି. ଗୋଟିଏ ଡବାରେ ବନ୍ଦ କରି ରଖିଥିଲା । ଦିନେ ଖୋଲିଲା ବେଳକୁ ସେ ଡବାରେ ଅଧା ଚିନି ନାହିଁ । ପ୍ରଥମେ ସେ ଆଶ୍ଚର୍ଯ୍ୟ ହୋଇଥିଲା । ପରେ ଭାବିଲା ହୁଏତ କେଉଁଦିନ ସେ ଡବାର ଚିନି ଅଜାଡ଼ି ଦେଇଛି ତା'ର ମନେ ନାହିଁ । ଆଉ ସେ ବିଷୟରେ ସେ ଅଧିକ ଚିନ୍ତା କରି ନଥିଲା । କିନ୍ତୁ ଏ ସମସ୍ତ ଘଟଣା ପରେ ସୁଦାମ ପ୍ରତି ଛବିର ମନରେ ସନ୍ଦେହ ଅଧିକ ଘନୀଭୂତ ହେଲା ।

ପ୍ରତ୍ୟେକ ଦିନ ଚାରିଟାବେଳେ ମୁନୁ ତା'ର ସାଙ୍ଗମାନଙ୍କ ସହିତ କ୍ରିକେଟ୍ ଖେଳିଲାବେଳେ ସୁଦାମ ସେମାନଙ୍କ ସହିତ ଖେଳେ । ସେଦିନ ସୁଦାମ ଖେଳିବାକୁ ଯାଇଥିବା ସମୟରେ ଛବି ସୁଦାମର ଟିଣ ବାକ୍‌ସଟି ଖୋଲିଲା । କେତେ ଖଣ୍ଡ ସାର୍ଟ, ପ୍ୟାଣ୍ଟ, ଗରମ ଚଦର, ସୁଏଟର ସଫା ହୋଇ ଭଙ୍ଗା ହୋଇ ରଖାଯାଇଛି । ଛବି ସବୁ ଜିନିଷ ବାହାର କଲା । କିନ୍ତୁ ବାକ୍‌ସରେ ଟଙ୍କାର ଚିହ୍ନ ବର୍ଣ୍ଣ ନାହିଁ । ପୂର୍ବପରି ସବୁ ସଜାଡ଼ି ରଖିବାକୁ ଯାଉଛି ଗୋଟିଏ ସାର୍ଟ ଭିତରୁ ପୁରୁଣା ଲଫାପାଟିଏ ଖସିପଡ଼ିଲା । ଛବି ଲଫାପାଟିକୁ ଖୋଲି ଦେଖେ ତ ଭଙ୍ଗାଭଙ୍ଗି ହୋଇ ଚାରିଶହ ଟଙ୍କା ତା' ଭିତରେ ପଶିଛି । ଛବି ଲଫାପା ସହିତ ଟଙ୍କା ବାହାର କରିଆଣି ସାର୍ଟ, ପ୍ୟାଣ୍ଟ ଇତ୍ୟାଦି ସଜାଡ଼ି ବାକ୍‌ସ ବନ୍ଦ କରିଦେଲା । ରାତିରେ ଅଜିତ୍‌ବାବୁଙ୍କୁ ସବୁ କଥା କହିଲା । ଅଜିତ୍‌ବାବୁ କହିଲେ – "ଏଥର ସାବଧାନ ହୋଇ ରହ ।" ତାକୁ ପଚାରି ଦେଲେ ସେ ଲାଜରା ହୋଇ ଯଦି ଚାଲିଯିବ, ତମର ଖୁବ୍ ଅସୁବିଧା ହେବ । ଅନ୍ୟ ଗୋଟିଏ ପିଲା ବ୍ୟବସ୍ଥା କରିବା ପର୍ଯ୍ୟନ୍ତ ତା' ଉପରେ ନଜର ରଖି ତାକୁ ଚଳାଉଥାଅ ।" ଛବି ଲକ୍ଷ୍ୟ କଲା ସୁଦାମ କେମିତି ଗମ୍ଭୀର ହୋଇଯାଉଛି । କ'ଣ ପଚାରିବ ପଚାରିବ ହେଉଛି କିନ୍ତୁ ପଚାରିପାରୁ ନାହିଁ । ଛବିର ମନେ ହେଲା ସୁଦାମ ଯେମିତି ଆପଣା କର୍ମ ପାଇଁ ଅନୁତାପ କରୁଛି ।

ସମୟ କେତେ ବଡ଼ ବଡ଼ କଥା ମଣିଷ ମନରୁ ପୋଛିନିଏ । ଏ ତ ଅତି ସାଧାରଣ କଥାଟାଏ । କେତେ ଦିନ ପର୍ଯ୍ୟନ୍ତ ଛବି ଏହାକୁ ମନେ ରଖିପାରି ଥାଆନ୍ତା ? ସୁଦାମ ପୂର୍ବପରି ସବୁ କାମ କଲା । ଦିନ ଗଡ଼ିଚାଲିଥିଲା । ଦିନେ ସନ୍ଧ୍ୟାବେଳେ ମୁନୁ ଦୁଇଶହ ଟଙ୍କା ଛବିକୁ ଦେଇ କହିଲା – "ବୋଉ ଆଜି ସାର୍ ନାହାନ୍ତି । ତୁ ଟଙ୍କା ରଖିଥା । ଆସନ୍ତା ଥରକୁ ଟିଉସନ୍ ଗଲାବେଳକୁ ମନେକରି ମତେ ଦେବୁ ।" ଛବି ମୁନୁର ଟିଉସନ୍ ଫିସ୍ ଗଦି ତଳେ ରଖି ଅନ୍ୟଆଡ଼େ ଚାଲିଗଲା । କିନ୍ତୁ ସେ ଜାଣି ନଥିଲା କବାଟ ପାଖରେ ଛିଡ଼ା ହୋଇ ସୁଦାମ ଏକଥା ଲକ୍ଷ୍ୟ କରିଥିଲା । କେଉଁ ମୁହୂର୍ତ୍ତରେ ଚିଲ ପରି ଗଦି ତଳୁ ସୁଦାମ ସେ ଟଙ୍କା ଝମ୍ପି ନେଇଛି ଛବି ସେ କଥା ଜାଣିପାରି ନାହିଁ । ଦୁଇଦିନ ପରେ ଛବି ଯେତେବେଳେ ମୁନୁକୁ ଟିଉସନ୍ ଫିସ୍ ଦେବା ପାଇଁ ଗଦି ତଳୁ ଟଙ୍କା ଖୋଜେ, ଟଙ୍କା ନ ପାଇ ତା' ମୁଣ୍ଡ ଗରମ ହୋଇଗଲା । ସଙ୍ଗେସଙ୍ଗେ ସୁଦାମକୁ ଡାକି ଟଙ୍କା କଥା ପଚାରିଲା । ଛବିର ଏପରି ଅତର୍କିତ ଆକ୍ରମଣ ପାଇଁ ସୁଦାମ ପୂର୍ବରୁ ପ୍ରସ୍ତୁତ ହୋଇ ନଥିଲା । ଛବିର ପ୍ରଶ୍ନ ବାଣରେ ତା' ତୁଣ୍ଡରୁ କଥା ବାହାରିଲା ନାହିଁ । ଅଜିତ୍‌ବାବୁଙ୍କର ଅଫିସ୍‌ରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ଛବି ଅପେକ୍ଷା କରିପାରିଲା ନାହିଁ । ସେ ଏତେ ଉତ୍ତେଜିତ ହୋଇପଡ଼ିଥିଲା ଯେ ଲୁଗାପଟା ଧରି ଶୀଘ୍ର ଘରୁ ବାହାରି ଯିବା ପାଇଁ ସୁଦାମକୁ ନିର୍ଦ୍ଦେଶ ଦେଇଥିଲା ।

ସୁଦାମର ଯିବାର କିଛିଦିନ ପରେ ଜଣେ ଭଦ୍ରଲୋକ ବଇଦକୁ ଆଣି ଅଜିତ୍‌ବାବୁଙ୍କ ଘରେ ପହଞ୍ଚାଇଥିଲେ । ବଇଦର କଥାବାର୍ତ୍ତା, ଚାଲିଚଳଣ, କର୍ତ୍ତବ୍ୟପରାୟଣତାରେ ଛବି ମୁଗ୍ଧ ହେଲେ ମଧ କାହିଁକି କେଜାଣି ସେ ତା' ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିପାରୁ ନଥିଲା । ଶୋଇବା ଘରକୁ ଯିବାକୁ ତାକୁ ବାରଣ କରିଥିଲା । ବଇଦ ସାମ୍ନାରେ କୌଣସି ବାକ୍‌ସ ବା ଆଲମାରୀ ଖୋଲୁ ନଥିଲା, ବଜାର ସଉଦା ପାଇଁ ଟଙ୍କା ଦେଇଥିଲେ ଟିକିନିଖି ହିସାବ ମାଗୁଥିଲା । ଥରେ ଥରେ ଅଜିତ୍‌ବାବୁ କହନ୍ତି– "ସମସ୍ତେ କ'ଣ ସୁଦାମ ହୋଇଛନ୍ତି ? ଏମିତି ଅବିଶ୍ୱାସ କଲେ ହେବ ?" କିନ୍ତୁ ଛବିର ମନ ବୁଝେ ନାହିଁ । ଏହିପରି କିଛି ଦିନ ଚାଲିଗଲା । ବଉଦ ଉପରେ ଛବିର ଆସ୍ଥା ଜମି ଆସୁଥିଲା । ଘରେ ଚଳପ୍ରଚଳ ହେବାରେ ବଇଦର କଟାକଣା ଉଠିଯାଇଥିଲା କହିଲେ ଚଳେ । ବେଶ୍ ଖୁସିରେ ଆପଣାର ମନୋଭାବ ନେଇ ବଇଦ ତା'ର ନିତ୍ୟ ନୈମିତିକ କର୍ମ କରିଚାଲିଥିଲା । ସମସ୍ତେ ଖୁସି ଥିଲେ, ସବୁ ଠିକ୍‌ଠାକ୍ ଚାଲିଥିଲା ।

ଦିନେ ଏକ ଅଘଟଣ ଘଟଣା ଘଟିଲା । ଛବି ମୁନୁର କେତେ ଖଣ୍ଡ ମଇଳା ସାର୍ଟ ପ୍ୟାଣ୍ଟ ୱାସିଂମେସିନ୍‌ରେ ସଫା କରୁଛି ଖୁବ୍ ବ୍ୟସ୍ତ ହୋଇ, ମୁନୁ ସେଠାରେ ପହଞ୍ଚିଲା । 'ବୋଉ' ! ଗଣେଶ ପୂଜା ପାଇଁ ସାର୍ଟ କିଣିବାକୁ ତୁ ଯେଉଁ ପାଞ୍ଚଶହ ଟଙ୍କା ଦେଇଥିଲୁ ଟେବୁଲ୍ ଉପରେ ରଖିଥିଲି – ମିଳୁନାହିଁ । ଛବି ଖୋଜାଖୋଜି କଲା । ଟେବୁଲ ଡ୍ର, ବହିଥାକ, ଲୁଗା ଆଲମାରୀ ସମସ୍ତ ସମ୍ଭାବ୍ୟ ସ୍ଥାନରେ ଖୋଜିସାରିଲା ପରେ ଛବିର ଦୃଢ଼ ବିଶ୍ୱାସ ହେଲା ଯେ ଟଙ୍କା ଚୋରି ହୋଇଯାଇଛି । ଶେଷରେ ଏହି ସିଦ୍ଧାନ୍ତରେ ପହଞ୍ଚିଲା ଯେ ବଇଦ ଛଡ଼ା ଏହି ଟଙ୍କା ଅନ୍ୟ କେହି ନେଇ ନାହାନ୍ତି । ତତ୍‌କ୍ଷଣାତ୍ ବଇଦକୁ ଡାକି ଟଙ୍କା କଥା ପଚାରିଲା । ବଇଦ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ କହିଲା – "ମା ! ମୋର ଟଙ୍କା କ'ଣ ଦେବ ? ମୁଁ ତ ଏଠି ଖାଉଛି ପିଉଛି, ମୋର ଯାହା ଦରକାର ଆପଣ ତ ଦେଉଛନ୍ତି । ମୁଁ ଟଙ୍କା ନେଇ କ'ଣ କରିବି ? ମା' ! ଆଉ ଯାହା କୁହନ୍ତୁ ପଛକେ ମୋତେ ଚୋର ବୋଲି ଭାବନ୍ତୁ ନାହିଁ ।" ଚିଡ଼ିକି ଉଠିଲା ଛବି । "ଚୋରକୁ ଚୋର ନ କହି ପୋଲିସ୍ କହିବି ? ବେଶ୍ ଭଲ ଅଭିନୟ କରିପାରୁଛୁ । ଭଲରେ ଭଲରେ ଟଙ୍କା କେଉଁଠି ରଖିଛୁ ବାହାର କର, ନଚେତ୍ ବାବୁ ଆସିଲେ ତାଙ୍କ ସହିତ ଥାନାକୁ ଯିବୁ । ସେଠାରେ ପୋଲିସ୍ ଲାଠି ପିଠିରେ ବସିଲେ ସତ କଥା ବାହାରିଯିବ । ବଇଦ ଯେତେ କାକୁତି ମିନତି କଲା – ଯେତେ ନିୟମ କଲା କେଉଁଥିରେ ମଧ ଛବିର ମନ ଭୁଲିଲା ନାହିଁ । ବଇଦ ଯେତେ ଅନୁନୟ ବିନୟ କରି କହିଲା ମା' ! ବିଶ୍ୱାସ କରନ୍ତୁ ମୁଁ ଟଙ୍କା ନେଇ ନାହିଁ, ଛବି ତା' କଥାରେ ବିଶ୍ୱାସ ନ କରି ତା'ର ପୋଷାକପତ୍ର ଯାଞ୍ଚ କଲା ।

ସେଦିନ ଖରାବେଳେ ବଇଦ କିଛି ଖାଇଲା ନାହିଁ । କାନ୍ଦିକାନ୍ଦି ବାହାର ପଟ ବାରଣ୍ଡାରେ କାନ୍ଥକୁ ଆଉଜି ବସିଥାଏ । ଛବିର ମନରୁ ବଇଦ ପ୍ରତି ଥିବା ସମସ୍ତ ଶ୍ରଦ୍ଧା, ସ୍ନେହ ଯେପରି ଶୁଖିଯାଇଥିଲା । ଖାଇବା ପାଇଁ ବଇଦକୁ ଅଧିକ ଖୋସାମତ୍ କରିବା ପାଇଁ ତା'ର ଇଚ୍ଛା ହେଲା ନାହିଁ । କେତେବେଳେ ଯେ ବଇଦ ସେଠାରୁ ଉଠି କୁଆଡ଼େ ଚାଲିଯାଇଛି, ତାହା କେହି ଜାଣିପାରି ନାହାନ୍ତି । ସନ୍ଧ୍ୟାବେଳେ ଅଜିତ୍‌ବାବୁ ଘରକୁ ଫେରିଲା ପରେ ସବୁ କଥା ଶୁଣି କହିଲେ – "ଟଙ୍କା ନେଇ ସେ ବାହାରେ କେଉଁଠି ରଖିଥିବ । ତମେ ଘର ଭିତରେ ତା'ର ଜିନିଷପତ୍ର ଘାଣ୍ଟିଲେ କେଉଁଠୁ ପାଇଥାଆନ୍ତ ? ଥାନାକୁ ଯିବା ନା ଶୁଣି ପୋଲିସ୍‌ର ମାଡ଼ ଭୟରେ ଘର ଛାଡ଼ି ଚାଲିଯାଇଛି ।" ଛବି ବ୍ୟସ୍ତ ହୋଇ ଉଠି କହିଲା ଏଣିକି ମତେ ଯେତେ କଷ୍ଟ ପଡ଼ିଲେ ମଧ ମୁଁ ଆଉ ଚାକର ରଖିବି ନାହିଁ ।

ଏ ଘଟଣାର ଦୁଇ ଦିନ ପରେ ଦିନେ ସନ୍ଧ୍ୟାବେଳେ ଛବି ସଫା ହୋଇଥିବା ପୋଷାକ ସବୁ ଇସ୍ତ୍ରୀ କରୁଥିଲା । ମୁନୁର ପ୍ୟାଣ୍ଟ ଇସ୍ତ୍ରୀ କରିବା ସମୟରେ ପଛ ପକେଟ୍‌ରେ କ'ଣ ଥିବା ପରି ମନେହେଲା ତା'ର । ବୋତାମ ଖୋଲି ହାତ ପୂରାଇଲା । ପାଞ୍ଚଶହ ଟଙ୍କାର ନୋଟ୍ ଖଣ୍ଡକ ନୋଚାକୋଚା ହୋଇ ବାହରିଲା ପକେଟ୍ ଭିତରୁ । ଏଇ ନୋଟ୍ ଖଣ୍ଡକ ସେ ସାର୍ଟ କିଣିବା ପାଇଁ ମୁନୁକୁ ଦେଇଥିଲା । କାଳ ବିଳମ୍ବ ନ କରି ଡାକ ପକାଇଲା ମୁନୁକୁ । "ମୁନୁ ଭଲ କରି ମନେ ପକା ତୁ ସେ ଦିନ ଟଙ୍କା କେଉଁଠି ରଖିଥିଲୁ ?" ଛବି ହାତରେ ନୋଚାକୋଚା ନୋଟ୍ ଓ ତା'ର ଅଧା ଇସ୍ତ୍ରୀ ହୋଇଥିବା ପ୍ୟାଣ୍ଟକୁ ଦେଖି ମୁନୁର ସବୁ କଥା ମନେ ପଡ଼ିଗଲା । ସେ ପ୍ରଥମେ ଟଙ୍କା ନେଇ ଟେବୁଲ୍ ଉପରେ ରଖିଥିଲା । ପରେ ବଜାରକୁ ଯିବାକୁ ମନସ୍ଥ କରି ଟଙ୍କା ପ୍ୟାଣ୍ଟ ପକେଟ୍‌ରେ ରଖି ଘରୁ ବାହାରିବା ସମୟରେ ତା'ର ସାଙ୍ଗ ଆସି ପହଞ୍ଚିଲା । ସେଦିନ ଆଉ ସେ ଦୋକାନକୁ ନ ଯାଇ ସାଙ୍ଗ ସହିତ ବଗିଚାରେ ବସି ଗପକଲା । ଏ ପ୍ୟାଣ୍ଟଟି ମଇଳା ହୋଇଯାଇଥିବାରୁ ଅନ୍ୟ ମଇଳା ପ୍ୟାଣ୍ଟ ସହିତ ତାକୁ ୱାସିଙ୍ଗ୍ ମେସିନ୍ ଉପରେ ରଖି ଚାଲିଯାଇଥିଲା । ଛବି ଥରେ ଥରେ ପ୍ୟାଣ୍ଟ ସାର୍ଟ ପକେଟ୍‌ରେ ହାତ ପୂରାଇ ଟଙ୍କା ବା କୌଣସି କାଗଜପତ୍ର ଥିଲେ ସେସବୁକୁ ବାହାର କରି ଆଣିଥାଏ । କିନ୍ତୁ ସେଦିନ ସେ ଭୁଲବଶତଃ ସାର୍ଟ ପ୍ୟାଣ୍ଟ ଯାଞ୍ଚ କରି ନଥିଲା ।

ଛବି ଅନୁତପ୍ତ କଣ୍ଠରେ କହିଲା – "ଅଜାଣତରେ ମୁଁ ଗରିବ ପିଲାଟି ପ୍ରତି ଯେଉଁ ଅନ୍ୟାୟ କରିଛି ଭଗବାନ ମୋତେ କ୍ଷମା ଦିଅ ।"

ଡକ୍ଟର କଳ୍ପଲତା ଦାସ
ସାବିତ୍ରୀ ନିବାସ, ପ୍ଲଟ ନଂ. ବି-୧୫୦୬/୧, ସେକ୍ଟର-୬, ମର୍କତ ନଗର, କଟକ-୭୫୩ ୦୧୪
ମୋ - ୯୮୬୧୦୪୯୨୪୬




## ମହିଳା ସଂରକ୍ଷଣ ବିଲ୍‌କୁ ନେଇ ରାଜନୀତି ସରଗରମ

# ବିରୋଧୀଙ୍କ ବିରୋଧରେ ଗର୍ଜିଲେ ବିଜେପି ମହିଳା ମୋର୍ଚ୍ଚା



**ବାରିପଦା(ଏନ୍.ଏମ୍.) :** ସଂସଦରେ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରୁଥିବା କଂଗ୍ରେସ, ବିଜେଡି, ଟିଏମସି ଏବଂ ବିଏମକେ ଭଳି ଶକ୍ତିଶାଳୀ ଆଞ୍ଚଳିକ ଓ ଜାତୀୟ ଦଳଗୁଡ଼ିକ ବିରୁଦ୍ଧରେ ବାରିପଦା ସହରରେ ଏକ ବିଶାଳ 'ଜନ ଆକ୍ରୋଶ ମହିଳା ପଦଯାତ୍ରା ଓ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି । ସୋମବାର ଦିନ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ମହିଳା ସାମିଲ ହୋଇ ନିଜର ଶକ୍ତି ପ୍ରଦର୍ଶନ କରିବା ସହ ବିରୋଧୀ ଦଳଙ୍କ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି । ସ୍ଥାନୀୟ ମଧୁବନ ପଡ଼ିଆରୁ ବାହାରିଥିବା ଏହି ବିଶାଳ ପଦଯାତ୍ରା ସହରର ମୁଖ୍ୟ ରାସ୍ତା ଦେଇ ଟାଉନ୍ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା । ଏହି ପଦଯାତ୍ରାରେ ମହିଳାମାନେ ହାତରେ ପ୍ଲାକାର୍ଡ ଧରି ବିରୋଧୀ ଦଳଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ ।ସଂସଦରେ ମହିଳାଙ୍କୁ ଉପଯୁକ୍ତ ସମ୍ମାନ ଓ ଅଧିକାର ଦେବା ପାଇଁ ଆସିଥିବା ବିଲ୍‌କୁ କିଛି ଦଳ ହୀନ ରାଜନୀତି କରି ଅଟକାଇବାକୁ ଚେଷ୍ଟା କରୁଛନ୍ତି । ଏହି ପଦଯାତ୍ରାରେ ରାଜ୍ୟ ତଥା ଜିଲ୍ଲାର ଅନେକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ସାମିଲ ହୋଇଥିଲେ । ରାଜ୍ୟ ବିଜେପି ଉପସଭାନେତ୍ରୀ ତଥା ଜିଲ୍ଲା ପ୍ରଭାରୀ ସିପ୍ରା ବାଜପେୟୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟିକା ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନଙ୍କ ସହିତ ଆଗଧାଡ଼ିର ଅନେକ ଟାଣୁଆ ନେତାଙ୍କ ସହ ଶହ ଶହ ବିଜେପି କର୍ମୀ ଉପସ୍ଥିତ ଥିଲେ । ସଞ୍ଜଳୀ ମୁର୍ମୁ ପ୍ରକାଶ କରିଥିଲେ ମହିଳାମାନେ ଆଉ ଦୁର୍ବଳ ନୁହନ୍ତି । ସଂସଦରେ ସେମାନଙ୍କ ହକ୍ ପାଇଁ ଯେଉଁମାନେ ବାଧା ସୃଷ୍ଟି କରୁଛନ୍ତି, ଆଗାମୀ ଦିନରେ ସେମାନଙ୍କୁ ଉପଯୁକ୍ତ ଜବାବ ଦିଆଯିବ । ଏହି ବିଲ୍ ପାରିତ ନହେବା ପଛରେ କେବଳ ରାଜନୈତିକ ସ୍ୱାର୍ଥ ରହିଛି । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସରକାରଙ୍କ ପ୍ରୟାସକୁ ଏହି ଦଳଗୁଡ଼ିକ ସହଯୋଗ କରୁନାହାନ୍ତି । ଏହି ପଦଯାତ୍ରା କେବଳ ଏକ ବିରୋଧ ନୁହେଁ, ବରଂ ନାରୀ ଶକ୍ତିର ଏକ ଜାଗରଣ ବୋଲି ସମ୍ମିଳନୀରେ ସଂକଳ୍ପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ସୁମନ ସିଂ, ମମତା ସାହୁ, ସୁଧାଂଶୁ ପଣ୍ଡାଙ୍କ ସମେତ ଶତାଧିକ କର୍ମକର୍ତ୍ତା ପରିଚାଳନା କରିଥିଲେ ।

## ଭୟାବହ ବସ୍ ଦୁର୍ଘଟଣା

# ୭ ଯାତ୍ରୀ ଗୁରୁତର

**ନୟାଗଡ଼(ଏନ୍.ଏମ୍.) :** ନୟାଗଡ଼ ବ୍ଲକର ବାଲୁଗାଁ ପଞ୍ଚାୟତ ଅନ୍ତର୍ଗତ ଖେଡାପଡା ଗାଁ ନିକଟରେ ଭାପୁରରୁ ରଣପୁର ଯାଉଥିବା ଏକ ବସ୍ ଭୟାବହ ଦୁର୍ଘଟଣାରେ ପଡ଼ିଛି । ସୂଚନା ଅନୁସାରେ, ଘଟଣା ସମୟରେ ବସ୍‌ରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ । ହଠାତ୍ ନିୟନ୍ତ୍ରଣ ହରାଇ ବସ୍‌ଟି ରାସ୍ତା ପାଖକୁ ଖସି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଏଥିରେ କମ୍ ସେ କମ୍ ୭ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୨୦ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି । ଘଟଣା ପରେ ସ୍ଥାନୀୟ ଖେଡାପଡା, ପାଣିପୋଇଲା ଓ ବାଲୁଗାଁ ଗ୍ରାମବାସୀମାନେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଆହତମାନଙ୍କୁ ବସ୍‌ରୁ ବାହାର କରିବା ସହ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ । ପରେ ଦମକଳ ବିଭାଗ ଓ ଆମ୍ବୁଲାନ୍ସ ସେବା ସୂଚନା ପାଇ ସ୍ଥଳକୁ ପହଞ୍ଚି ତୁରନ୍ତ ସହଯୋଗ କରିଥିଲେ । ସମସ୍ତ ଆହତଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ଓ ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ଦୁର୍ଘଟଣାର ସଠିକ୍ କାରଣ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି । ସ୍ଥାନୀୟ ଲୋକମାନଙ୍କ ତ୍ୱରିତ ପଦକ୍ଷେପ ଦ୍ୱାରା ବଡ଼ ଅପମୃତ୍ୟୁ ଟଳିଥିବା କୁହାଯାଉଛି ।




# ଆମ୍ବେଦକରଙ୍କ ଚତୁର୍ଥ ବାର୍ଷିକ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ




**ରାଜନଗର(ଏନ୍.ଏମ୍.) :** ରାଜନଗର ବ୍ଲକ ପରିସରରେ ଆମ୍ବେଦକର ଲୋହିଆ ବିଚାର ମଞ୍ଚ (ମହିଳା ଶାଖା) ଆନୁକୁଲ୍ୟରେ ଚତୁର୍ଥ ବାର୍ଷିକ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ସଦଭାବନା ସଭାଗୃହରେ ପ୍ରମିଳା ସେଠିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ମୁଖ୍ୟ ବକ୍ତା ଭାବେ ଆଶିଷ କୁମାର ଜେନା, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ,ଅତିରିକ୍ତ ତହସିଲଦାର ସନ୍ଦୀପ କୁମାର ଖାଡ଼ଙ୍ଗା, ଅଭିମନ୍ୟୁ ସେଠୀ, ରାଜ୍ୟ ଆମ୍ବେଦକର ଲୋହିଆ ବିଚାର ମଞ୍ଚ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଗୋଖା ମହାସଂଘ ସଭାପତି ବସନ୍ତ କୁମାର ସେଠୀ, ଉମେଶ ଚନ୍ଦ୍ର ଦାସ ସଭାପତି ରାଜନଗର ବାର୍ ଆସୋସିଏସନ, ସଂପାଦକ ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଈଶ୍ୱର ଚନ୍ଦ୍ର ମଲିକ , ବ୍ଲକ୍ ସଭାପତି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ରାଜନଗର ଶାଖାର ବାମନ ଚରଣ ଜେନା, ମାନବିକ ଅଧିକାର ସଦସ୍ୟା ସାଗରିକା ମଲ୍ଲିକ, ସାରତୀ ସେଠି, ଅଂଜଳି ମଳିକ, କନକ ଲତା ସେଠି, ରମେଶ ଚନ୍ଦ୍ର ସେଠି,ଶରତ ସେଠି, ନିରଜଂନ ସେଠି,ଶରତ ମଳିକ, ପପୁ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ । ସୀତା ସେଠୀଙ୍କ ସହ ସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବଡମ୍ବା ଗୋସେବକ ମଣ୍ଡଳୀ ତରଫରୁ ଗୋସୁରକ୍ଷା ନେଇ ଦାବିପତ୍ର







**ବଡମ୍ବା(ଏନ୍.ଏମ୍.) :** ପବିତ୍ର ଗୋ ସମ୍ମାନ ଦିବସ ଅବସରରେ ବଡମ୍ବା ଗୋ ସେବକ ମଣ୍ଡଳୀ ତରଫରୁ ଶତାଧିକ ଗୋ ସେବକ ଶୋଭାଯାତ୍ରା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଗାନ୍ଧିଛକ ଠାରୁ ପଦଯାତ୍ରାରେ ବାହାରି ଗୋ ହତ୍ୟା ବନ୍ଦ କର, ଗୋ ମାତାକୁ ରାଷ୍ଟ୍ର ମାତା ଆମର ଦାବୀ, ଗ୍ୱାଃ ବିଶ୍ୱସ୍ୟ ମାତରଃ ଆଦି ନାରା ଦେଇ ବଡମ୍ବା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଦେଇ ବଡମ୍ବା ତହସିଲ କାର୍ଯ୍ୟାଳୟରେ ପହଂଚି ସେଠାରେ ଅବାଧ ଗୋ ଚାଲାଣ ଏବଂ ଗୋମାତାଙ୍କ ସୁରକ୍ଷା ପାଇଁ ସମସ୍ତ ଜନ ସାଧାରଣ ଆଗେଇ ଆସିବା ପାଇଁ ଆଗ୍ରହ କରିଥିଲେ । ପରେ ପରେ ସମସ୍ତ ଗୋ ସେବକ ମଣ୍ଡଳୀର କାର୍ଯ୍ୟକର୍ତ୍ତା ମାନେ ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ମାଧମରେ ମହାମହିମ ରାଷ୍ଟ୍ରପତି, ଓଡିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ଦେବାପାଇଁ ଅତିରିକ୍ତ ତହସିଲଦାରଙ୍କୁ ଅନୁରୋଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୋ ସେବକ ମଣ୍ଡଳୀର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେବା ସହ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଆହୁରି ଅଧିକ ଶାଣିତ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ସିନାପାଲି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା (ଏନ୍.ଏମ୍.) :**ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୂଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ଦ୍ୱାରିକା ନାଥ ଶତପଥୀ, ବ୍ଲକ ଅଧକ୍ଷା ମାଧୁରୀ ମାଝୀ, ବ୍ଲକ ଉପାଧକ୍ଷା ମୀନା ଘିବେଲା, ବିଡ଼ିଓ କାର୍ମୀ ଓରାମ , ତହସିଲଦାର ଉପାଞ୍ଜଳୀ ମାଝୀ, ଏସ୍ ଡି ପି ଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ନୂଆପଡାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ୩୧ ଗୋଟି ବ୍ୟକ୍ତିଗତ ଓ ୧୧ ଟି ଗୋଷ୍ଠୀଗତ ମୋଟ ୪୨ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା । ଶିବିରରେ କେନ୍ଦୁମୁଣ୍ଡା ଗ୍ରାମର ଖିଲେଶ୍ୱରୀ ମାଝୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇ ଥିଲା । ସେହିପରି, ହେମନ୍ତୀ ମାଝୀ ଓ ମାଳତୀ ସତନାମୀଙ୍କୁ ପାଂଚ ହଜାର ଟଙ୍କା ଲେଖାଏ ରେଡ୍ କ୍ରସ ପାଣ୍ଠିରୁ ଚେକ୍ ପ୍ରଦାନ କରାଯାଇଥିଲା ।

# ପୃଥକ୍ ପୃଥକ୍ ୩ଟି ସଡକ ଦୁର୍ଘଟଣା : ୫ ମୃତ





**ବାରିପଦା (ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଅଞ୍ଚଳରେ ସୋମବାର ଘଟି ଯାଇଛି ପୃଥକ ପୃଥକ ଭାବେ ୩ ଟି ସଡକ ଦୁର୍ଘଟଣା । ଏଥିରେ ୫ ଜଣ ମୃତ୍ୟୁବରଣ କରିଛନ୍ତି । କରଞ୍ଜିଆ ଥାନା ଅଂଚଳ ରେ ଦୁର୍ଘଟଣା ସିରିଜ ଦୁର୍ଘଟଣା ବାଇକ କୁ ପିଟିଲା ସ୍କର୍ପିଓ, ବାଇକ ଆରୋହୀ ସ୍ୱାମୀ, ସ୍ତ୍ରୀ ମୃତ, ମୃତକ ସ୍ୱାମୀ ସ୍ତ୍ରୀ କରଞ୍ଜିଆ ହସ୍ପିଟାଲ କୁ ଦେହ ଦେଖାଇ ନିଜ ଘର ପାଣ୍ଡ ଗ୍ରାମକୁ ଯାଉଥିବା ବେଳେ ସ୍କର୍ପିଓ ଗାଡି ଜାମସେଦପୁର ଟାଟା ରୁ ତାରିଣୀ ଦର୍ଶନ ପାଇଁ ଆସୁଥିବା ବେଳେ କରଞ୍ଜିଆ ବାମନା ଶାଳ ନିକଟରେ ଘଟିଛି ଦୁର୍ଘଟଣା,ସ୍କର୍ପିଓ ଗାଡ଼ିରେ ବସିଥିବା ଦୁଇ ମହିଳା ହୋଇଛନ୍ତି ଆହତ,ସେହିପରି କାଦଡିହା ନିକଟରେ କଲେଜ ରୁ ଫେରୁଥିବା ବେଳେ ପଡିଆ ବେଡା କଲେଜ ଅଧ୍ୟାପକ ଙ୍କ ବାଇକ କୁ ପିଟିଲା ଏକ ବାଇକ,ଗୁରୁତ୍ୱର ଅବସ୍ଥାରେ କରଞ୍ଜିଆ ହସ୍ପିଟାଲ ରେ ଭର୍ତି, ସେହିପରି କାଦଡିହା ନିକଟରେ କାର କୁ ପିଟିଛିପ୍ରଶାନ୍ତି ନାମକ ଯାତ୍ରୀ ବାହୀ ବସ । ଏଥିରେ ଦୁଇ ମୃତ ହୋଇଥିବା ଜଣେ ଗୁରୁତର ହୋଇଛନ୍ତି । ମୃତ୍ୟୁ,ଗୁରୁତର ଆହତ ସମସ୍ତ ଙ୍କୁ କରଞ୍ଜିଆ ଉପଖଣ୍ଡ ସ୍ତରୀୟ ରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ରହି ତଦନ୍ତ କରୁଥିବା ଦେଖା ଯାଇଛି । ଘଟଣା ସ୍ଥଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପରିବାର ବର୍ଗ କ୍ରନ୍ଦନରେ ଅଞ୍ଚଳ ନିସ୍ତବ୍ଧ ହୋଇ ଉଠିଛି ।

# ଗୌଁଡ଼ ସାଂସ୍କୃତିକ ସମାଜ ତରଫରୁ ବନ୍ଧୁ ମିଳନ ସଭା

**କେନ୍ଦୁଝର(ଏନ୍.ଏମ୍.) :** ରାଇପାଳ ପଲ୍ଲୀ ଅନ୍ତର୍ଗତ ରାଇପାଳ ଗ୍ରାମରେ ଗୌଁଡ଼ ସାଂସ୍କୃତିକ ସମାଜ କେନ୍ଦୁଝର ଓଡ଼ିଶା (ରାଜ୍ୟ ଗୌଡ଼ ସାଂସ୍କୃତିକ ସମାଜ ଦ୍ୱାରା ଅନୁବନ୍ଧିତ) ତରଫରୁ ଏକ ବନ୍ଧୁ ମିଳନ ସଭା ଅନୁଷ୍ଠିତ ହୋଇ ଥିଲା । ଉକ୍ତ ସଭାକୁ ରାଇପାଳ ପଲ୍ଲୀ, ବାଂଶଗଡ ପଲ୍ଲୀ, ମଧୁବନ ପଲ୍ଲୀ ଓ ଓସୁପୁରା ପଲ୍ଲୀର କର୍ମକର୍ତାମାନେ ଆୟୋଜନ କରିଥିଲେ । ନୂତନ ଜିଲ୍ଲା କମିଟି ସଭାପତି ପ୍ରଫୁଲ କୁମାର ସିଂହଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭହୋଇଥିଲା । ବାଂଶଗଡ ପଲ୍ଲୀର ବିଦ୍ୟାଧର ନାଏକ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଏଲିନା ନାଏକ ଫୁଲ ତୋଡା ଓ ଉପଢୌକନ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବର୍ତମାନ ନୂତନ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ନାୟକ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ସଭାରେ ବକ୍ତାଗଣ ନିଜ ନିଜ ମତାମତ ଉପସ୍ଥାପନା କରିଥିଲେ । କୁନି ଝିଅ ମାନେ ନୃତ୍ୟ ପରିବେଷଣ କରି ଅତିଥି ମାନଙ୍କୁ ଆପ୍ୟାୟିତ କରିଥିଲେ । ଆନନ୍ଦପୁର ବ୍ଲକ୍ ସଭାପତି ଭାବେ ବାଂଶଗଡର ଅଜୟ କୁମାର ନାଏକ ଙ୍କୁ ନିର୍ବାଚିତ କରା ଗଲ ଗଲା । ଆନନ୍ଦପୁର ବ୍ଲକର ଯୁବ ସଂଗଠନ ସଭାପତି ଭାବେ ରାଇପାଳ ଗ୍ରାମର ଶଶୀଭୂଷଣ ନାଏକ (ମୁନା)ଓ ନାରୀ ସଶକ୍ତିକରଣ ସଭାପତି ଭାବେ ଶଙ୍କିରୀ ନାଏକଙ୍କୁ ନିର୍ବାଚିତ କରାଗଲା ଓ ଉକ୍ତି ସଭାରେ ନୂତନ ଜିଲ୍ଲା କମିଟି ଉପଦେଷ୍ଟା ଶ୍ରୀ ହରେକୃଷ୍ଣ ନାୟକ, ଜିଲ୍ଲା ସଦସ୍ୟ ଶ୍ରୀ ସୁଶାନ୍ତି ନାଏକ, ଜିଲ୍ଲା ସଦସ୍ୟା ପୂର୍ଣ୍ଣିମା ନାଏକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ହଜିଥିବା ମୋବାଇଲକୁ ଏସଡିପିଓ ଫେରସ୍ତ କଲେ




**ସୁବର୍ଣ୍ଣପୁର(ଏନ୍.ଏମ୍.):** ସୁବର୍ଣ୍ଣପୁର ଜିଲ୍ଲା ଲଛିପୁର ଥାନାରେ ଲୋକଙ୍କ ହଜିଯାଇଥିବା ମୋବାଇଲକୁ ଫେରସ୍ତ କରାଯାଇଛି । ସୂଚନା ଯୋଗ୍ୟ ଯେ, ଗତ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ ମାସ ୨୦୨୬ ମଧ୍ୟରେ ରେ ଥାନା ଅଞ୍ଚଳ ର ବିଭିନ୍ନ ଗ୍ରାମର ୧୧ ଟି ମୋବାଇଲ ହଜିଥିବା ନେଇ ଥାନରେ ଅଭିଯୋଗ ହୋଇଥିଲା । ଥାନା ଅଧିକାରୀ ଯଯାତି କେଶରୀ ସାହୁ ଙ୍କ ପ୍ରଚେଷ୍ଟାରେ ସେହି ମୋବାଇଲ ଗୁଡ଼ିକୁ ଉଦ୍ଧାର କରାଯାଇ ସୋନପୁର ଏସ ଡି ପି ଓ କଲ୍ୟାଣୀ ବେହେରା ଙ୍କ ଉପସ୍ଥିତି ରେ ଅଭିଯୋଗ କରିଥିବା ୧୧ ଜଣ ବ୍ୟକ୍ତି ମାନଙ୍କୁ ଥାନାକୁ ଡାକି ସେମାନଙ୍କ ବିଲ୍ ପତ୍ର ଯାଞ୍ଚ କରି ମୋବାଇଲ ଗୁଡ଼ିକୁ ଫେରସ୍ତ କରିଥିଲେ । ମୋବାଇଲ ପାଇବା ପରେ ସମସ୍ତ ହିତାଧିକାରୀ ମାନେ ଥନା ଅଧିକାରୀ ଶ୍ରୀ ସାହୁଙ୍କୁ ସାଧୁବାଦ ଜଣାଇଥିଲେ । ମୋବାଇଲ ବଣ୍ଟନ ମେଳାରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ବଲାଙ୍ଗିର(ଏନ୍.ଏମ୍.) :** ଦିନକୁ ଦିନ ବଢ଼ି ଚାଲିବାରେ ଲାଗିଛି ବନ୍ୟଜନ୍ତୁଙ୍କ ଆକ୍ରମଣ । ଖାଦ୍ୟାଭାବ ଯୋଗୁଁ ବନ୍ୟପ୍ରାଣୀମାନେ ଏବେ ଗ୍ରାମାଭିମୁଖୀ ହେବାରେ ଲାଗିଛନ୍ତି । ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଣିଷ ମାନଙ୍କ ସହିତ ବନ୍ୟଜନ୍ତୁଙ୍କ ଅଘୋଷିତ ଲଢ଼େଇ ଦେଖିବାକୁ ମିଳିଛି । ଗୋଟିଏ ପଟେ ଏହି ଲଢ଼େଇରେ ବନ୍ୟଜନ୍ତୁଙ୍କ ମୃତ୍ୟୁ ହେଉଥିବାବେଳେ ମଣିଷ ମାନଙ୍କ ଜୀବନ ବି ଯାଉଛି । ଯେମିତି କି ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ପଂଚାୟତର ନୂଆପଡା ଗାଁରେ ଶୌଚ ପାଇଁ ଘରୁ ବାହାରିଥିବା ଜଣେ ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରି ଗୁରୁତର ଆହତ କରିଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସକାଳ ସମୟରେ ସମ୍ପୃକ୍ତ ବ୍ୟକ୍ତି ଗାଁ ନିକଟସ୍ଥ ଜଙ୍ଗଲ ଅଂଚଳକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁର ସମ୍ମୁଖୀନ ହୋଇଥିଲେ । ଭାଲୁଟି ତୁରନ୍ତ ଆକ୍ରମଣ କରି ତାଙ୍କୁ ଗୁରୁତର ଭାବେ ଆହତ କରିଥିଲା । ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଆସିଥିଲେ ଏବଂ ଆହତଙ୍କୁ ଉଦ୍ଧାର କରିଥିଲେ । ପରେ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ କଣ୍ଟାବାଞ୍ଜି ଚିକିତ୍ସାଳୟକୁ ନିଆଯାଇଥିଲା ।

## ଗ୍ରୀଷ୍ମ ତାପଦାହ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

# ଏମ୍. ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ସୁନ୍ଦର ପ୍ରୟାସ

**ଲମତାପୁଟ (ଏନ୍.ଏମ୍.) :** ଲମତାପୁଟ ବ୍ଲକର ବାଲେଲ୍ ଗାଁରେ ଗ୍ରୀଷ୍ମ ତାପଦାହ ସମ୍ପର୍କିତ ସଚେତନତା ବୃଦ୍ଧି ପାଇଁ ଏକ ସଡକ ନାଟକ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମଟି ଏମ .ଏସ . ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ , ଜୟପୁରଙ୍କ ପକ୍ଷରୁ ଆୟୋଜିତ ହୋଇଥିଲା । ଏହି ସଡକ ନାଟକଟି ବାଲେଲ୍ ଓ ଗୋଡିହଞ୍ଜର ଗ୍ରାମର ଗାଗ୍ଲ ଡ ସାଥୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ନାଟକରେ ସେମାନେ ଆଶା କର୍ମୀ, ଗର୍ଭବତୀ ମହିଳା ଓ ସାଧାରଣ ଗ୍ରାମବାସୀଙ୍କ ଭୂମିକା ଅଭିନୟ କରିଥିଲେ ।ନାଟକରେ ଦୈନିକ ଜୀବନର ଯଥାର୍ଥ ଦୃଶ୍ୟଗୁଡ଼ିକୁ ଦେଖାଯାଇଥିଲା, ଯେପରିକି ମହିଳାମାନେ ଜଙ୍ଗଲକୁ ଜଳାଣୀ କାଠ ସଂଗ୍ରହ ପାଇଁ ଯାଉଥିବା, ପଶୁ ପାଳନ କାମରେ ତିବ୍ର ଧୂପରେ ରହିବା ଓ ଦୂରରୁ ପାଣି ଆଣିବା । ଏହି କାର୍ଯ୍ୟକଳାପ ସମୟରେ ସେମାନେ କିପରି ତାପଦାହର ପ୍ରଭାବରେ ପଡୁଛନ୍ତି, ତାହାକୁ ସହଜ ଭାବେ ଉପସ୍ଥାପନ କରାଯାଇଥିଲା । ନାଟକ ମାଧ୍ୟମରେ ଗର୍ଭବତୀ ମହିଳା, ସ୍ତନ୍ୟପାନକାରୀ ମାଆ, ଶିଶୁ ଓ ବୃଦ୍ଧମାନେ କିପରି ତାପଦାହରେ ଅଧିକ ପ୍ରଭାବିତ ହୁଅନ୍ତି, ସେଥିପାଇଁ ସଚେତନତା ଦିଆଯାଇଥିଲା । ଆଶା କର୍ମୀଙ୍କ ଭୂମିକାରେ ଥିବା ଅଭିନେତା ପ୍ରଚୁର ପାଣି ପିବା, ମଧାହ୍ନର ତିବ୍ର ଧୂପକୁ ଏଡ଼ାଇବା, ଓଜଝ, ଲେମ୍ବୁ ପାଣି ପାନ କରିବା ଓ ହାଲୁକା ପୋଷାକ ପିନ୍ଧିବା ପରି ସରଳ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବର ଶ୍ରୀମତୀ ମାଳତୀ ଦାଙ୍ଗଡ଼ାମାଝି , ସରପଞ୍ଚ ଶ୍ରୀମତୀ ସୁମିତ୍ରା ମୁଦୁଲି, ଗୋଷ୍ଠି ସ୍ୱାସ୍ଥ୍ୟ କର୍ମୀ ଶ୍ରୀମତୀ ପ୍ରିୟଙ୍କା ପରିଚ୍ଛା ସମେତ ଏମ .ଏସ . ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ତରଫରୁ ବ୍ଲକ ସଂଯଜକ ନିରଜ ବେହେରା, ରାଜଲକ୍ଷ୍ମୀ ବେହେରା, ପୁଷ୍ପା ଖରା ଓ ଦୁତୀୟ ଗୌଡ଼ ଉପସ୍ଥିତ ଥିଲେ । ସେହିପରି ପାୟଲ ଖରା, ରଶ୍ମିତା ଖିଲ, ବୁନି ବଡ଼ନାୟକ, ରଶ୍ମିତା ଗଡ଼ାମ, ଲକ୍ଷ୍ମୀ ସୀସା, ସବିତା କିର୍ସାନୀ ନାଟକରେ ଅତି ସୁନ୍ଦର ଭାବରେ ଅଭିନୟ କରି ଆଞ୍ଚଳିକ ଭାଷାରେ ଲୋକଙ୍କୁ ସଚେତନତା କରିଥିଲେ ! ଅଭିନୟ ସ୍ଥାନୀୟ ଭାଷା ଓ ଜୀବନ ଜୀବିକା ସହିତ ଜଡିତ ଉଦାହରଣ ମାଧ୍ୟମରେ ଏହି ସଡକ ନାଟକ ଗ୍ରାମବାସୀଙ୍କ ମଧ୍ୟରେ ତାପଦାହ ସମ୍ପର୍କିତ ସଚେତନତା ବୃଦ୍ଧିରେ ଦୂର୍ଦ୍ଦନ୍ତ ଭୂମିକା ନିଭାଇଛି ।





# ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ନୟାଗଡ(ଏନ୍.ଏମ୍.) :** ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ମାନଙ୍କର ବିଭିନ୍ନ ବହୁ ପ୍ରତୀକ୍ଷିତ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ପ୍ରେରିତ ଏହି ସ୍ମାରକପତ୍ରରେ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ନେଇ ୪ ଦଫା ଦାବି ଉପସ୍ଥାପନ କରାଯାଇଛି ।

ସଂଘ ପକ୍ଷରୁ ଦର୍ଶାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ରହିଛି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସମ୍ମାନଜନକ ପେନସନ ପ୍ରଦାନ କରିବା, କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଁ ଆକ୍ରିଡ଼ିଏସନ କମିଟି ଗଠନ କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସାମ୍ବାଦିକ ମାନଙ୍କୁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିବାରର ବାପ, ମାଆ ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନ ମାନଙ୍କୁ ସାମିଲ କରିବା । ଏହି ଅବସରରେ ସଂଘର ସଦସ୍ୟ ମାନେ ପ୍ରକାଶ କରିଛନ୍ତି ଯେ, ସାମ୍ବାଦିକମାନେ ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ବେଳେ ସେମାନଙ୍କର ନିଜସ୍ୱ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ । ଏହି ଦାବିପତ୍ର ପ୍ରଦାନ ସମୟରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ସଦସ୍ୟ ଲୋକନାଥ ମିଶ୍ର, ପୁରୁଷୋତ୍ତମ ମହାପାତ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ବିଭୂତି ଭୂଷଣ ପଟ୍ଟନାୟକ, ସୁଧାକର ମିଶ୍ର, ରଞ୍ଜନ ବେହେରା, ପ୍ରମୋଦ କୁମାର ନନ୍ଦ, ଜିତୁନ କୁମାର ମହାପାତ୍ର, ସତ୍ୟନାରାୟଣ ବେହେରା, ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରି ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ

# +୨ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଗ୍ରୀଷ୍ମକାଳୀନ କୋଚିଂ ଆରମ୍ଭ




**ମାଲକାନଗିରି(ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ମାର୍ଗଦର୍ଶନରେ +୨ ବିଜ୍ଞାନ ଆଶାୟୀଙ୍କ ପାଇଁ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରା, ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି ଯୁକ୍ତ ଦୁଇ ବିଜ୍ଞାନ କଲେଜର ଅଧକ୍ଷ ଓ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଟିମ୍ ଦ୍ୱାରା ଏହା ପରିଚାଳିତ ହେଉଛି । ଏହି ପାଠ୍ୟକ୍ରମ ୫ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇଛି । ଏଚଏସଇ ପରୀକ୍ଷା ଦେଇଥିବା ବିଭିନ୍ନ ହାଇସ୍କୁଲର +୨ ବିଜ୍ଞାନ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ଏଥିପାଇଁ ନିମନ୍ତ୍ରଣ କରାଯାଇଥିଲା । ଆଗାମୀ ନିଟ୍ ଏବଂ ଜେଇଇ ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି ସମନ୍ୱିତ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମରେ କୋଚିଂ ନେଉଛନ୍ତି । ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଆଗୁଆ +୨ ବିଜ୍ଞାନ ପାଠ୍ୟକ୍ରମ ପଢାଯିବା ସହ ନିଟ୍ ଏବଂ ଜେଇଇ ସମ୍ବନ୍ଧୀୟ ସମସ୍ୟା ଓ ପ୍ରଶ୍ନର ସମାଧାନ କରାଯାଉଛି । ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାକାର ଅଧିକାଂଶ ଅଭିଭାବକ ଚାଷୀ ଏବଂ ସେମାନଙ୍କ ପିଲାମାନେ ପ୍ରତିଭାବାନ ହୋଇଥିଲେ ମଧ୍ୟ ବ୍ୟୟବହୁଳ ଘରୋଇ କଲେଜରେ ପଢିବାରୁ ବଞ୍ଚିତ ହୁଅନ୍ତି । ସେହିପରି ବ୍ରହ୍ମପୁର, କଟକ, ଭୁବନେଶ୍ୱର, ରାଉରକେଲା ଭଳି ବଡ଼ ସହରରେ ପିଲାମାନଙ୍କୁ ପଢାଇବା ସେମାନଙ୍କ ପାଇଁ କଷ୍ଟକର ହୋଇଥାଏ । ଫଳରେ ସେମାନଙ୍କ ପିଲାଙ୍କ ଡାକ୍ତର, ଇଞ୍ଜିନିୟର କିମ୍ବା ବିଜ୍ଞାନ କ୍ଷେତ୍ରରେ କ୍ୟାରିୟର କରିବା, ବୈଜ୍ଞାନିକ ହେବାର ସ୍ୱପ୍ନ ଅଧୁରା ରହିଯାଏ । ଏପର୍ଯ୍ୟନ୍ତ ବହୁତ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ନିଟ୍ ଓ ଜେଇଇ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ପାଇଁ ଏହି ପଦକ୍ଷେପ ନେଇଛି । ପୋଷ୍ଟ ମାଟ୍ରିକ ସ୍କଲାରସିପ ଅଧୀନରେ ଥିବା ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ବିଷୟରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି, ଯେଉଁଠାରେ ସେମାନେ ନିଜ ପିତାମାତାଙ୍କ ଉପରେ ଆର୍ଥିକ ବୋଝ ନଦେଇ ସରକାରୀ ସହାୟତାରେ ଚିକିତ୍ସା ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଚ୍ଚ ବିଜ୍ଞାନ କ୍ଷେତ୍ରରେ ଉଚ୍ଚଶିକ୍ଷା ଗ୍ରହଣ କରିପାରିବେ । ଅଭିଜ୍ଞ ଶିକ୍ଷକ ଓ ଅଧ୍ୟାପକମାନେ କୌଣସି ପାରିଶ୍ରମିକ ବିନା ଏହି ଶିକ୍ଷାଦାନ କରୁଛନ୍ତି । ଶ୍ରୀ ପଦ୍ମନାଭ, ଅଶୋକ କୁମାର ସ୍ୱର୍ଣ୍ଣକାର, ନଳିନୀ ପାତ୍ର, ସରୋଜିନୀ ସାହୁ ଏବଂ ସେମାନଙ୍କ ଟିମ୍ ଭଳି ଅଧକ୍ଷମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ କୃତଜ୍ଞ । ଅଭିଭାବକମାନେ ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରୁଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଭିନ୍ନ ସରକାରୀ ବିଦ୍ୟାଳୟର ଅଧକ୍ଷମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି ।

# ତୁର୍କେଲ୍ ସେତୁ ବିପର୍ଯ୍ୟୟ : ତେଜୁଛି ଜନଅସନ୍ତୋଷ



**କଳାହାଣ୍ଡି(ଏନ୍.ଏମ୍.) :** କଳାହାଣ୍ଡିରୁ ମନୋଜ ପ୍ରଧାନଙ୍କ ରିପୋର୍ଟ : ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ତୁର୍କେଲ୍ ସେତୁ ଭାଙ୍ଗିଯାଇଥିବାରୁ ସମଗ୍ର ଅଞ୍ଚଳରେ ଯାତାୟତ ବ୍ୟବସ୍ଥା ପୂରାପୂରି ଠପ୍ ହୋଇପଡିଛି । ଏହି ସେତୁ ଉପରେ ନିର୍ଭର କରୁଥିବା ରାୟପୁର ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକର ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ଫଳରେ ସ୍ଥାନୀୟ ଲୋକମାନେ ଦୈନନ୍ଦିନ ଜୀବନ ଚାଳନାରେ ଭାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ସେତୁଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନଥିଲା । ଶେଷରେ ସେତୁର ଏକ ଅଂଶ ଧସିପଡିବାରୁ ଯାତାୟତ ପୂରାପୂରି ବନ୍ଦ ହୋଇଯାଇଛି । ଏହାର ପ୍ରଭାବରେ ଛାତ୍ରଛାତ୍ରୀ, କାର୍ଯ୍ୟାଳୟଗାମୀ ଓ ବ୍ୟବସାୟୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଆପତକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ମଧ୍ୟ ଏହି ସେତୁ ଅତ୍ୟାବଶ୍ୟକ ଥିଲା । ବର୍ତ୍ତମାନ ସେତୁ ଭାଙ୍ଗିଯାଇଥିବାରୁ ରୋଗୀଙ୍କୁ ହସ୍ପିଟାଲକୁ ନେବା ଅତ୍ୟନ୍ତ କଷ୍ଟସାଧ ହୋଇପଡିଛି । ଅନେକ ସ୍ଥାନରେ ଲୋକେ ବିକଳ୍ପ ରାସ୍ତା ବ୍ୟବହାର କରୁଥିବା ବେଳେ ତାହା ବହୁତ ଦୀର୍ଘ ଓ ଅସୁବିଧାଜନକ ଥିବାରୁ ସମୟ ଓ ଧନର ଅତିରିକ୍ତ ଭାର ବଢିଛି । ଏନେଇ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ପକ୍ଷରୁ ପ୍ରତିବାଦ ଓ ଆନ୍ଦୋଳନ ଜୋରଦାର ହୋଇଛି । ସେମାନେ ତୁରନ୍ତ ସେତୁର ମରାମତି କିମ୍ବା ନୂତନ ସେତୁ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି । ତଥାପି, ପ୍ରଶାସନ ପକ୍ଷରୁ ସ୍ପଷ୍ଟ ପଦକ୍ଷେପ ଦେଖିବାକୁ ମିଳୁନାହିଁ ବୋଲି ଅଭିଯୋଗ ହେଉଛି । ଏହି ପରିସ୍ଥିତିରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଛି । ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସ୍ଥାନୀୟମାନେ ସଚେତନ କରିଛନ୍ତି ।

# ବାମନଘାଟୀ ଠିକାଦାର ସଂଘଙ୍କର ଆନ୍ଦୋଳନ ତୀବ୍ରତର ହେଲା



**ରାଇରଙ୍ଗପୁର(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଅଧିନସ୍ଥ ବାମନଘାଟୀ ଠିକାଦାର ସଂଘର ଆନ୍ଦୋଳନ ତୀବ୍ରତର ହେଲା । ଉକ୍ତ ପରିପ୍ରେକ୍ଷୀରେ ସଂଘର ସଦସ୍ୟଗଣ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତେ ଏକଜୁଟ ହୋଇ ବାହାର ଠିକାଦାର ମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସେମାନେ ବାହାର ଏରିଆରୁ ଆସୁଥିବା ଠିକାଦାରମାନଙ୍କୁ ନାପସନ୍ଦ କରୁଛନ୍ତି । ସେମାନଙ୍କ ନିଷ୍ପତ୍ତି ଅନୁଯାୟୀ ସୂଚନା ଦେଇଛନ୍ତି, ବାମନଘାଟୀ ଠିକାଦାର ସଂଘ ୩ କୋଟି ତଳେ ଅବା ୩ କୋଟି ଭିତରେ ଥିବା ଟେଣ୍ଡରରେ ଦାଖଲ କରିପାରିବେ କିନ୍ତୁ ବାହାର ଏରିଆ ଠିକାଦାରମାନେ ୩ କୋଟି ଉପରକୁ ଥିବା ଟେଣ୍ଡର ରେ ମନନିବେଶ କରିପାରିବେ । ଏହାକୁ ଖିଲାପ ହେଲେ, ଆଗାମୀ ଦିନରେ ବିରାଟ ଗଣ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଛନ୍ତି । ବାହାର ଏରିଆର ଠିକାଦାରମାନଙ୍କୁ ସଂଘ ବରଦାସ୍ତ କରିବନାହିଁ । ଏଥିରେ ବାମନଘାଟୀ ଠିକାଦାର ସଂଘର ସଦସ୍ୟଗଣ ମଧ୍ୟରେ ଦୀପକ କୁମାର ମହାନ୍ତି, ରାଜା ବରାଳ, ଯଶୋବନ୍ତ ସାହୁ, ଜଗବନ୍ଧୁ ପାତ୍ର, ରଣଜିତ କୁମାର ନନ୍ଦ, ଗୋବିନ୍ଦ ମହାନ୍ତ, ସଂଜୟ ନାଏକ, ଦିବ୍ୟକାନ୍ତ ଖୁଣ୍ଟିଆ, ରାମପ୍ରସାଦ ଅଗ୍ରୱାଲ, ନିମାଇଚରଣ ମୁର୍ମୁ, ରଣଜିତ ମହାକୁଡ, ଗଂଜିତ ଗିରି, ବୁଲୁ ପ୍ରଧାନ, ପ୍ରମୋଦ ପରିଡା, ଅଂଜନ ମଣ୍ଡଳ, ଅନିରୁଦ୍ଧ ଗିରି, ଆଦର୍ଶ ମହାପାତ୍ର, ଶୁଭମ୍ ରାମ, ଲଳିତ ଭାରତୀ, ସରୋଜ ପ୍ରଧାନ ଓ ନିରଞ୍ଜନ ଗିରି ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ନାଁ ସଂଶୋଧନ ପାଇଁ ଲାଞ୍ଚ

**ବାଙ୍ଗିରିପୋଷ(ଏନ୍.ଏମ୍.) :** ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରୁଥିବା କିରାଣୀ ବିଶ୍ୱହିତେଶ ସାହୁ ଲୋକଙ୍କୁ ଦୁର୍ବ୍ୟବହାର ସହିତ ହଇରାଣ କରୁଛନ୍ତି । ଏପରି ଅଭିଯୋଗ ଆଣି ପୂର୍ବତନ ଫାର୍ମାସିଷ୍ଟ ଗଣେଶ ଚନ୍ଦ୍ର ବସା ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ଅନୁସାରେ, ଶ୍ରୀ ବସା ନିଜ ପୁଅର ନାଁ ସଂଶୋଧନ ପାଇଁ ଗତ ୧୭ତାରିଖ କିରାଣୀ ଶ୍ରୀସାହୁଙ୍କ ପାଖରେ ଫର୍ମପୂରଣ କରିଥିଲେ । କିନ୍ତୁ ସେ ୪ରୁ ଅଧିକ ଥର କିରାଣୀ ଶ୍ରୀ ସାହୁଙ୍କ ପାଖକୁ ଯାଇଥିଲେ ମଧ୍ୟ ସେ ନାଁ ସଂଶୋଧନ କରୁ ନାହାନ୍ତି । ବରଂ ତାଙ୍କୁ ଲାଞ୍ଚ ମଗାଯାଉଛି । ପ୍ରତିବଦଳରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଛି । ଅତିଷ୍ଠ ହୋଇ ଥାନାର ଦ୍ୱାରସ୍ଥ ହୋଇଥିବା ଶ୍ରୀ ବସା କହିଛନ୍ତି । ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ବିଶ୍ୱହିତେଶ ସାହୁ, ଗଣେଶ ଚନ୍ଦ୍ର ବସାଙ୍କୁ ନେଇ ଆପୋଷ ବୁଝାମଣା କରିଥିବା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି କହିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଲକ୍ଷ୍ମୀପ୍ରିୟା ପ୍ରଧାନ କହିଛନ୍ତି, ଭବିଷ୍ୟତରେ ଘଟଣା ଘଟିବ ନାହିଁ ।

# ଗୋ-ସୁରକ୍ଷାକୁ ନେଇ ବୈଠକ ଓ ବିଶାଳ ଶୋଭାଯାତ୍ରା

**ନବରଙ୍ଗପୁର(ଏନ୍.ଏମ୍.) :** ତେନ୍ତୁଳିଖୁଣ୍ଟି ବ୍ଲକ ସଦରରେ ସୋମବାର ଗୋ ସୁରକ୍ଷା ସଂଘ କର୍ମକର୍ତ୍ତା ମାନେ ସ୍ଥାନୀୟ ଶିବ ମନ୍ଦିରରେ ବ୍ରଜବନ୍ଧୁ ବିଷୋୟୀଙ୍କ ନେତୃତ୍ୱରେ ଏକ ବୈଠକ କରିଥିଲେ । ପରେ ଗୋ ସୁରକ୍ଷା ସଭ୍ୟ ମୃତ୍ୟୁଞ୍ଜୟ ସିଂ, ଭାଜପା ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ସୁବାଷ ନାୟକ, ଧରଣୀଧର ସିଂ ପ୍ରମୁଖଙ୍କ ନେତୃତ୍ୱ ରେ ଏକ ପଟୁଆରରେ କୀର୍ତନ ସହ ବିଭିନ୍ନ ସ୍ଲୋଗାନ ଦେଇ ପଦଯାତ୍ରା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ଗୋ ସୁରକ୍ଷା ପାଇଁ ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟଙ୍କୁ ଗୋ ସୁରକ୍ଷା ନିମନ୍ତେ ଆଲୋଚନା କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଗାଈ ଗୋରୁ ସୁରକ୍ଷା, ଗୋ ଚାଲାଣ ଓ ଗୋ ହତ୍ୟା ବନ୍ଦ ନେଇ ଆଇନ ଆଣିବାକୁ ଦର୍ଶାଯାଇଛି । ଦାବିପତ୍ର ପ୍ରଦାନବେଳେ ବନମାଳୀ ଜାନୀ, ଷ୍ଟାଲିନ ସାହୁ, ଗୁନ ଗୌଡ଼ଙ୍କ ସହ ବହୁ କର୍ମକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ ।

# ଭୋଳାନାଥ ଗୁରୁକୁଳ ଫାଉଣ୍ଡେସନର ୪ର୍ଥ ସମାବର୍ତ୍ତନ ମହୋତ୍ସବ




**ନିମାପଡ଼ା(ଏନ୍.ଏମ୍.) :** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ନହନ୍ତରା ଗୋପାଳପୁର ଠାରେ ଅଗ୍ରଣୀ ହସ୍ତକଳା ଅନୁଷ୍ଠାନ 'ଭୋଳାନାଥ ଗୁରୁକୁଳ ଫାଉଣ୍ଡେସନ'ର ୪ର୍ଥ ସମାବର୍ତ୍ତନ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଜିର ମହୋତ୍ସବରେ ରାଜ୍ୟ ସ୍ତରୀୟ ହସ୍ତଶିଳ୍ପୀ ସମାରୋହ, ଆଲୋଚନା ଚକ୍ର ତଥା ହସ୍ତଶିଳ୍ପୀ ସମ୍ବର୍ଦ୍ଧନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଫାଉଣ୍ଡେସନର ଅଧକ୍ଷ ଶରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ସୌଦାମିନୀ ସ୍ୱାଇଁ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧକ୍ଷ ଶରତ କୁମାର ପ୍ରଧାନ ଅନୁଷ୍ଠାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ହସ୍ତଶିଳ୍ପ ଭାଇ ଭଉଣୀମାନଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରମୁଖ ଆୟୁକ୍ତ, ଆୟକର ବିଭାଗ, ଅମ୍ଳାନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ବୁଣାକାର ମହାସଂଘ ସଭାପତି ଶ୍ରୀଧର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଷ୍ଣୁପଦ ମାରାଣ୍ଡି, ଉପନିର୍ଦ୍ଦେଶକ, ପୁରୀ ଜିଲ୍ଲା ହସ୍ତଶିଳ୍ପ ବିଭାଗ, ଡଃ ବିପିନ ବିହାରୀ ସାହୁ, ସମ୍ପାଦକ, ଓ୍ୱାଲ୍ଡ ଆର୍ଟ, ଭୁବନେଶ୍ୱର, ସୂର୍ଯ୍ୟକାନ୍ତ ପଣ୍ଡା, ହସ୍ତଶିଳ୍ପ ଅଧିକାରୀ, ପୁରୀଜିଲ୍ଲା, ସନ୍ତୋଷ କୁମାର ପରିଡ଼ା, ମଣ୍ଡଳ ପ୍ରମୁଖ, ଭାରତୀୟ ଜନତା ପାର୍ଟି, ନିମାପଡ଼ା, ଦେବେନ୍ଦ୍ର କୁମାର ମିଶ୍ର, ପ୍ରାକ୍ତନ ସହ ନିର୍ଦ୍ଦେଶକ, ହସ୍ତଶିଳ୍ପ ବିଭାଗ । କାର୍ଯ୍ୟକ୍ରମକୁ କବି ଗଙ୍ଗାଧର ଓଝା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା । ସେହିପରି ଅନୁଷ୍ଠାନ ଦ୍ୱାରା ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସଙ୍ଗେ ସଙ୍ଗେ ବିଚାରକ ଭାବେ ଶ୍ରୀଚରଣ ରାଉତ ଏବଂ ଲକ୍ଷ୍ମିପ୍ରିୟା ମହାପାତ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପୂର୍ବ ବର୍ଷମାନଙ୍କ ପରି ଏବର୍ଷ ମଧ୍ୟ ହସ୍ତଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀଧର ମହାରଣା, ରଘୁରାଜପୁର, ପୁରୀଙ୍କୁ 'ଶିଳ୍ପୀକୁଳ ଚନ୍ଦ୍ରମା' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଣ୍ଟିଆ ସାହି, ନିମାପଡ଼ାଙ୍କୁ 'ଗୁରୁ ପଞ୍ଚାନନ ସେନାପତି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି । ସେହିପରି ପଟ୍ଟଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କାହ୍ନୁ ଚରଣ ବେହେରା, ରଘୁରାଜପୁର, ପୁରୀ ଏବଂ ସୁଶ୍ରୀ ସରସ୍ୱତୀ ଦିକ୍ଷୀତ, ଅଣ୍ଟିଆ ସାହି, ନିମାପଡ଼ାଙ୍କୁ ଭୋଳାନାଥ ଶିଳ୍ପୀ ସମ୍ମାନ, କତା କଣ୍ଢେଇ ହସ୍ତଶିଳ୍ପ ପାଇଁ ଡଲି ଦାସ, ସାକ୍ଷୀଗୋପାଳ, ପୁରୀ ଏବଂ ତାଳପତ୍ର ଖୋଦେଇ ହସ୍ତଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସନ୍ତୋଷ କୁମାର କାମଲା, ବାଲିପାଟଣା ଖୋର୍ଦ୍ଧାଙ୍କୁ ମଧ୍ୟ ଭୋଳାନାଥ ଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏତଦ୍ ବ୍ୟତୀତ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଚିତ୍ରାନନ୍ଦ ସାହୁ ଏବଂ ଯୁବ ସାମ୍ବାଦିକ ବିକାଶ କୁମାର ବାରିକଙ୍କୁ 'ଶିଳ୍ପୀ ସଖା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଙ୍ଗୀତ ସର୍ଜନା କଳା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ଫାଉଣ୍ଡେସନର ଏଭଳି ଏକ ଅନନ୍ୟ କାର୍ଯ୍ୟକ୍ରମକୁ ସମସ୍ତେ ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହା ଅନେକ ଶିଳ୍ପୀ କାରିଗରମାନଙ୍କର ମାର୍ଗଦର୍ଶନରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଅନୁଷ୍ଠାନର ଉପଦେଷ୍ଟା ଡଃ ବିପିନ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ ।

# ୧୪୮ ଲିଟର ଚୋରା ମଦ ଜବତ, ୬ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା (ଏନ୍.ଏମ୍.) :** ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ରୋମିତା ଗ୍ରାମର ସଂଗ୍ରାମ ପ୍ରଧାନ (୨୩)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ନରହରିପୁର ଗ୍ରାମର ରଜନୀକାନ୍ତ ଦାସ (୪୮) ଙ୍କ ଠାରୁ ୩୪ ଲିଟର ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ କୁମାର ପରିଡା (୫୪) ଙ୍କ ଠାରୁ ୨୧ଲିଟର ବଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ଚରଣ ସ୍ୱାଇଁ (୩୭)ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, କୁରୁଣ୍ଟି ଗ୍ରାମର ପ୍ରଦୀପ କୁମାର ନରେନ୍ଦ୍ର (୫୬)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ ଜବତ ଏବଂ ଡେରାବିଶି ଥାନା ଅନ୍ତର୍ଗତ କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ କୁମାର ସେଠି ଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୪୮ ଲିଟର ବିଦେଶୀ ଓ ଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୬ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ, ରତ୍ନପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ସ୍ମାର୍ଟ ସିଟି ଦୌଡ଼ରେ ବାରିପଦା

# ଅଧାପନ୍ତରିଆ ଡ୍ରେନେଜ୍ ବ୍ୟବସ୍ଥା ପାଲଟିଛି ପୌରବାସୀଙ୍କ ପାଇଁ ଅଭିଶାପ



**ବାରିପଦା(ଏନ୍.ଏମ୍.) :** ମୟୂରଭଞ୍ଜର ପ୍ରାଣକେନ୍ଦ୍ର ତଥା ଐତିହ୍ୟ ସମ୍ପନ୍ନ ସହର ବାରିପଦା ଏବେ ଆଧୁନିକତାର ରୂପ ନେବାକୁ ଚେଷ୍ଟା କରୁଛି । ଚଉଡ଼ା ରାସ୍ତା, ଉଜ୍ଜ୍ୱଳ ଆଲୋକ ଏବଂ ନୂଆ ପ୍ରକଳ୍ପ ସହ ସହରଟି 'ସ୍ମାର୍ଟ ସିଟି' ହେବାକୁ ପାଦ ବଢ଼ାଉଛି । କିନ୍ତୁ ଏହି ଚାକଚକ୍ୟ ପଛରେ ଲୁଚି ରହିଛି ଏକ କଦର୍ଯ୍ୟ ସତ୍ୟ । ସହରର ଅଧାପନ୍ତରିଆ ଡ୍ରେନେଜ୍ ବ୍ୟବସ୍ଥା ଏବେ ପୌରବାସୀଙ୍କ ପାଇଁ ଅଭିଶାପ ପାଲଟିଛି । ବାରିପଦା ପୌରପାଳିକାର ବିଭିନ୍ନ ୱାର୍ଡରେ ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେବ ଚାଲିଛି । କିନ୍ତୁ ଅଧିକାଂଶ ସ୍ଥାନରେ କାମ ଅଧାରୁ ବନ୍ଦ ହୋଇ ପଡ଼ିରହିଛି । ସାମାନ୍ୟ ବର୍ଷା ହେଲେ ଡ୍ରେନରୁ ପାଣି ନିଷ୍କାସିତ ନହୋଇ ରାସ୍ତା ଉପରକୁ ମାଡ଼ି ଆସୁଛି । ଗତ ବର୍ଷାରେ ବାରିପଦା ସହରର ଯେଉଁ ଅବସ୍ଥା ହୋଇଥିଲା ତାହାର ପ୍ରତିଛବି ଏବେବି ଲୋକଙ୍କ ମନରେ ଜଳ ଜଳ ହୋଇ ଦିଶୁଛି । ଜମି ରହିଥିବା ମଇଳା ପାଣି ଯୋଗୁଁ ମଶା ବଂଶ ବୃଦ୍ଧି ପାଉଛି, ଯାହା ଡେଙ୍ଗୁ ଏବଂ ମ୍ୟାଲେରିଆ ଭଳି ରୋଗର ଭୟ ସୃଷ୍ଟି କରୁଛି । ଖୋଲା ପଡ଼ିଥିବା ଗଭୀର ନର୍ଦ୍ଦମା ଗୁଡ଼ିକ ରାତି ଅନ୍ଧାରରେ ଯାତ୍ରୀ ଓ ପଥଚାରୀଙ୍କ ପାଇଁ ମରଣଯନ୍ତା ସଦୃଶ ହୋଇଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ । ଆମେ ସ୍ମାର୍ଟ ସିଟି ଚାହୁଁଛୁ, କିନ୍ତୁ ନର୍ଦ୍ଦମା ଭର୍ତ୍ତି ରାସ୍ତା ନୁହେଁ, ' ବୋଲି ସମୀର କୁମାର ସାହୁ କ୍ଷୁବ୍ଧ ପ୍ରକାଶ କରିଛନ୍ତି । ବାରିପଦାର ବିକାଶ କେବଳ ପୋଷ୍ଟରରେ ସୀମିତ ନରହି, ତୃଣମୂଳ ସ୍ତରରେ ଦେଖାଯିବା ଦରକାର । ଅଧାପନ୍ତରିଆ କାମ ଲୋକଙ୍କ ସୁବିଧା ପାଇଁ ନୁହେଁ, ବରଂ ଦୁର୍ଦ୍ଦଶା ପାଇଁ ଦାୟୀ । ଅସମାପ୍ତ ନର୍ଦ୍ଦମା ଷ୍ଟେସନ ବଜାର, ସହରର ଅନେକ ରାସ୍ତା ଅତି ଶୋଚନୀୟ, ସ୍ୱଳ୍ପ ବର୍ଷାରେ ମଧୁବନ ଅଞ୍ଚଳର ଲୋକେ ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି, ସାମାନ୍ୟ ବର୍ଷାରେ ଆଣ୍ଠୁଏ ଆଣ୍ଠୁଏ ପାଣି ସହ ପରିମଳ ବ୍ୟବସ୍ଥା ଭୁଶୁଡ଼ି ଯାଇଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ହୋଇଛି । ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା ନଥିବାରୁ ଅଳ୍ପ ବର୍ଷାରେ ରାସ୍ତାଘାଟ କୃତ୍ରିମ ବନ୍ୟାର ରୂପ ନେଉଛି, ଯାହା ପରବର୍ତ୍ତୀ ସମୟରେ ଅନେକ ବିପଦକୁ ନିମନ୍ତ୍ରଣ କରୁଛି । ଜମି ରହିଥିବା ମଇଳା ପାଣି ହେଉଛି ଏଡିସ୍ ଏବଂ ଆନୋଫିଲିସ୍ ମଶାଙ୍କ ପ୍ରଜନନ ପାଇଁ ସବୁଠାରୁ ଉପଯୁକ୍ତ ସ୍ଥାନ । ଯଦି ବାରିପଦା ପ୍ରକୃତରେ 'ସ୍ମାର୍ଟ' ହେବାକୁ ଚାହୁଁଛି, ତେବେ କେବଳ ସୌନ୍ଦର୍ଯ୍ୟକରଣ ନୁହେଁ, ବରଂ ଡ୍ରେନେଜ୍ ଓ ପରିମଳ ଭଳି ମୌଳିକ ସମସ୍ୟାର ସମାଧାନ ପ୍ରାଥମିକତା ଭିତ୍ତିରେ ହେବା ଜରୁରୀ । ପ୍ରଶାସନ ଶୀଘ୍ର ପଦକ୍ଷେପ ନନେଲେ ଆଗାମୀ ବର୍ଷା ଦିନରେ ସହରବାସୀଙ୍କ ଦୁଃଖ ଦ୍ୱିଗୁଣିତ ହେବା ସୁନିଶ୍ଚିତ ଏଥିରେ ସନ୍ଦେହ ନାହିଁ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ବିଦ୍ୟୁତ୍ କାଟ୍‌ର ହେବ ...

ଗ୍ରୀଡ୍‌କୁ ରିମୋଟ୍ ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ । ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

ରାଜ୍ୟର ଶକ୍ତି ଭିତ୍ତିଭୂମି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୦୦ ମସିହାରେ ରାଜ୍ୟରେ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ଆଜି ତାହା ୧ କୋଟିରେ ପହଞ୍ଚିଛି । ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ କରାଯିବ । ବିଶେଷ କରି ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମ ଥର ପାଇଁ ୭୬୫ କେଭି ଗ୍ରୀଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଓପିଟିସିଏଲ୍ ପକ୍ଷରୁ ଏଣିକି 'ହଟଲାଇନ ମେଣ୍ଟେନାନ୍ସ' ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନକରି ମଧ୍ୟ ତାର ମରାମତି କରାଯାଇପାରିବ । ସେହିପରି ମଞ୍ଚେଶ୍ୱରଠାରେ ନୂତନ ଷ୍ଟେଟ୍ ଲୋଡ୍ ଡିସପାଚ୍ ସେଣ୍ଟର ବିଦ୍ୟୁତ୍ ପରିଚାଳନାକୁ ଆହୁରି ସ୍ମାର୍ଟ କରିବ । ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି, ମୁଁ ବାରମ୍ବାର କହିଛି, ଖଣି ଖାଦାନରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ । କେନ୍ଦୁଝର ଏତେ ଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତାର ହକ୍ ଫେରାଇବାର । ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଜାପାନର ପ୍ରସିଦ୍ଧ ଔରର ଝସ୍ପରରକ୍ଷ କୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ । ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି ।

କେନ୍ଦୁଝରଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବିଏନ୍‌କେ ଉଚ୍ଚବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି । ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଚ୍ଚବିଦ୍ୟାଳୟକୁ ପିଏମଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ଉନ୍ନତିକରଣ ନିମନ୍ତେ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ଏହାସହ ସ୍ଥାନୀୟ କୁଟାରୀପଶି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ କରାଯିବ ବୋଲି କହିଛନ୍ତି । ନିଜ ବକ୍ତବ୍ୟରେ ଅଂଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା । ସଫଳତାର କୌଣସି ସର୍ଟକଟ୍ ନାହିଁ । କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ । ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ । ୫ଟି ମଡେଲ ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ପ୍ରକୃତ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟରେ ୫୦ କୋଟିର ବ୍ୟବସ୍ଥା ହୋଇଛି । ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ ।

## ଚର୍ଚ୍ଚାରେ ସେବେ ଦାନ ମାଝୀ, ଏବେ ଜିତୁ ...

ଘଟଣା ହଇଚଇ ସୃଷ୍ଟି କରିବା ପରେ, ଆଜି ତାଙ୍କ ପାଖରେ ପହଞ୍ଚିଥିଲେ ପ୍ରଶାସନ ଓ ବ୍ୟାଙ୍କ କର୍ତ୍ତୃପକ୍ଷ । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡିଆନାଳି ଗାଁକୁ ଯାଇ ଜିତୁଙ୍କୁ ତାଙ୍କ ଭଉଣୀ ଜମା କରିଥିବା ପ୍ରାୟ ୧୯ ହଜାର ଟଙ୍କା ସହିତ ରେଡ୍‌କ୍ରସ୍ ପାଣ୍ଠିରୁ ଆଉ ୨୦ ହଜାର ଟଙ୍କାର ସହାୟତା ମଧ୍ୟ ପ୍ରଦାନ କରାଯାଇଛି । ଏପଟେ ମଲ୍ଲିପସୀସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବି ଯାଞ୍ଚ କରିଛନ୍ତି ଉପରିସ୍ଥ ଅଧିକାରୀ ।.. ବ୍ୟାଙ୍କ ମ୍ୟାନେଜର କହିଛନ୍ତି, ନିୟମ ଅନୁସାରେ ସେ ଖାତାଧାରୀଙ୍କ ମୃତ୍ୟୁ ପ୍ରମାଣପତ୍ର ଆଣିବା ପାଇଁ ଜିତୁଙ୍କୁ କହିଥିଲେ । ବ୍ୟାଙ୍କକୁ କଙ୍କାଳ ଆସିଲା... ଆଲୋଚନା ସମାଲୋଚନା ହେଲା... ଜିତୁ ମୁଣ୍ଡାଙ୍କୁ ଭଉଣୀଙ୍କ ଜମା ଟଙ୍କା ବି ମିଳିଲା । କିନ୍ତୁ ଏଭଳି ସ୍ପର୍ଶକାତର ତଥା ଉଦବେଗଜନକ ଘଟଣା ଛାଡ଼ିଗଲା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ବିଧିବ୍ୟବସ୍ଥା ଓ ପ୍ରକ୍ରିୟାର ଗୋଲକଧନ୍ଦାରେ ବେଳେ ବେଳେ ବଳି ପଡ଼ିଯାଉନି ତ ମାନବିକତା କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତ ହେଉଥିବା ବାବୁମାନେ, ସେଠାକାର ଅପାଠୁଆ ଗାଉଁଲି ମଣିଷଙ୍କୁ କେମିତି ଶାନ୍ତ ଓ ସରଳ ଭାବେ ବ୍ୟବସ୍ଥା ସଂପର୍କରେ ଅବଗତ କରିପାରିବେ, ସେଦିଗରେ ତତ୍ପର ତ ? ଏବଂ ସବୁଠୁ ବଡ଼ କଥା- ସବୁ ନାଗରିକଙ୍କ ବ୍ୟାଙ୍କ ଖାତା ଖୋଲିବାକୁ ଲକ୍ଷ୍ୟ ରଖିଥିବା ଦେଶରେ... ବିକଶିତ ବନିବାର ସ୍ୱପ୍ନ ଦେଖୁଥିବା ରାଜ୍ୟରେ... ଏବେ ବି ସମସ୍ତଙ୍କୁ ବ୍ୟାଙ୍କରେ ଟଙ୍କା ନେଣଦେଣ ସଂପର୍କରେ ସଚେତନ କରାଯାଇପାରିନାହିଁ । ଏହା ଓଡ଼ିଶା ପାଇଁ ଲଜ୍ଜା ନୁହେଁ କି ?... ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ମଧ୍ୟ ଏହି ଘଟଣାକୁ ନେଇ ମାମଲା ରୁଜୁ ହେବା ସହ ତଦନ୍ତ ଦାବି କରାଯାଇଛି । ଠିକ୍ ସେହିପରି ଭଉଣୀର ଶବକୁ ଆଣି ଭାଇ ବ୍ୟାଙ୍କ ସାମ୍ନାରେ ରଖିବା ଘଟଣାକୁ ନେଇ ତେଜିଛି ରାଜନୈତିକ ଉଦବେଗ । ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ପ୍ରଶାସନ ଓ ବ୍ୟାଙ୍କର ଅବହେଳା ବୋଲି କହିଛନ୍ତି । ଜିତୁ ମୁଣ୍ଡା ଆଇନ କାନୁନ ଜାଣିନଥାଇପାରନ୍ତି । ଯେଉଁମାନେ ପ୍ରଶାସନରେ ଅଛନ୍ତି, ସେମାନେ ସହଯୋଗ କରିବା ଉଚିତ ଥିଲା । କିନ୍ତୁ ତାଙ୍କୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି । ସେପଟେ ସରକାରଙ୍କୁ ନିଶାନା କରିବା ସହ ବିଜେଡି ଏହାକୁ ଲଜ୍ଜାଜନକ କହି ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛି । ବଦ୍ରି ପାତ୍ରଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି କାଲି ସୁଦ୍ଧା ରିପୋର୍ଟ ଦେବ ବୋଲି କହିଛନ୍ତି ବରିଷ୍ଠ ଉପସଭାପତି ଦେବୀ ମିଶ୍ର ।... ଅପରପକ୍ଷେ ଏହାର ଜବାବ ରଖି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା । ଯେଉଁ ଅଧିକାରୀମାନେ ତାଙ୍କୁ ଏସବୁ କାର୍ଯ୍ୟ କରିବାକୁ ବାଧ କରିଛନ୍ତି ତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ।

## ଜାପାନ ରାଷ୍ଟ୍ରଦୂତ ଖାଇଲେ ...

କଳାର ଏକ ସୁନ୍ଦର ପ୍ରତିଫଳନ ।" ରାଷ୍ଟ୍ରଦୂତ ମିଷ୍ଟର ଓନୋଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) । ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ, ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ । ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ୨୬ତମ ସ୍ଥାନକୁ ଖସିଲେ ...

୪୩ତମ ସ୍ଥାନରୁ ୩୫ତମ ଏବଂ ଅବନୀ ୫୩ତମ ସ୍ଥାନରୁ ୪୭ତମ ସ୍ଥାନକୁ ଉଠିଛନ୍ତି । ଅନ୍ୟ ତିନି ଭାରତୀୟ ଖେଳାଳି ତ୍ୱେଷା ମଲ୍ଲିକ, ବାଣୀ କପୁର ଏବଂ ହିତାଶ୍ରୀ ବକ୍ସି କଟ୍ ହାସଲ କରିବାରେ ବିଫଳ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ପିଆ ବାବନିକ୍ (ସ୍ଲୋଭେନିଆ) ଏବଂ ଏସମେ ହାମିଲଟନ୍ (ଇଂଲଣ୍ଡ) ଉଭୟ ୧୩-ଅଣ୍ଡର ପାର୍ ସହ ମୁଗ୍ମ ଭାବେ ଶୀର୍ଷ ସ୍ଥାନରେ ରହିଛନ୍ତି । କାରା ଗେନର୍ (ଇଂଲଣ୍ଡ) ଶୀର୍ଷ ଦୁଇ ଖେଳାଳିଙ୍କଠାରୁ ମାତ୍ର ଗୋଟିଏ ସଟ୍ ପଛରେ ରହି ତୃତୀୟ ସ୍ଥାନରେ ଅଛନ୍ତି । ରୟାଲ କେପ୍ ଗଲ୍ଫ କ୍ଲବରେ ପ୍ରବଳ ପବନ ଯୋଗୁଁ ଖେଳାଳିମାନେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ବେଳେ ଏବେ ଚୂଡ଼ାନ୍ତ ଦିନର ଖେଳ ଉପରେ ସମସ୍ତଙ୍କ ନଜର ରହିଛି ।

# ହାଇପରସୋନିକ୍ ଆଣ୍ଟି-ଶିପ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ, ୧,୫୦୦ କିମି ରହିଛି ଲକ୍ଷ୍ୟଭେଦ କ୍ଷମତା



**ବାଲେଶ୍ୱର(ଏନ୍.ଏମ୍.):** ଭାରତ ପକ୍ଷରୁ ସଫଳତାର ସହ ଫେଜ୍-୨ ଲମ୍ବ ଦୂରଗାମୀ ହାଇପରସୋନିକ୍ ଆଣ୍ଟି ଶିପ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଚାନ୍ଦିପୁର ଡିଆରଡିଓ ଅଧୀନରେ ଥିବା ଡ. ଏପିଜେ ଅବଦୁଲ କଲାମ ଦୀପରୁ ଗତ ଶୁକ୍ରବାର ଏହି ପରୀକ୍ଷଣ ହୋଇଥିଲା । ଏହି ପରୀକ୍ଷଣ ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆଉ ଏକ ନୂଆ ମାଇଲ ଖୁମ୍ବ ହାସଲ କରିଛି । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରଟିରେ ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରାଯାଇଛି । ଉକ୍ତ କ୍ଷେପଣାସ୍ତ୍ରଟି ଦୁଇଟି ପର୍ଯ୍ୟାୟରେ ହାଇପରସୋନିକ୍ ଗ୍ଲାଇଡ୍ ଯାନ ଡିଜାଇନ୍ରେ ନିର୍ମାଣ କରାଯାଇଛି । ପରବର୍ତ୍ତୀ ପିଢ଼ିରେ ହେବାକୁ ଥିବା ଆକ୍ରମଣ ଘଟଣାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଉକ୍ତ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧,୫୦୦ କିମି ଥିବାବେଳେ ଏହା ପରୀକ୍ଷଣ ସମୟରେ ପ୍ରଭାବୀ ସଫଳତା ହାସଲ କରିଥିଲା । ଏହି ସଫଳତା ସହ ଆଗାମୀ ଦିନରେ ଉକ୍ତ କ୍ଷେପଣାସ୍ତ୍ର ସାମୁଦ୍ରିକ ପ୍ରତିରକ୍ଷାକୁ ଅଧିକ ସୁରକ୍ଷିତ କରିବ ବୋଲି ଆଶା କରାଯାଉଛି । ପ୍ରତିରକ୍ଷା ବିଭାଗର ସୂଚନା ମୁତାବକ, ପରୀକ୍ଷଣ ସମୟରେ ଉକ୍ତ କ୍ଷେପଣାସ୍ତ୍ରଟି ଉନ୍ନତ ଟର୍ମିନାଲ୍ ମାର୍ଗଦର୍ଶନ ସଠିକତାକୁ ନିଶ୍ଚିତ କରିଥିଲା । ଏକ ଉଚ୍ଚ-ବେଗ ପଥ ଅନୁସରଣ କରି ସିଧାସଳଖ ନିଜ ଟାର୍ଗେଟ୍କୁ ହିଟ୍ କରିଥିଲା । କେବଳ ଏତିକି ନୁହେଁ* ପୂର୍ବ ନିର୍ଦ୍ଧାରିତ ସମସ୍ତ ବୈଷୟିକ ପାରାମିଟରଗୁଡ଼ିକୁ ମଧ୍ୟ ପୂରଣ କରିଥିଲା । ଏହି କ୍ଷେପଣାସ୍ତ୍ରକୁ ଏମିତି ବିକଶିତ କରାଯାଇଛି । ଯାହା ଭାରତୀୟ ନୌସେନାର ଉପକୂଳ ପ୍ରତିରକ୍ଷା ଆବଶ୍ୟକତାକୁ ପୂରଣ କରିପାରିବ । ଏହି କ୍ଷେପଣାସ୍ତ୍ର ଏକ ହାଇପରସୋନିକ୍ ବା ଅତି ତ୍ରୀବ ଗତି ଯାନ ଭାବରେ କାର୍ଯ୍ୟ କରେ । ଏହା ପ୍ରାୟ ଶବ୍ଦର ଗତିଠାରୁ ହାରାହାରି ୫ ମ୍ୟାକ୍ ବେଗରେ ଗତି କରେ । କମ୍ ଉଚ୍ଚତାରେ ଏହା ଉଡ଼ିବା ସହ ଶତ୍ରୁ ରାଡାର ସିଷ୍ଟମ ଦ୍ୱାରା ଚିହ୍ନଟ କରିଥାଏ ।

# ହୀରାକୁଦ ପାଖ ଜମି ୩୫ ହଜାରରେ ନେବେ ତାରକା ହୋଟେଲ

## ପର୍ଯ୍ୟଟନ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତରଣ ଆରମ୍ଭ

## ୨୦୦୦ ଏକର ଜମିରେ ହେବ ପର୍ଯ୍ୟଟନ ପ୍ରକଳ୍ପ



**ସମ୍ବଲପୁର(ଏନ୍.ଏମ୍.):** ହୀରାକୁଦଜଳଭଣ୍ଡାରର ପାଖ ଜମି ଡେସିମିଲ ପିଛା ୩୬ ହଜାର ୩୦୭.୫୦ ଟଙ୍କାରେ ନେବେ ଦେଶର ବଡ଼ ତାରକା ହୋଟେଲ । କାରଣ ସମ୍ବଲପୁର ପର୍ଯ୍ୟଟନ ପ୍ରକଳ୍ପ ଅନ୍ତର୍ଗତରେ ସମ୍ବଲପୁର ଜିଲ୍ଲାର ହୀରାକୁଦ ଜଳଭଣ୍ଡାର ନିକଟସ୍ଥ ୫ଟି ଗାଁର ୧୨୭.୦୮ ଏକର ଜମି ଇଡ଼କ୍କୁ ଦେଇଛି ସମ୍ବଲପୁରସଦର ତହସିଲ । ଏଥିପାଇଁ ଇଡ଼କ୍କୁ ପକ୍ଷରୁ ୪୨ କୋଟି ୬୦ ଲକ୍ଷ ୪୦ ହଜାର ୮୩୦ ଟଙ୍କା ଜମା କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

ହୀରାକୁଦ ଜଳଭଣ୍ଡାର ଚାରିପାଖରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାରେ ଥିବା ୨୦୦୦ ଏକର ଜମିରେ ହେବ ପର୍ଯ୍ୟଟନ ପ୍ରକଳ୍ପ । ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ଏନ୍‌ଓସି ପ୍ରଦାନ କରାଯାଇଥିଲେ ମଧ୍ୟ ଏଥିପାଇଁ ଯେଉଁ ସର୍ତ୍ତ ରଖିଛନ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଆଶଙ୍କା ରହିଥିଲା । କିନ୍ତୁ ପର୍ଯ୍ୟଟନ ପ୍ରକଳ୍ପ ଅନ୍ତର୍ଗତରେ ହୀରାକୁଦ ଜଳଭଣ୍ଡାର ନିକଟରେ ହୋଟେଲ ନିର୍ମାଣ ପାଇଁ ଜମି ହସ୍ତାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିରେ ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବଳବସପୁର, ତାଲବ, କିଲାସମା, ଲରଭଙ୍ଗା, ସୋଲବନ୍ତ ୧୨୭.୦୮ ଏକର ଇଡ଼କ୍କୁ ଟେକିଦେଇଛି । ଏଥିପାଇଁ ଇଡକୋ ଉପରୋକ୍ତ ରାଶିର ଅର୍ଥ ସଦର ତହସିଲଦାରଙ୍କ ଆକାଉଣ୍ଟରେ ଜମାକରିଛି । ନିୟମ ଦୃଷ୍ଟିରୁ ବଡ଼ କାରଖାନା ଏବଂ ବ୍ୟବସାୟିକ ସଂସ୍ଥାଗୁଡ଼ିକ ବ୍ୟବସାୟ ଉଦ୍ଦେଶ୍ୟରେ ଜମି ପାଇଁ ଇଡ଼କ୍କୁ ଆବେଦନ କରିଥାଆନ୍ତି । ଇଡ଼କ୍କ ସେହି ଜମି ସରକାରୀ ଥିଲେ ରାଜସ୍ୱ ବିଭାଗଠାରୁ ବ୍ୟାଞ୍ଚମାର୍କ ଭେଲ୍ୟୁଏସନ୍ରେ ରାଜସ୍ୱ ବିଭାଗଠାରୁ ନେଇଥାଏ । ସେଥିରୁ ମାତ୍ର ୧୦ ପ୍ରତିଶତ ଅଧିକ ଦରରେ ଏହି ବ୍ୟବସାୟିକ ସଂସ୍ଥାମାନଙ୍କୁ ଦେଇଥାଏ । କିଛିଦିନ ପୂର୍ବରୁ ହୀରାକୁଦ ଜଳଭଣ୍ଡାର ନିକଟରେ ହୋଟେଲ କରିବା ପାଇଁ କାମଥ ଭଳି ୫ ତାରକା ହୋଟେଲ ମାଲିକ ସମ୍ବଲପୁରକୁ ଆସି ହୀରାକୁଦ ଜଳଭଣ୍ଡାର ଜମି ଦେଖି ଯାଇଥିଲେ । କେଉଁ ହୋଟେଲମାନଙ୍କୁ ଏହି ଜମି ଦିଆଯିବ ତାହା ପର୍ଯ୍ୟଟନ ବିଭାଗ ନିଷ୍ପତ୍ତି ନେବ ବୋଲି ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହା କେବଳ ଆରମ୍ଭ ମାତ୍ର ଅଟେ । ଆଗାମୀ ଦିନରେ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ୧୦୦୦ ଏକର ଜମି ପାଖାପାଖି ଏହି ସମାନ ମୂଲ୍ୟରେ ଗୋଟିଏ ପରେ ଗୋଟିଏ ହୋଟେଲ କିମ୍ବା ବ୍ୟବସାୟିକ ସଂସ୍ଥାମାନଙ୍କୁ ଏହି ପ୍ରକ୍ରିୟାରେ ଟେକିଦିଆଯିବ । ବିଶେଷଜ୍ଞଙ୍କ କହିବା ଅନୁସାରେ, ଖୋଲା ବଜାରରେ ହୀରାକୁଦ ଜଳଭଣ୍ଡାର ନିକଟସ୍ଥ ଏହି ଜମିର ମୂଲ୍ୟ ଡେସିମିଲ ପିଛା ଲକ୍ଷାଧିକ ଟଙ୍କା ହେବ । କିନ୍ତୁ, ଏହି ବଡ଼ ହୋଟେଲ ମାଲିକମାନେ ନାମମାତ୍ର ମୂଲ୍ୟରେ ତାହା ପାଇବେ ।

# ଘରୋଇ ହଷ୍ଟେଲରେ ଅଘଟଣ

## ବେକରେ ରଶି ଲଗାଇ ଝୁଲିପଡିଲେ ବିଟେକ୍ ଛାତ୍ର

**ଭୁବନେଶ୍ୱର(ଏନ୍.ଏମ୍.):** ସମ୍ପ୍ରତି ଦିନକୁ ଦିନ ଛାତ୍ରମାନଙ୍କ ଆତ୍ମହତ୍ୟା ବଢ଼ିବାରେ ଲାଗିଛି । କେଉଁଠି ଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି ତ ଆଉ କେଉଁଠି ଛାତ୍ର । ତେବେ ମୃତର କାରଣ ସ୍ପଷ୍ଟ ଜଣାପଡୁନଥିଲେ ମଧ୍ୟ ଏହାକୁ ବିଭିନ୍ନ ଦିଗଦେଇ ପୁଲିସ ତଦନ୍ତ କରାଯିବା ସହ ଘଟଣାକୁ ଚପାଇ ଦିଆଯାଉଥିବା ଅଭିଯୋଗ ଉଠିଛି । ତେବେ ଛାତ୍ର ହେଉ ବା ଛାତ୍ରୀ କାହିଁକି ନିଜ ଜୀବନକୁ ହରାଇ ଦେଉଛନ୍ତି ଏହି ଚପଳମତି କିଶୋର କିଶୋରୀ । ଏଥିପାଇଁ ପାଠର ଚାପ ନା ପ୍ରେମ ବ୍ୟାପାର ଏ ନେଇ ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି । ଯାହା ଫଳରେ ଉଚ୍ଚ ଶିକ୍ଷା ଦେଇ ପିଲାମାନଙ୍କୁ ଭଲ ମଣିଷ କରି ଗଢ଼ିତୋଳିବା ନିମନ୍ତେ ପେଟପାଟି ମାରି ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବା ପରିବାରର କୋଳ ଶୂନ୍ୟ ମଧ୍ୟ ହୋଇ ଯାଉଛି । ସେହିଭଳି ରାଜଧାନୀ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଅଘଟଣ । ବେକରେ ରଶି ଲଗାଇ ଝୁଲିପଡିଲେ ବିଟେକ୍ ଛାତ୍ର । ହଷ୍ଟେଲରୁ ଉଦ୍ଧାର ହୋଇଛି ଛାତ୍ରଙ୍କ ଝୁଲନ୍ତା ମୃତଦେହ । ମୃତ ଛାତ୍ର ଜଣକ ମୟୂରଭଞ୍ଜ ଜିଲ୍ଲାର ବିଶ୍ୱାସ ସ୍ୱାଇଁ ବୋଲି ଜଣାପଡିଛି । ସେପଟେ ଏହି ଘଟଣାକୁ ନେଇ ହଷ୍ଟେଲ କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇଛି । ତେବେ ମୃତ ଛାତ୍ରକୁ କଲେଜରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିବା ବେଳେ ଏନେଇ ଜଣେ ସିନିୟର୍ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଏଥିସହ ଘଟଣାସ୍ଥଳରେ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବା ସହ ଘଟଣାର ତଦନ୍ତ କରୁଛି ପୁଲିସ ।

# ଝରଣୀ ନୂଆପଡ଼ା ଗାଁର ଘଟଣା: ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର




**କଣ୍ଟାବାଞ୍ଜି(ଏନ୍.ଏମ୍.):** ତୁରେକେଲା ବ୍ଲକ ଝରନି ନୂଆପଡ଼ା ଗାଁରେ ଭାଲୁଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି । ଗୁରୁତର ଜଣକ ହେଲେ ଟିକେମଣି କେତକୀ(୬୨) । ଟିକେ ସବୁ ଦିନ ଭଳି ଗାଁ ପାଖ ଜଙ୍ଗଲକୁ ଶୌଚ ପାଇଁ ଯାଇ ସେଠାରୁ ମହୁଲ ଗୋଟାଇ ଘରକୁ ଫେରିଥାନ୍ତି । ତେବେ ଆଜି ଭୋର ସକାଳୁ ସେ ଶୌଚ ପାଇଁ ଯାଇଥିବା ବେଳେ ଅଚାନକ ଜଙ୍ଗଲି ଭାଲୁ ଆକ୍ରମଣ କରିଛି । ଭାଲୁ ଆକ୍ରମଣରେ ଟିକେମଣି କେତକୀଙ୍କ ମୁହଁ ଗଭୀର ଆଘାତ ଲାଗିଥିବା ବେଳେ ହାତରେ ମଧ୍ୟ ଆଘାତ ଲାଗିଛି । ବର୍ତ୍ତମାନ କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରିଛନ୍ତି । ତେବେ ଏଭଳି ଘଟଣା ଘଟିବା ପରେ ଗାଁରେ ମଧ୍ୟ ଭୟର ବାତାବରଣ ରହିଛି । ଲୋକେ ଭାଲୁ ଭୟରେ ଘରୁ ଜଙ୍ଗଲ ଆଡ଼କୁ ଯିବାକୁ ଭୟ କରୁଛନ୍ତି ।

## ଓଟିଏମ କଲୋନୀ ଆମ୍ବିସନ କ୍ଲବରେ ଶ୍ରମିକ ଦିବସ

# 'ଶ୍ରମିକମାନଙ୍କ ବିକାଶ ହୋଇ ପାରିଲେ ଦେଶର ବିକାଶ ସମ୍ଭବ'

**ଚୌଦ୍ୱାର(ଏନ୍.ଏମ୍.):** ଚୌଦ୍ୱାର ଓଟିଏମ କଲୋନୀସ୍ଥିତ ଆମ୍ବିସନ କ୍ଲବରେ ୨୦ତମ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କ୍ଲବ ପରିସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବନମାଳୀ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ସମର୍ପିତ କରାଯାଇଥିଲା । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଶ୍ରମିକମାନଙ୍କ ବିକାଶ ହୋଇ ପାରିଲେ ଦେଶର ବିକାଶ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ପୁଣି କହିଥିଲେ ଯେ, ଶ୍ରମିକ କଲୋନୀରେ ବସବାସ କରୁଥିବା ଶ୍ରମିକମାନଙ୍କ ନାର୍ଯ୍ୟ ଅଧିକାର ପାଇଁ ସେ ସର୍ବଦା ଉଦ୍ୟମ ଜାରି ରଖିଥିବା କହିଥିଲେ । ମୁଖ୍ୟବକ୍ତା ଭାବେ ଟେଟ୍ରାହେଡେନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ମ୍ୟାନେଜିଂ ନିର୍ଦ୍ଦେଶକ ତ୍ରିଦେବ ବେହେରା ଯୋଗଦେଇ ଦେଶ ଗଠନରେ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିବା ସହ ଶ୍ରମିକ କଲୋନୀରେ ବସବାସ କରୁଥିବା ଗରିବ ପରିବାରର ପିଲାମାନଙ୍କୁ ନିଶୁଳ୍କ ଶିକ୍ଷା କ୍ଷେତ୍ରରେ ସହଯୋଗ ଯୋଗାଇଦେବେ ବୋଲି ଘୋଷଣା କରିଥିଲେ । ସମ୍ମାନିତ ଅତିଥି ଭାବେ ଚୌଦ୍ୱାର ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଯୋଗଦେଇ ଏହି ଶ୍ରମିକମାନେ ଏକଦା ସମଗ୍ର ଏସିଆ ମହାଦେଶରେ ଓଟିଏମ ସଂସ୍ଥା ଜରିଆରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, ପୂର୍ବତନ କାଉନସିଲର ମନୋଜ କୁମାର ମହାନ୍ତି, ସମାଜସେବୀ ରାକେଶ ପଣ୍ଡା, ଆଇନଜୀବୀ ସରିତା ଦାସ, ସୁଭ୍ରାଂଶୁ ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଆମ୍ବିସନ କ୍ଲବ ପକ୍ଷରୁ ସଭାପତି ଅମିତ କୁମାର ବେଉରା, ସମ୍ପାଦକ ବିଶ୍ୱଜିତ ଭଞ୍ଜ, ପ୍ରଶାନ୍ତ ଜେନା, ଜି. ପ୍ରସାଦ, ରଞ୍ଜିତ ସାହୁ, ଦେବାଶିଷ ରାଉତ, ଜୟନ୍ତ ଲେଙ୍କା, ବେଣୁଧର ପରିଡା, ଶ୍ରୀକାନ୍ତ ମହାନ୍ତି, ହିମାଂଶୁ ସ୍ୱାଇଁ, ଅରୁଣ ଲେଙ୍କା, ରଶ୍ମିରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଓଟିଏମ ଶ୍ରମିକ କଲୋନୀର ବାସିନ୍ଦା ତଥା ନ୍ୟୁରୋ ସର୍ଜନ ଡାକ୍ତର ଅକ୍ଷୟ ବେହେରା, କୁଜିବର ଗ୍ରାମର ସମାଜସେବୀ ମା' ଯଶୋଦା ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସୁର ସ୍ନେହା ସଂଗୀତ ଗ୍ରୁପ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ଓଟିଏମ ଶ୍ରମିକ କଲୋନୀର ସ୍ୱାର୍ଥ ପାଇଁ ଆମ୍ବିସନ କ୍ଲବ ବିଭିନ୍ନ ଜନହିତକର କାମ କରିବ ବୋଲି କ୍ଲବ ସମ୍ପାଦକ ଶ୍ରୀ ଭଞ୍ଜ ପ୍ରକାଶ କରିଛନ୍ତି ।

# ଚୌଦ୍ୱାର ଥାନା ଅଞ୍ଚଳରେ ନକଲି ଡିସିପି ଅନୁମତି ପତ୍ର ଦେଇ ଜଣେ ଗିରଫ

**ଚୌଦ୍ୱାର,୨୯।୪(ସମିସ):** ଚୌଦ୍ୱାର ଥାନା ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ଡିସିପିଙ୍କ ଅନୁମତିର ଆବଶ୍ୟକତା ଥିବାବେଳେ ଏଠାରେ ଜଣେ ବ୍ୟକ୍ତି ନକଲି ଅନୁମତିପତ୍ର ଦେଇ ଗିରଫ ହୋଇଥିବା ଜଣାପଡ଼ିଛି । ଏଭଳି ଅନୈତିକ କାର୍ଯ୍ୟରେ ଏକ ର୍ୟାକେଟ କାମ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି । ସେ ବ୍ୟକ୍ତିଜଣକ ଚୌଦ୍ୱାର କମିଶନରେଟ ଥାନାର ଇନଫରମର ଭାବେ କାର୍ଯ୍ୟ କରିବା ଚର୍ଚ୍ଚା ହେଉଥିବାବେଳେ ଏଭଳି ଅନୈତିକ କାର୍ଯ୍ୟରେ ସାମିଲ ରହିବା ଅନ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆଲୋଚନା ହେଉଛି ।

ମିଳିଥିବା ଖବର ଅନୁଯାୟୀ, ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ କଲୋନୀ ୮ୱାର୍ଡ଼ର ଶ୍ରୀଧର ରାଉତ ଓରଫ ବାଇଆ ନିଜକୁ ଚୌଦ୍ୱାର ଥାନାର ଜଣେ ଷ୍ଟାପ ବୋଲି ପରିଚୟ ଦେଇ ନିଜର ପତିଆରା ଜାହିର କରିଥାଏ । ଏଭଳିକି ଚୌଦ୍ୱାର ଥାନାର କିଛି କର୍ମଚାରୀଙ୍କ ସହ ବୁଲାବୁଲି କରିବା ସହ ଫେସବୁକରେ ପୁଲିସ ସହ ଫଟୋ ସେୟାର କରି ନିଜକୁ ପୁଲିସ ବୋଲି ପରିଚୟ ଦେଇଥାଏ । ଯାହାଦ୍ୱାରା ସାଧାରଣ ଲୋକଟିଏ ବିବାହ, ବ୍ରତ ଭଳି ସାମାଜିକ କାର୍ଯ୍ୟକ୍ରମ ପାଇଁ ଡିସିପି ଅନୁମତି ନିମନ୍ତେ ତାକୁ ଭରଷା କରିଥାନ୍ତି । ଏହାର ସୁଯୋଗ ନେଇ ବାଇଆ ଲୋକଙ୍କ ଠାରୁ ଅର୍ଥ ନେଇ ନକଲି ଅନୁମତି ପତ୍ର ବାହାରକରି ଦେଇଥାଏ । ଏପରିକି ଗତ ୨୭ ତାରିଖ ଦିନ ଚୌଦ୍ୱାର ଓଟିଏମ କଲୋନୀରେ ଏକ ବିବାହ ପାଇଁ ବରାନୁଗମନ ଓ ରୋଷଣୀ ନିମନ୍ତେ ତାଙ୍କୁ ଏକ ନକଲି ଅନୁମତିପତ୍ର ପ୍ରଦାନ କରାଯାଇଥିଲା । ଏହି ରୋଷଣୀରେ ଉଚ୍ଚ ଶବ୍ଦରେ ଡିଜେ ବାଜୁଥିବାରୁ ଲୋକେ ଅତିଷ୍ଠ ହୋଇ ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କୁ ଫୋନଯୋଗେ ଅଭିଯୋଗ କରିଥିଲେ । ଆଇଆଇସି ନିଜେ ତଦନ୍ତ କରି ଜାଣିବାକୁ ପାଇଥିଲେ ଯେ, ଉକ୍ତ ରୋଷଣୀ ପାଇଁ ଯେଉଁ ଅନୁମତିପତ୍ର ରହିଛି ତାହା ନକଲି । ଏହାପରେ ଆଇଆଇସି ଆଶ୍ଚର୍ଯ୍ୟ ହେବା ସହ ନିଜେ ଏହାର ଖୋଳତାଡ଼ କରିଥିଲେ । ଅତୀତରେ ଏଭଳି ଅନେକ ନକଲି ଅନୁମତି ପତ୍ର ପ୍ରଦାନ କରାଯାଇଥିବା ଆଇଆଇସି ଶ୍ରୀ ଦାସ ଜାଣିବାକୁ ପାଇଥିଲେ । ତେବେ ଶ୍ରୀଧର ଜଣେ ପ୍ରତିଷ୍ଠିତ ଗୋଷ୍ଠୀର ସଦସ୍ୟ ଥିବାରୁ ପୁଲିସ ଉପରେ ବାରମ୍ବାର ଚାପ ପଡ଼ିଥିଲେ ମଧ୍ୟ ଆଇଆଇସି ଶ୍ରୀ ଦାସ ନିର୍ଭିକତାର ସହ ଶ୍ରୀଧରକୁ ଗିରଫ କରି କେଶ ନମ୍ବର ୨୮୩/୨୦୨୬ ଦଫା ୩୧୮(୪), ୩୩୬(୩), ୩୪୦ (୨)କୋର୍ଟ ଚାଲଣ କରିଛନ୍ତି । ତେବେ ଯେଉଁ ଠାରେ ଏହି ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଥିଲା ସେଠାରେ ଚଢ଼ାଉ କରାଯାଇ କମ୍ପ୍ୟୁଟର ହାର୍ଡଡିକ୍ସ ସହ ଆନୁସଙ୍ଗିକ ଉପକରଣ ଜବତ କରାଯାଇ ତଦନ୍ତ ଜାରି ରହିଛି ।






# ଦକ୍ଷିଣ ଆଫ୍ରିକା ୪-୧ରେ ସିରିଜ୍ ବିଜୟ



**ବେନୋନୀ (ଏଜେନ୍ସି) :** ଲୌରା ଓଲଭାର୍ଡ ନିଜର ରେକର୍ଡ ସୃଷ୍ଟିକାରୀ ଫର୍ମ ବଜାୟ ରଖି ୫୬ ବଲ୍‌ରୁ ଅପରାଜିତ ୯୨ ରନ୍‌ର ଏକ ଦମଦାର ଇନିଂସ ଖେଳିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ପଞ୍ଚମ ଟି-୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳକୁ ୨୩ ରନ୍‌ରେ ପରାସ୍ତ କରିଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ବେନୋନୀର ୱିଲୋମୁର୍ ପାର୍କଠାରେ ଅନୁଷ୍ଠିତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୪-୧ରେ ଜିତି ନେଇଛି। ସିରିଜ୍‌ର ଏହି ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଓଲଭାର୍ଡ ୧୧ଟି ଚୌକା ଏବଂ ୨ଟି ଛକା ମାରି ଆଉ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ପ୍ରଥମ ୱିକେଟ୍ ପାଇଁ ସୁନେ ଲୁସ୍ ?ଙ୍କ ସହ ମିଶି ୭୫ ରନ୍‌ର ଏକ ଦୃଢ ଭାଗିଦାରୀ କରିଥିଲେ। ଲୁସ୍ ୨୩ଟି ବଲ୍‌ରୁ ୨୩ ରନ୍ କରିଥିଲେ, ଯେଉଁଥିରେ ୨ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା। ଏକ ମଧ୍ୟମ ଧରଣର ସ୍କୋରକୁ ପିଛା କରି ଭାରତ ଆରମ୍ଭରୁ ୱିକେଟ୍ ହରାଇଥିଲା ଏବଂ ଭାରତୀ ଫୁଲମାଳିଙ୍କ ଲଢୁଆ ୪୦ରନ୍ ସତ୍ତ୍ୱେ ଦଳ ମାତ୍ର ୧୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା, ଫଳରେ ଦଳ ୩୨ ରନ୍‌ରେ ମ୍ୟାଚ୍ ହାରିଯାଇଥିଲା। ଅନ୍ୟପଟେ ୱିକେଟ୍ ପଡୁଥିଲେ ମଧ୍ୟ ଓଲଭାର୍ଡ ଦକ୍ଷିଣ ଆଫ୍ରିକା ପାଇଁ ଗୋଟିଏ ପଟେ ଦୃଢ଼ ଭାବେ ଛିଡ଼ା ହୋଇ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ତାଙ୍କର ଏହି ୯୨ରନ୍‌ର ଇନିଂସ ବଳରେ ସେ ସିରିଜ୍‌ରେ ମୋଟ ୩୩୦ ରନ୍ କରିଥିଲେ, ଯାହା ଯେକୌଣସି ମହିଳା ଟି-୨୦ ସିରିଜ୍‌ରେ ଜଣେ ବ୍ୟାଟରଙ୍କ ଦ୍ୱାରା କରାଯାଇଥିବା ସର୍ବାଧିକ ରନ୍। ଓଲଭାର୍ଡ ଏବଂ ଲୁସ୍‌ଙ୍କ ଓପନିଂ ଭାଗିଦାରୀ ପରେ ଭାରତ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା ଏବଂ କ୍ରମାଗତ ଭାବେ ୱିକେଟ୍ ନେଇ ଦକ୍ଷିଣ ଆଫ୍ରିକାକୁ ୨୦ ଓଭରରେ ୧୫୫/୮ ରନ୍‌ରେ ସୀମିତ ରଖିବାରେ ସଫଳ ହୋଇଥିଲା। ଭାରତ ପକ୍ଷରୁ ରେଣୁକା ସିଂ, ଶ୍ରୀ ଚରଣୀ ଏବଂ ଅରୁନ୍ଧତୀ ରେଡ୍ଡୀ ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ଅଖତିଆର କରିଥିଲେ। ଏହାଦ୍ୱାରା ଭାରତୀୟ ମହିଳା ଦଳ ଦକ୍ଷିଣ ଆଫ୍ରିକାକୁ ଏକ ବଡ଼ ସ୍କୋର କରିବାରୁ ରୋକିବାରେ ସଫଳ ହୋଇଥିଲେ। ଏହାପରେ ଆୟୋଜକ ଦଳ (ଦକ୍ଷିଣ ଆଫ୍ରିକା) ପୁଣି ଥରେ ମ୍ୟାଚ୍‌କୁ ଫେରିଥିଲେ ଏବଂ ଭାରତକୁ ବିଜୟରୁ ବଞ୍ଚିତ କରିଥିଲେ। ସୂଚନାଯୋଗ୍ୟ ଯେ, ଭାରତୀୟ ଦଳ ଚତୁର୍ଥ ମ୍ୟାଚ୍ ?ରେ ଏକ ସୁନ୍ଦର ଅଲରାଉଣ୍ଡ ପ୍ରଦର୍ଶନ କରି ବିଜୟୀ ହୋଇଥିଲେ ଏବଂ ସେମାନଙ୍କ ପାଖରେ ସିରିଜ୍‌କୁ ୨-୩ ସ୍ଥିତିକୁ ଆଣିବା ପାଇଁ ଏକ ବଡ଼ ସୁଯୋଗ ଥିଲା, କିନ୍ତୁ ଦକ୍ଷିଣ ଆଫ୍ରିକା ସେମାନଙ୍କୁ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଜିତିବାକୁ ଦେଇନଥିଲା ।

## ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍

# ବ୍ରେଣ୍ଟଫୋର୍ଡକୁ ହରାଇ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ବଡ଼ ବିଜୟ



**ମାଞ୍ଚେଷ୍ଟର(ଏଜେନ୍ସି) :** ଓଲ୍ଡ ଟ୍ରାଫୋର୍ଡରେ ବ୍ରେଣ୍ଟଫୋର୍ଡ ବିରୁଦ୍ଧରେ ୨-୧ ଗୋଲ୍‌ରେ ବିଜୟ ହାସଲ କରିବା ପରେ ମାଞ୍ଚେଷ୍ଟର ୟୁନାଇଟେଡ୍ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍‌କୁ ଫେରିବା ପାଇଁ ନିଜର ସ୍ଥାନ ପ୍ରାୟ ପକ୍କା କରିଛି। ପ୍ରିମିୟର ଲିଗ୍‌ରେ ଆଉ ମାତ୍ର ଚାରୋଟି ମ୍ୟାଚ୍ ବାକି ଥିବାବେଳେ ୟୁନାଇଟେଡ୍ ଏବେ ଷଷ୍ଠ ସ୍ଥାନରେ ଥିବା ବ୍ରାଇଟନ୍ ଆଣ୍ଡ ହୋଭ୍ ଆଲବିଅନ୍ ଠାରୁ ୧୧ ପଏଣ୍ଟ ଆଗରେ ରହିଛି। ଆସନ୍ତା ସପ୍ତାହରେ ଯେତେବେଳେ ସେମାନେ ଓଲ୍ଡ ଟ୍ରାଫୋର୍ଡରେ ଚତୁର୍ଥ ସ୍ଥାନରେ ଥିବା ଲିଭରପୁଲ୍‌କୁ ଆତିଥ୍ୟ ଦେବେ, ସେତେବେଳେ ସେମାନଙ୍କର ଚାମ୍ପିଅନ୍ସ ଲିଗ୍ ଯୋଗ୍ୟତା ଉପରେ ଚୂଡ଼ାନ୍ତ ମୋହର ବାଜିପାରେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା ଏବଂ ଉଭୟ ଦଳକୁ ଗୋଲ୍ କରିବାର ଅନେକ ସୁଯୋଗ ମିଳିଥିଲା। ମାଇକେଲ୍ କାରିକଙ୍କ ଦଳ ୧୧ତମ ମିନିଟରେ କାସେମିରୋଙ୍କ ଏକ ଚମତ୍କାର ହେଡର୍ ସାହାଯ୍ୟରେ ପ୍ରଥମ ସଫଳତା ପାଇଥିଲା। ୪୩ତମ ମିନିଟରେ ବେଞ୍ଜାମିନ୍ ସେସ୍କୋ 'ରେଡ୍ ଡେର୍ଭିଲ୍ସ'ଙ୍କ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ବ୍ରୁନୋ ଫର୍ଣ୍ଣାଣ୍ଡେସ୍‌ଙ୍କ ଏକ ସୁନ୍ଦର ପାସ୍‌କୁ ସେ ଗୋଲ୍‌ରେ ପରିଣତ କରିଥିଲେ। ଏହି ଆସିଷ୍ଟ ସହିତ ବ୍ରୁନୋ ଚଳିତ ପ୍ରିମିୟର ଲିଗ୍ ସିଜନ୍‌ରେ ନିଜର ୧୯ତମ ସଫଳ ପାସ୍ ରେକର୍ଡ କରିଛନ୍ତି। ଅନେକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିବା ପରେ, ମ୍ୟାଚ୍‌ର ଶେଷ ଭାଗରେ ବ୍ରେଣ୍ଟଫୋର୍ଡ ପକ୍ଷରୁ ମାଥିଆସ୍ ଜେନସେନ ଏକ ଶକ୍ତିଶାଳୀ ସ୍ଟ୍ରାଇକ୍ କରିଥିଲେ ଯାହା ଗୋଲ୍ ପୋଷ୍ଟରେ ବାଜି ଭିତରକୁ ଯାଇଥିଲା ଏବଂ ଦଳର ଖାତା ଖୋଲିଥିଲା। ଏହାପରେ ମିକ୍କେ ଡାମ୍ସଗାର୍ଡଙ୍କ ଏକ ହେଡର୍‌କୁ ସେନ୍ ଲାମେନ୍ସ ରୋକି ଦେଇଥିଲେ। ହ୍ୟାରି ମାଗୁଆୟର ମଧ୍ୟ ଫର୍ଣ୍ଣାଣ୍ଡେସ୍‌ଙ୍କ କର୍ଣ୍ଣରରୁ ଗୋଲ୍ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ, କିନ୍ତୁ ଅଳ୍ପ ସମୟ ପରେ ଏହି ଯୋଡ଼ି ୟୁନାଇଟେଡ୍‌ର ପ୍ରଥମ ଗୋଲ୍ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ଫର୍ଣ୍ଣାଣ୍ଡେସ୍‌ଙ୍କ ପାସ୍‌କୁ ମାଗୁଆୟର ବ୍ୟାକ୍ ପୋଷ୍ଟ ଆଡ଼କୁ ହେଡର୍ କରିଥିଲେ, ଯେଉଁଠାରେ କାସେମିରୋ ବଲ୍‌କୁ ମୁଣ୍ଡରେ ମାରି ଚଳିତ ସିଜନର ନବମ ପ୍ରିମିୟର ଲିଗ୍ ଗୋଲ୍ ସ୍କୋର କରିଥିଲେ। ବ୍ରେଣ୍ଟଫୋର୍ଡ ପାଖରେ ମ୍ୟାଚ୍‌କୁ ବରାବର କରିବା ପାଇଁ ଅନେକ ସୁଯୋଗ ଥିଲା, ଯେଉଁଥିରେ ସର୍ବାଧିକ ଗୋଲ୍ କରିଥିବା ଖେଳାଳି ଇଗୋର ଥିଆଗୋ ତିନୋଟି ବଡ଼ ସୁଯୋଗ ନଷ୍ଟ କରିଥିଲେ। ଏହାର ପରିଣାମ ଦଳକୁ ଭୋଗିବାକୁ ପଡ଼ିଥିଲା ଯେତେବେଳେ ଫର୍ଣ୍ଣାଣ୍ଡେସ୍-ଯିଏ କି ଏବେ ପ୍ରିମିୟର ଲିଗ୍‌ର ଗୋଟିଏ ସିଜନ୍‌ରେ ସର୍ବାଧିକ ଆସିଷ୍ଟ କରିବା ରେକର୍ଡଠାରୁ ମାତ୍ର ଗୋଟିଏ ପାଦ ଦୂରରେ ଅଛନ୍ତି-ସେସ୍କୋଙ୍କୁ ଏକ ସଠିକ୍ ପାସ୍ ଦେଇଥିଲେ। ଷ୍ଟ୍ରାଇକର (ସେସ୍କୋ), ନାଥାନ କୋଲିନ୍ସଙ୍କୁ ଚକମା ଦେଇ ବସାଇ ଦେବା ପରେ ଏକ ଜବରଦସ୍ତ ଶଟ୍ ମାରି ଏହି ଚମତ୍କାର କାଉଣ୍ଟର-ଆଟାକ୍‌କୁ ଗୋଲ୍‌ରେ ପରିଣତ କରିଥିଲେ। ବିରତି ପରେ ମାଇକେଲ୍ କାରିକଙ୍କ ଏକ ରଣନୀତିକ ପରିବର୍ତ୍ତନ ବ୍ରେଣ୍ଟଫୋର୍ଡର ଗତିକୁ କିଛି ସମୟ ପାଇଁ ଅଟକାଇ ଦେଇଥିଲା, କିନ୍ତୁ ଭ୍ରମଣକାରୀ ଦଳ ପାଇଁ ଡାଙ୍ଗୋ ଓଉଟାରା ଅତି ନିକଟରୁ ଏକ ହେଡର୍ ମାରିଥିଲେ ମଧ୍ୟ ତାହା ଗୋଲ୍ ପୋଷ୍ଟରେ ବାଜି ଫେରିଆସିଥିଲା। ତେବେ ମ୍ୟାଚ୍‌ର ୮୭ତମ ମିନିଟରେ ଜେନସେନ ୨୫ ଗଜ ଦୂରରୁ ଏକ ଚିତ୍ତାକର୍ଷକ ଗୋଲ୍ କରି ମ୍ୟାଚ୍‌କୁ ରୋମାଞ୍ଚକର ସ୍ଥିତିକୁ ନେଇ ଆସିଥିଲେ। ଶେଷ ମୁହୂର୍ତ୍ତରେ ବ୍ରେଣ୍ଟଫୋର୍ଡ ପକ୍ଷରୁ ପ୍ରବଳ ଚାପ ସତ୍ତ୍ୱେ ୟୁନାଇଟେଡ୍ ନିଜର ବିଜୟ ବଜାୟ ରଖିବାରେ ସଫଳ ହୋଇଥିଲା।

# ୨୧ ବର୍ଷ ପରେ ଟୁର୍ଣ୍ଣାମେଣ୍ଟକୁ ଫେରିଲା ଭାରତୀୟ ଦଳ



## ଏଏଫସି ଅଣ୍ଡର-୧୭ ମହିଳା ଏସୀୟ କପ୍

**ନୂଆଦିଲ୍ଲୀ (ଏଜେନ୍ସି):** ଗୁରୁଗ୍ରାମରେ ଏକ ସ୍ୱଳ୍ପକାଳୀନ ଶିବିର ପରେ, ଭାରତୀୟ ଅଣ୍ଡର-୧୭ ମହିଳା ଜାତୀୟ ଦଳ 'ଏଏଫସି ଅଣ୍ଡର-୧୭ ମହିଳା ଏସୀୟ କପ୍ ଚୀନ୍ ୨୦୨୬' ପୂର୍ବରୁ ସୋମବାର ସୁଜୋଉରେ ପହଞ୍ଚିଛି। ୨୧ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତ, ମେ' ୨ ତାରିଖ ଭାରତୀୟ ସମୟ ଅପରାହ୍ନ ୫ଟାରେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ। ଏହାପରେ ମେ' ୫ ଅପରାହ୍ନ ୫ଟାରେ ଜାପାନ ଏବଂ ମେ' ୮ ଅପରାହ୍ନ ୧ଟାରେ ଲେବାନନ ସହିତ ଭାରତର ମୁକାବିଲା ହେବ। ସମସ୍ତ ମ୍ୟାଚ୍ ସୁଜୋଉ ତାଇହୁ ଫୁଟବଲ୍ ସ୍ପୋର୍ଟସ ସେଣ୍ଟର ପଡ଼ିଆରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇଟି ଦଳ ଏବଂ ସମସ୍ତ ଗ୍ରୁପ୍ ମଧ୍ୟରୁ ଦୁଇଟି ଶ୍ରେଷ୍ଠ ତୃତୀୟ ସ୍ଥାନ ଅଧିକାରୀ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। କ୍ୱାର୍ଟର ଫାଇନାଲର ଚାରିଜଣ ବିଜେତା 'ଫିଫା ଅଣ୍ଡର-୧୭ ମହିଳା ବିଶ୍ୱକପ୍, ମୋରୋକୋ ୨୦୨୬' ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏହି ଏସୀୟ କପ୍‌ର ସମସ୍ତ ମ୍ୟାଚ୍ ଏଏଫସି ଏସିଆନ୍ କପ୍‌ର ୟୁଟ୍ୟୁବ୍ ଚ୍ୟାନେଲରେ ସିଧାପ୍ରସାରିତ ହେବ। ଭାରତୀୟ ଦଳ ୨୭ ଏପ୍ରିଲ୍ ଭୋର ସମୟରେ ସୁଜୋଉରେ ପହଞ୍ଚିଥିବା ବେଳେ ସନ୍ଧ୍ୟାରେ ସେମାନଙ୍କର ପ୍ରଥମ ପ୍ରଶିକ୍ଷଣ ଅଧିବେଶନ ଅନୁଷ୍ଠିତ ହୋଇଛି। ଜାନୁଆରୀ ମାସରେ ନିଯୁକ୍ତ ହୋଇଥିବା ଇଟାଲୀୟ ମୁଖ୍ୟ ପ୍ରଶିକ୍ଷିକା ପାମେଲା କୋଣ୍ଟିଙ୍କ ମାର୍ଗଦର୍ଶନରେ, ଭାରତୀୟ ଦଳ ଗତ ତିନି ମାସରୁ ଅଧିକ ସମୟ ଧରି ମୁଖ୍ୟତଃ ବେଙ୍ଗାଲୁରୁରେ ନିରନ୍ତର ପ୍ରଶିକ୍ଷଣ ଶିବିର ଜାରି ରଖିଛି। ଏହି ଅଣ୍ଡର-୧୭ ଦଳ ଫେବୃଆରୀ ମାସରେ ସାଫ୍ ଅଣ୍ଡର-୧୯ ମହିଳା ଚାମ୍ପିୟନଶିପ୍ ଜିତିଥିଲେ ଏବଂ ମାର୍ଚ୍ଚରେ ୟାଙ୍ଗୁନ୍‌ଠାରେ ମ୍ୟାନ୍‌ମାର ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଜୟ ହାସଲ କରିଥିଲେ।

## ଉବେର କପ୍ ଫାଇନାଲ୍ସ

# ୦-୫ ରେ ହାରି ଭାରତର ଅଭିଯାନ ଶେଷ



**ହର୍ସେନ୍ସ (ଏଜେନ୍ସି):** ଦୁଇଥରର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏକ ମଜବୁତ ସ୍ଥିତିରେ ଥାଇ ମଧ୍ୟ ସୁଯୋଗ ହାତଛଡ଼ା କରିଥିଲେ, ଯାହାଫଳରେ ଭାରତ ଉବେର କପ୍ ଫାଇନାଲ୍ସରେ ଚୀନ୍ ନିକଟରୁ ୦-୫ ଗୋଲ୍‌ରେ ପରାସ୍ତ ହୋଇଛି। ଏହି ପରାଜୟ ସହ ଭାରତର ଅଭିଯାନ ମଧ୍ୟ ଶେଷ ହୋଇଛି। ଭାରତୀୟ ମହିଳା ଦଳ ନିଜର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଡେନମାର୍କ ନିକଟରୁ ୨-୩ ରେ ହାରିଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ୟୁକ୍ରେନ୍‌କୁ ୪-୧ ରେ ହରାଇ ପ୍ରତ୍ୟାବର୍ତ୍ତନ କରିଥିଲା। ଉବେର କପ୍ ଇତିହାସରେ ୧୬ଟି ଟାଇଟଲ୍ ସହ ଚୀନ୍ ସବୁଠାରୁ ସଫଳ ଦଳ ଭାବେ ପରିଚିତ, ତେଣୁ ସେମାନଙ୍କୁ ହରାଇବା ଭାରତ ପାଇଁ ଏକ ବଡ଼ ଆହ୍ୱାନ ଥିଲା। ଭାରତ ନିଜର ଶେଷ ତିନୋଟି ପ୍ରମୁଖ ମୁକାବିଲାରେ ମଧ୍ୟ ଚୀନ୍ ନିକଟରୁ ପରାଜିତ ହୋଇଥିଲା। ସିନ୍ଧୁ ଦଳର ନେତୃତ୍ୱ ନେଉଥିବା ବେଳେ, ଅନ୍ୟ ଦୁଇଟି ସିଙ୍ଗଲ୍ସ ମ୍ୟାଚ୍ ପାଇଁ ଉନ୍ନତି ହୁଡା ଏବଂ ତନଭୀ ଶର୍ମାଙ୍କ ସ୍ଥାନରେ ଇଶାରାଣୀ ବରୁଆ ଏବଂ ଦେବିକା ସିହାଗଙ୍କୁ ଦଳରେ ସାମିଲ କରାଯାଇଥିଲା। ପ୍ରଥମ ସିଙ୍ଗଲ୍ସରେ ସିନ୍ଧୁ ବିଶ୍ୱର ୨ ନମ୍ବର ଖେଳାଳି ୱାଙ୍ଗ ଜିୟୀଙ୍କ ବିରୁଦ୍ଧରେ ଏକ ବଡ଼ ବିଜୟ ଅଭିମୁଖେ ଅଗ୍ରସର ହୋଇ ଆଶା ସଞ୍ଚାର କରିଥିଲେ। କିନ୍ତୁ ନିର୍ଣ୍ଣାୟକ ସେଟ୍‌ରେ ୧୮-୧୨ ର ମଜବୁତ ଅଗ୍ରଣୀ ପାଇ ମଧ୍ୟ ସେ ଏହାକୁ ହାତଛଡ଼ା କରିଥିଲେ ଏବଂ ଶେଷରେ ୧୬-୨୧, ୨୧-୧୯, ୧୯-୨୧ ରେ ପରାସ୍ତ ହୋଇଥିଲେ। ଗ୍ରୁପ୍-ଏ ର ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଚୀନ୍ ୧-୦ ରେ ଆଗୁଆ ରହିଥିଲା। ଡିଫେଣ୍ଡିଂ ଚାମ୍ପିଅନ୍ ଚୀନ୍‌କୁ ହରାଇବା ପାଇଁ କୌଣସି ଚମତ୍କାରର ଆବଶ୍ୟକତା ଥିଲା। ଯଦିଓ ଯୁବ ଭାରତୀୟ ସଟଲରମାନେ ଜୋରଦାର ଲଢେଇ ପ୍ରଦର୍ଶନ କରିଥିଲେ, ଖେଳରେ ଫିନିସିଂ ଟଚ୍‌ର ଅଭାବ ରହିଥିଲା।

# ୨୦୩୧ରୁ ଅଲିମ୍ପିକ୍ସ ପୂର୍ବରୁ ହୋଇପାରେ ଏସୀୟ କ୍ରୀଡ଼ା

Olympic Council of Asia

**ସାନ୍ୟା (ଏଜେନ୍ସି) :** ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ (ଓସିଏ) ଏସୀୟ କ୍ରୀଡ଼ାକୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସର ଠିକ୍ ପୂର୍ବ ବର୍ଷକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା କରୁଛି। ବିଶ୍ୱର ଏହି ସର୍ବବୃହତ କ୍ରୀଡ଼ା ମହୋତ୍ସବ ସହିତ ମହାଦେଶୀୟ କ୍ରୀଡ଼ାକୁ ଅଧିକ ଉନ୍ନତ ଭାବେ ସଜାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଓସିଏର ଉପାଧ୍ୟକ୍ଷ ସୋଙ୍ଗ ଲୁଜେଙ୍ଗ ସୋମବାର ଦିନ 'ସିନହୁଆ'କୁ କହିଛନ୍ତି ଯେ, ଏହି ପରିବର୍ତ୍ତନ ଦୋହା ଏସୀୟ କ୍ରୀଡ଼ାରୁ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି, ଯାହା ୨୦୩୦ ବଦଳରେ ୨୦୩୧ କୁ ଘୁଞ୍ଚାଇ ଦିଆଯିବ। ଏହି ପ୍ରସ୍ତାବକୁ ଓସିଏର କାର୍ଯ୍ୟକାରୀ ବୋର୍ଡ ପକ୍ଷରୁ ଅନୁମୋଦନ ମିଳିସାରିଛି ଏବଂ ବର୍ତ୍ତମାନ ଆନ୍ତର୍ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସହିତ ଏହା ଉପରେ ଅଧିକ ପରାମର୍ଶ କରାଯାଉଛି। ସୋଙ୍ଗ କହିଛନ୍ତି ଯେ, 'ଏହା ଦ୍ୱାରା ଏସୀୟ କ୍ରୀଡ଼ା ଅଲିମ୍ପିକ୍ସ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ଭାବେ କାର୍ଯ୍ୟ କରିପାରିବ, ଯାହା ଅନେକ ଶ୍ରେଷ୍ଠ ଆଥଲେଟ୍‌ଙ୍କୁ ମୂଲ୍ୟବାନ ପ୍ରତିଯୋଗିତାମୂଳକ ସୁଯୋଗ ଦେବା ସହ ଏହି କ୍ରୀଡ଼ାର ସାମଗ୍ରିକ ମାନ ବୃଦ୍ଧି କରିବ।' ସୋଙ୍ଗ ଏହା ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଆନ୍ତର୍ଜାତୀୟ ମହାସଂଘଗୁଡ଼ିକ ଦ୍ୱାରା ପରିଚାଳିତ ହେଉଛି ଏବଂ ନୂତନ ଯୋଜନା ସମ୍ପର୍କରେ ଓସିଏ ସେମାନଙ୍କ ମଧ୍ୟରୁ କେତେକଙ୍କ ସହ ଆଲୋଚନାର ଶେଷ ପର୍ଯ୍ୟାୟରେ ରହିଛି। ଯଦି ଏହି ପ୍ରସ୍ତାବ ଅନୁମୋଦିତ ହୁଏ, ତେବେ ଏହି ପରିବର୍ତ୍ତନ ଦୋହା ୨୦୩୦ ଏସୀୟ କ୍ରୀଡ଼ାରୁ ଆରମ୍ଭ ହେବ, ଯାହାକୁ ୨୦୩୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯିବ। ଏହା ରିୟାଧ ୨୦୩୪ ଏସୀୟ କ୍ରୀଡ଼ାକୁ ମଧ୍ୟ ପ୍ରଭାବିତ କରିବ, ଯାହା ଫଳସ୍ୱରୂପ ୨୦୩୫ରେ ଅନୁଷ୍ଠିତ ହେବ। ଏହାର ବିପରୀତରେ, ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଆଇଚି-ନାଗୋୟା ୨୦୨୬ ଏସୀୟ କ୍ରୀଡ଼ା ନିଜର ମୂଳ ସମୟସୂଚୀ ଅର୍ଥାତ୍ ୧୯ ସେପ୍ଟେମ୍ବରରୁ ୪ ଅକ୍ଟୋବର ୨୦୨୬ ମଧ୍ୟରେ ଅପରିବର୍ତ୍ତିତ ରହିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ୧୯୮୨ ପରେ ପ୍ରଥମ ଥର ପାଇଁ ଏସୀୟ କ୍ରୀଡ଼ାକୁ ନିଜ ମାଟିକୁ ଫେରାଇ ଆଣିବାକୁ ଲକ୍ଷ୍ୟ ରଖିଛି। ଭାରତ ୨୦୩୮ ଏସୀୟ କ୍ରୀଡ଼ା ଆୟୋଜନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି ଏବଂ ଏହି ପ୍ରସ୍ତାବ ଚୀନର ସାନ୍ୟାଠାରେ ଅନୁଷ୍ଠିତ ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ ର କାର୍ଯ୍ୟକାରୀ ବୋର୍ଡ ବୈଠକରେ ଆଲୋଚନା କରାଯାଇଛି। ଯଦିଓ ନୂଆଦିଲ୍ଲୀ ୧୯୫୧ରେ ଏହାର ପ୍ରଥମ ସଂସ୍କରଣ ଏବଂ ଶେଷ ଥର ପାଇଁ ୧୯୮୨ରେ ଆୟୋଜନ କରିଥିଲା, ୨୦୩୮ର ଏହି ବିଡ୍ ସଫଳ ହେଲେ ଏହା ତୃତୀୟ ଥର ପାଇଁ ଏହି ପ୍ରତିଷ୍ଠିତ ମହାଦେଶୀୟ ପ୍ରତିଯୋଗିତାର ପ୍ରତ୍ୟାବର୍ତ୍ତନକୁ ଚିହ୍ନିତ କରିବ।

## ଥୋମାସ୍ କପ୍

# ଅଷ୍ଟ୍ରେଲିଆକୁ ହରାଇ କ୍ୱାର୍ଟର ଫାଇନାଲରେ ଭାରତ



**ହୋର୍ସେନ୍ସ (ଏଜେନ୍ସି) :** ଭାରତୀୟ ପୁରୁଷ ଦଳ ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖି ସୋମବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ଏ ମୁକାବିଲାରେ ଅଷ୍ଟ୍ରେଲିଆକୁ ୫-୦ରେ କଡ଼ା ପରାଜୟ ଦେଇ ଥୋମାସ୍ କପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି। ଭାରତ ଏବଂ ଚୀନ୍ ଏହି ଗ୍ରୁପ୍‌ରେ ଶୀର୍ଷରେ ରହିଛନ୍ତି। ୨୦୨୨ର ଚାମ୍ପିୟନ ଭାରତ, କାନାଡା ବିପକ୍ଷରେ ୪-୧ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଚୀନ୍ ନିଜର ପ୍ରଥମ ମୁକାବିଲାରେ ଅଷ୍ଟ୍ରେଲିଆକୁ ୫-୦ରେ ହରାଇଥିଲା। ସୋମବାର ସେ କାନାଡାକୁ ୪-୧ରେ ପରାସ୍ତ କରିଛି। ଭାରତ ଏବଂ ଚୀନ୍ ଏବେ ବୁଧବାର ଦିନ ନିଜର ଅନ୍ତିମ ଗ୍ରୁପ୍ ମୁକାବିଲାରେ ପରସ୍ପରର ସାମ୍ନା କରିବେ, ଯେଉଁଥିରେ ଗ୍ରୁପ୍‌ର ଶୀର୍ଷ ସ୍ଥାନ ନିର୍ଣ୍ଣୟ ହେବ। ପ୍ୟାରିସ୍ ଅଲିମ୍ପିଆନ୍ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍, ଏଫ୍ରେମ୍ ଷ୍ଟିଫେନ୍ ସାମଙ୍କୁ ୨୧-୧୪, ୨୧-୧୬ରେ ହରାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ୟୁଏସ୍ ଓପନ୍ ଚାମ୍ପିୟନ ଏବଂ ନିକଟରେ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ଉପ-ବିଜେତା ରହିଥିବା ଆୟୁଷ ଶେଟ୍ଟୀ, ଶ୍ରେୟ ଲାଲଙ୍କୁ ୨୧-୮, ୨୧-୬ରେ ସହଜରେ ପରାସ୍ତ କରି ଭାରତର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ଶେଟ୍ଟୀଙ୍କ ଭାରତର ଶୀର୍ଷ ଯୁଗଳ ଯୋଡ଼ି ରିଜକି ହିଦାୟତ ଏବଂ ଜାକ୍ ୟୁଙ୍କୁ ୨୧-୧୪, ୨୧-୧୬ରେ ହରାଇ ସ୍କୋରକୁ ୩-୦ କରିଥିଲେ। ଏହାଦ୍ୱାରା ଭାରତର କ୍ୱାର୍ଟର ଫାଇନାଲରେ ସ୍ଥାନ ସୁନିଶ୍ଚିତ ହୋଇଗଲା। ବିଶ୍ୱ ଚାମ୍ପିୟନଶିପ୍ ୨୦୨୩ ଏବଂ ଏସୀୟ କ୍ରୀଡ଼ାର କାଂସ୍ୟ ପଦକ ବିଜେତା ଏଚ୍.ଏସ୍. ପ୍ରଣୟ ଅଧ ଘଣ୍ଟାରୁ ମଧ୍ୟ କମ୍ ସମୟ ମଧ୍ୟରେ ରଷି ହୋଣ୍ଡା ଭୂପତିଙ୍କ ଉପରେ ୨୧-୧୧, ୨୧-୧୭ରେ ବିଜୟ ହାସଲ କରିଥିଲେ। ହରିହରନ ଅମସାକରୁନନ ଏବଂ ଏମ୍.ଆର. ଅର୍ଜୁନ ଦ୍ୱିତୀୟ ଯୁଗଳ ମୁକାବିଲାରେ ଏଣ୍ଟିକା ରାମାଡିଆନ୍ସା ଏବଂ ଏଫ୍ରେମ୍ ଷ୍ଟିଫେନ୍ ସାମଙ୍କୁ ୨୧-୧୨, ୨୧-୧୦ରେ ପରାସ୍ତ କରିଥିଲେ, ଯାହା ଫଳରେ ଭାରତ ଏହି ମୁକାବିଲାରେ କ୍ଲିନ୍ ସୁଇପ୍ କରିବାରେ ସଫଳ ହୋଇଥିଲା।

## ଟିୟୁସି ୨୦୨୬

# ୟୁକ୍ରେନକୁ ୪-୧ରେ ପରାସ୍ତ କଲା ଭାରତୀୟ ମହିଳା ଦଳ

**ନୂଆଦିଲ୍ଲୀ(ଏଜେନ୍ସି) :** ଡେନମାର୍କର ହର୍ସେନ୍ସଠାରେ ଅନୁଷ୍ଠିତ ଥୋମାସ ଏବଂ ଉବର କପ୍ ୨୦୨୬ର ଦ୍ୱିତୀୟ ଗ୍ରୁପ୍-ଏ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୟୁରୋପୀୟ ଚାମ୍ପିୟନସିପ୍ କାଂସ୍ୟ ପଦକ ବିଜେତା ୟୁକ୍ରେନକୁ ୪-୧ ବ୍ୟବଧାନରେ ପରାସ୍ତ କରି ନିଜର ପ୍ରଥମ ବିଜୟ ପଞ୍ଜିକୃତ କରିଛି। ଏହି ମ୍ୟାଚରେ ଦଳ ପୂର୍ବତନ ବିଶ୍ୱ ଚାମ୍ପିୟନ ପିଭି ସିନ୍ଧୁଙ୍କୁ ସିଙ୍ଗଲ୍ସରେ ବିଶ୍ରାମ ଦେଇଥିଲା ଏବଂ ୨୦୨୬ ଥାଇଲ୍ୟାଣ୍ଡ ମାଷ୍ଟର୍ସ ବିଜେତା ଦେବିକା ସିହାଗଙ୍କୁ ତୃତୀୟ ସିଙ୍ଗଲ୍ସରେ ଖେଳିବାକୁ ସୁଯୋଗ ଦେଇଥିଲା। ଭାରତ ପକ୍ଷରୁ ଉନ୍ନତି ହୁଡା ପୋଲିନା ବୁହ୍ରୋଭାଙ୍କୁ ୨୧-୧୯, ୨୨-୨୦ରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲେ। ଏହାପରେ ଜୁନିୟର ବିଶ୍ୱ ଚାମ୍ପିୟନସିପ୍ ରୌପ୍ୟ ପଦକ ବିଜେତା ତନଭୀ ଶର୍ମା ୨୧-୧୨, ୧୭-୨୧, ୨୧-୧୦ରେ ୟେଭେନିଆ କାଣ୍ଟେମିରଙ୍କୁ ହରାଇ ଭାରତର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ପରେ ଦେବିକା ମାରିଆ ଷ୍ଟୋଲିଆରେଙ୍କୋଙ୍କୁ ୨୩-୨୧, ୨୧-୧୩ରେ ପରାସ୍ତ କରି ଭାରତର ବିଜୟ ସୁନିଶ୍ଚିତ କରିଥିଲେ। ଭାରତ ପାଇଁ ଏକମାତ୍ର ପରାଜୟ ପ୍ରଥମ ମହିଳା ଡବଲ୍ସରେ ଆସିଥିଲା, ଯେଉଁଠାରେ କବିପ୍ରିୟା ସେଲଭମ ଏବଂ ସିମରନ ସିଙ୍ଘୀ ୧୧-୨୧, ୧୭-୨୧ ବ୍ୟବଧାନରେ ବୁହ୍ରୋଭା ଏବଂ କାଣ୍ଟେମିରଙ୍କ ନିକଟରୁ ହାରିଯାଇଥିଲେ। ଶେଷରେ ସିନ୍ଧୁ ଏବଂ ତନିଶା କ୍ରାଷ୍ଟୋ ଷ୍ଟୋଲିଆରେଙ୍କୋ ଏବଂ ସୋଫିଆ ଲାଭ୍ରୋଭାଙ୍କୁ ୨୧-୧୮, ୨୧-୧୫ରେ ପରାସ୍ତ କରି ଭାରତର ସ୍କୋରକୁ ୪-୧ରେ ପହଞ୍ଚାଇଥିଲେ। ଏବେ ଭାରତୀୟ ମହିଳା ଦଳ ସେମାନଙ୍କ ଶେଷ ଗ୍ରୁପ୍ ମ୍ୟାଚ୍‌ରେ ସୋମବାର ଶକ୍ତିଶାଳୀ ଚୀନ୍‌କୁ ଭେଟିବ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଏହି ଡିଫେଣ୍ଡିଂ ଚାମ୍ପିୟନ ଦଳକୁ ହରାଇବାକୁ ପଡ଼ିବ। ଏହା ପୂର୍ବରୁ, ପୂର୍ବତନ ଚାମ୍ପିୟନ ଭାରତୀୟ ପୁରୁଷ ଦଳ କାନାଡାକୁ ୪-୧ରେ ପରାସ୍ତ କରି ଚମତ୍କାର ଭାବେ ନିଜର ଅଭିଯାନ ଆରମ୍ଭ କରିଥିଲେ। ଅନ୍ୟପଟେ ମହିଳା ଦଳ ସେମାନଙ୍କ ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ୟୁରୋପୀୟ ରୌପ୍ୟ ପଦକ ବିଜେତା ଡେନମାର୍କ ନିକଟରୁ ୨-୩ରେ ପରାସ୍ତ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନସିପ୍ କାଂସ୍ୟ ପଦକ ବିଜେତା ଭିକ୍ଟର ଲାଇଙ୍କ ନିକଟରୁ ଲକ୍ଷ୍ୟ ସେନଙ୍କ ପରାଜୟକୁ ପଛରେ ପକାଇ, ଅନ୍ୟ ସମସ୍ତ ଭାରତୀୟ ଖେଳାଳି ସେମାନଙ୍କ ମ୍ୟାଚ୍‌କୁ ସିଧାସଳଖ ଗେମ୍‌ରେ ଜିତି ଦଳକୁ କ୍ୱାର୍ଟର ଫାଇନାଲ ଟିକେଟ୍‌ର ନିକଟତର କରିଥିଲେ। ଲକ୍ଷ୍ୟ ସେନ ଏବଂ ଭିକ୍ଟର ଲାଇଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରଥମ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ଟି ବେଶ ଆକର୍ଷଣୀୟ ଥିଲା, କାରଣ ନିକଟରେ ଶେଷ ହୋଇଥିବା ଅଲ୍ ଇଂଲଣ୍ଡ ଚାମ୍ପିୟନସିପ୍‌ରେ ଉଭୟଙ୍କ ମଧ୍ୟରେ ଏକ ଦୀର୍ଘ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା ଯେଉଁଥିରେ ଭାରତୀୟ ଖେଳାଳି ବିଜୟୀ ହୋଇଥିଲେ। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ସେନ୍ ପ୍ରଥମ ଗେମ୍‌ରେ ୧୧-୫ରେ ଅଗ୍ରଣୀ ହୋଇ ଦୃଢ଼ ଶୁଭାରମ୍ଭ କରିଥିଲେ ଏବଂ ପ୍ରତିପକ୍ଷଙ୍କୁ ପରାସ୍ତ କରି ପ୍ରଥମେ ସଫଳତା ପାଇଥିଲେ। କିନ୍ତୁ ଦ୍ୱିତୀୟ ଗେମ୍‌ରେ ଲାଇ ଆଧିପତ୍ୟ ବିସ୍ତାର କରିଥିଲେ, ଯଦିଓ ଭାରତୀୟ ଖେଳାଳି ପ୍ରଥମେ ୧୨-୧୨ ଏବଂ ପରେ ୧୯-୧୯ରେ ସ୍କୋର ସମାନ କରିବାକୁ ସକ୍ଷମ ହୋଇଥିଲେ। ତଥାପି, ସେନ୍ ଦୁଇଟି ଗେମ୍ ମଧ୍ୟରେ ମ୍ୟାଚ୍ ଶେଷ କରିପାରିନଥିଲେ ଏବଂ ଲାଇ ତୃତୀୟ ଗେମ୍‌ରେ ପ୍ରାଧାନ୍ୟ ବିସ୍ତାର କରି ୧୮-୨୧, ୨୧-୧୯, ୨୧-୧୦ରେ ବିଜୟୀ ହୋଇ କାନାଡାକୁ ଅଗ୍ରଣୀ କରାଇଥିଲେ। ଏହି ମ୍ୟାଚ୍‌ଟି ଏକ ଘଣ୍ଟା ୧୧ ମିନିଟ୍ ଧରି ଚାଲିଥିଲା।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakabati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website : www.nishkarsha.com
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
Editor : TAPAN KUMAR SAHOO
ସମ୍ପାଦକ : ତପନ କୁମାର ସାହୁ